# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଜୁନ୍ ୨୯/୨୦୨୨ (୧୬ ପୃଷ୍ଠା) Berhampur, Wednesday, June 29/2022 Page 16 ₹ 7.00 ★★★

୧୮ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-





**ଆରାଧ୍ୟାଙ୍କ ବିରଳ ସଫଳତା**

ଭୁବନେଶ୍ୱରର ୯ ବର୍ଷୀୟା ଆରାଧ୍ୟା ଜେନା ୬ ଦିନ ମଧ୍ୟରେ ୬ଟି ପାହାଡ଼ ଚଢ଼ି ଏକ ବିରଳ ସଫଳତାର ଅଧିକାରୀ ହୋଇଛନ୍ତି। **୧୬**

**୧୨** **ଷ୍ଟାର୍‌କିଡ୍‌ଙ୍କୁ ମିଳେ ଅଧିକ ସୁଯୋଗ**

ଅନ୍ୟ କଳାକାରଙ୍କ ତୁଳନାରେ ଷ୍ଟାରକିଡ୍‌ଙ୍କୁ ବଲିଉଡ୍‌ରେ କାମ କରିବାର ଅଧିକ ସୁଯୋଗ ମିଳୁଥିବା ହିନ୍ଦୀ ଚଳଚ୍ଚିତ୍ର ନାୟିକା ଈଶା ଗୁପ୍ତା କହିଛନ୍ତି।




# ନୂପୁରଙ୍କୁ ସମର୍ଥନ କରିବାରୁ ମୁଣ୍ଡକାଟ



ଦୁଇ ଅଭିଯୁକ୍ତ

- ଉଦୟପୁରରେ ନାରକୀୟ କାଣ୍ଡ: ୨ ଗିରଫ
- ହତ୍ୟା ବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ
- ଶାନ୍ତି ବଜାୟ ରଖିବାକୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ ଗେହଲଟ

**ଜୟପୁର,୨୮।୬:** ରାଜସ୍ଥାନର ଉଦୟପୁରରେ ଏକ ବୀଭତ୍ସ ଘଟଣା ଘଟିଛି। ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ସମର୍ଥନ କରିବାରୁ ଧାନମଣ୍ଡି ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ ଜଣେ ଦରଜିଙ୍କୁ ମୁଣ୍ଡ କାଟି ହତ୍ୟା କରାଯାଇଛି। ସଂଖ୍ୟାଲଘୁ ସମୁଦାୟର ଜଣେ ବ୍ୟକ୍ତି ଧାରୁଆ ଅସ୍ତ୍ରରେ ଟେଲର କହ୍ନେୟା ଲାଲ ତେଲିଙ୍କ ଦୋକାନକୁ ଯାଇ ତାଙ୍କ ଶିରଚ୍ଛେଦ କରିଥିବାବେଳେ ଅଭିଯୁକ୍ତଙ୍କ ସହଯୋଗୀ ମୋବାଇଲରେ ଅପରାଧ ବେଳର ଦୃଶ୍ୟ ରେକର୍ଡ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ନିଜ ଅପରାଧ ସ୍ୱୀକାର କରିଛନ୍ତି। ଏହି ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ପ୍ରତିବାଦରେ ଦୋକାନ ବଜାରଗୁଡ଼ିକୁ ବନ୍ଦ କରିଦିଆଯାଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହାର ନିନ୍ଦା କରିବା ସହ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସମସ୍ତ ପକ୍ଷଙ୍କୁ ଶାନ୍ତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଭିଟାମିନ୍ ଓ ସ୍ୱାସ୍ଥ୍ୟ

# ପ୍ରେମ କରିବାରୁ ଝିଅକୁ ହତ୍ୟା

## ଥାନାରେ ଆତ୍ମସମର୍ପଣ କଲେ ମା'

**ବାଲେଶ୍ୱର ଅଫିସ, ୨୮।୬**

ପ୍ରେମ ନ କରିବାକୁ ନାବାଳିକା ଝିଅକୁ ବାରମ୍ବାର ବାରଣ କରିବା ପରେ ବି ମାନିଲାନି। ଶେଷରେ ଅତିଷ୍ଠ ହୋଇ ଝିଅକୁ ତଣ୍ଟିଚିପି ହତ୍ୟା କଲେ ବୋଲି ଜଣେ ମା' ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ଟାଉନ ଥାନାରେ ଆତ୍ମସମର୍ପଣ କରି ଏଭଳି ଚାଞ୍ଚଲ୍ୟକର ବୟାନ ଦେଇଥିବା ବିଶେଷସୂତ୍ରରୁ ଜାଣିବାକୁ ମିଳିଛି। ଉକ୍ତ ମହିଳାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବାବେଳେ ଏନେଇ ଟାଉନ ଥାନା ଅଧିକାରୀ କିଛି କହିବାକୁ ମନା କରିଦେଇଛନ୍ତି। ଏଭଳି ଘଟଣା ଜଣାପଡ଼ିବା ପରେ ବାଲେଶ୍ୱର ଟାଉନ ଥାନା ପୁଲବଜାର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁସାରେ ପୁଲବଜାର ଅଞ୍ଚଳର ବେବି ବିବିଙ୍କ ୧୫ବର୍ଷୀୟା ଝିଅ ଜଣେ ପୁଅକୁ ଭଲ ପାଉଥିଲେ। ଏକଥା ଜାଣିବା ପରେ ଉଭୟ ମା'ବାପା ଝିଅକୁ ତାଗିଦ୍ କରିଥିଲେ। ଏହାକୁ ନେଇ ଘରେ ବିଭିନ୍ନ ସମୟରେ ଅଶାନ୍ତି ମଧ୍ୟ ଦେଖାଦେଉଥିଲା। ମା'ବାପାଙ୍କ ବାରଣକୁ ଖାତିର ନ କରିବାରୁ ଅତିଷ୍ଠ ହୋଇ ମା' ଗତ ୨୫ତାରିଖ ☞ପୃଷ୍ଠା-୪


**ସକାଳ ୮ରୁ ନବଯୌବନ ଦର୍ଶନ**

**ଶହେ ଟପିଲା କରୋନା** ପୃଷ୍ଠା-୩

**ସାତକୋଶିଆରେ ଅସୁସ୍ଥ ହାତୀର ମୃତ୍ୟୁ** ପୃଷ୍ଠା-୫














## ସଂକ୍ଷେପରେ

### ୟୁକ୍ରେନ୍‌ର ଆତ୍ମସମର୍ପଣରେ ରୁଷିଆ ଅଭିଯାନ ଶେଷ ହେବ: କ୍ରେମଲିନ୍

ମସ୍କୋ, ୨୮।୬: ୟୁକ୍ରେନ୍ ଆତ୍ମସମର୍ପଣ କଲେ ହିଁ ସେଠାରେ ରୁଷିଆ ଚଳାଇଥିବା ଅଭିଯାନ ଶେଷ ହେବ ବୋଲି ମଙ୍ଗଳବାର କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ କହିଛନ୍ତି। ତେଣୁ କିଭ୍ ଏହାର ସୈନ୍ୟମାନଙ୍କୁ ଅସ୍ତ୍ର ଛାଡ଼ିବାକୁ କହିବା ସହ ମସ୍କୋର ଦାବି ମାନୁ ବୋଲି ପେସ୍‌କୋଭ୍ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ସୋମବାର ରୁଷିଆ ପକ୍ଷରୁ ୟୁକ୍ରେନ୍‌ର କ୍ରେମେନଚୁକ୍‌ରେ ଥିବା ଏକ ମଲ୍‌ରେ ରକେଟ୍ ମାଡ଼ କରାଯିବା ଯୋଗୁ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୬୦ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରୁଷିଆ ଯୋଜନାବଦ୍ଧ ଭାବେ ଏଭଳି ଆତଙ୍କବାଦୀ ଆକ୍ରମଣ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ଜି-୭ ରାଷ୍ଟ୍ରଗୁଡ଼ିକ ମଧ୍ୟ ୟୁକ୍ରେନ୍ ମଲ୍ ଉପରେ ଆକ୍ରମଣକୁ ନିନ୍ଦା କରିଛନ୍ତି। ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଥିବା ରୁଷିଆ କେବେ ଏହି ଯୁଦ୍ଧ ଜିତିବ ନାହିଁ କିମ୍ବା ଜିତିବା ଉଚିତ ନୁହେଁ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କହିଛନ୍ତି। ଏଥିସହ ୟୁରୋପୀୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ଅଧିକ ସହାୟତା ଯୋଗାଇବା ପାଇଁ ମାକ୍ରଁ ନିବେଦନ କରିଛନ୍ତି।

### ବାଇଡେନ୍‌ଙ୍କ ସ୍ତ୍ରୀ, ଝିଅଙ୍କୁ ରୁଷିଆ ମନା

**ମସ୍କୋ, ୨୮।୬:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍ ଏବଂ ଝିଅ ଆଶ୍‌ଲେଙ୍କ ଉପରେ ରୁଷିଆ ମଙ୍ଗଳବାର ବ୍ୟାନ୍ ଲଗାଇଛି। ଏଥିସହ ଆଉ ୨୩ ଜଣ ଆମେରିକୀୟ ମଧ୍ୟ ରୁଷିଆ ଗସ୍ତ କରିପାରିବେ ନାହିଁ ବୋଲି ମସ୍କୋ ପକ୍ଷରୁ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରେ ୪ ସିନେଟର ଓ 'ଦି ଏଣ୍ଡ୍ ଅଫ୍ ହିଷ୍ଟ୍ରି ଆଣ୍ଡ୍ ଦି ଲାଷ୍ଟ୍ ମ୍ୟାନ୍'ର ଲେଖକ ଫ୍ରାନ୍ସିସ୍ ଫୁକୁୟାମା ରହିଛନ୍ତି।

### କଲମ୍ବିଆରେ ୪୯ କଏଦୀଙ୍କ ପ୍ରାଣହାନି

**ବୋଗୋଟା,୨୮।୬:** କଲମ୍ବିଆ ସାଉଥ୍‌ୱେଷ୍ଟର୍ନର ଟୁଲୁଆ ଜେଲରୁ ଲୁଚି ପଳାଇବା ପାଇଁ ଉଦ୍ୟମ କରିବା ସମୟରେ ୪୯ ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ନ୍ୟାଶନାଲ ପ୍ରିଜନ୍ସ ଏଜେନ୍ସି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା କୁହାଯାଇଛି। ଜେଲରେ କୌଣସି କାରଣରୁ ନିଆଁ ଲାଗିବା ପରେ ସେଠାରେ ଥିବା କଏଦୀ ଜେଲରୁ ଲୁଚି ପଳାଇବା ପାଇଁ ଉଦ୍ୟମ କରିଥିବା ଖବର ପ୍ରକାଶ ପାଇଛି। ଏ ନେଇ ରାଷ୍ଟ୍ରପତି ଇଭାନ ଡ୍ୟୁକ୍ ଟୁଇଟରରେ ପୋଷ୍ଟ ଶେୟାର କରି ମୃତକଙ୍କ ପରିବାକୁ ସମବେଦନା ଜଣାଇଛନ୍ତି।

### ବ୍ରିକ୍ସରେ ସାମିଲ ପାଇଁ ଇରାନ, ଆର୍ଜେଣ୍ଟିନାର ଆବେଦନ

**ତେହରାନ, ୨୮।୬:** ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସରେ ସାମିଲ ହେବା ପାଇଁ ଇରାନ୍ ଏବଂ ଆର୍ଜେଣ୍ଟିନା ଆବେଦନ କରିଛନ୍ତି। ଏହି ଦୁଇ ଦେଶ ବ୍ରିକ୍ସରେ ମିଶିବା ପରେ ଉଭୟ ପକ୍ଷର ଗୁରୁତ୍ୱ ବଢ଼ିବ ବୋଲି ଇରାନ ଓ ଆର୍ଜେଣ୍ଟିନା ପକ୍ଷରୁ କୁହାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ଆବେଦନ ସମ୍ପର୍କରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ସପ୍ତାହରେ ଭିଡିଓ କନଫରେନ୍ସ ଜରିଆରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଚାଇନା ଏହାକୁ ଆୟୋଜନ କରିଥିଲା। ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକାରେ ବ୍ରିକ୍ସ ସମ୍ମିଳନୀ ଆୟୋଜିତ ହେବ।



ଭଗ୍ନାବଶେଷରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ମୁମ୍ବାଇରେ ବିଲ୍ଡିଂ ଭୁଶୁଡ଼ିଲା: ୧୯ ମୃତ

ମୁମ୍ବାଇ, ୨୮।୬

ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇର କୁରଲା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକ କୋଠା ଭୁଶୁଡ଼ି ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ଅନେକେ ଆହତ ହୋଇଛନ୍ତି। ଆହତଙ୍କୁ ଘାଟକୋପରର ରାଜାୱାଡ଼ି ଏବଂ ସିଓନରେ ଥିବା ଏଲ୍‌ଟିଏମ୍‌ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଅଧିକାରୀଙ୍କ ସୂଚନା ଅନୁସାରେ, ନାଏକ ନଗର ସୋସାଇଟିରେ ଥିବା ଏହି ୪ ମହଲା ବିଶିଷ୍ଟ ବିଲ୍ଡିଂର ସମସ୍ତ ମହଲା ରାତିରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ମୁମ୍ବାଇ ଅଗ୍ନିଶମ କର୍ମଚାରୀ ଏବଂ ଅନ୍ୟ ଉଦ୍ଧାରକାରୀ ଟିମ୍ ଭଗ୍ନାବଶେଷ ତଳେ ଚାପି ହୋଇଥିବା ଲୋକଙ୍କୁ ଉଦ୍ଧାର କରିଥିଲେ।

ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡରୁ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ଘୋଷଣା କରିଛନ୍ତି। କୁରଲା ବିଧାୟକ ତଥା ଶିବସେନା ବିଦ୍ରୋହୀ ମଙ୍ଗେଶ କୁଦଲକର ମଧ୍ୟ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଏବଂ ଆହତଙ୍କ ଚିକିତ୍ସା ନିମନ୍ତେ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ ନିମନ୍ତେ ଏକ ଟୁଇଟ୍ କରିଛନ୍ତି। ସ୍ଥାନୀୟ ଅଧିକାରୀଙ୍କ ଅନୁସାରେ, ୫ ଦଶନ୍ଧି ପୁରୁଣା କୋଠାଟିର ଅବସ୍ଥା ଭଲ ନ ଥିବା ନେଇ ବାରମ୍ବାର ସେଠାରେ ରହୁଥିବା ଲୋକଙ୍କୁ ସତର୍କ କରାଯାଇଥିଲା। ଏହା ସତ୍ତ୍ୱେ ସେମାନେ ସେଠାରେ ରହୁଥିଲେ। ବିଲ୍ଡିଂ ଭୁଶୁଡ଼ିବା ସୂଚନା ପାଇ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଭଗ୍ନାବଶେଷ ତଳେ ଆଉ କେହି ଫସିଥିବା ଆଶଙ୍କାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଅନୁକମ୍ପା ରାଶି ଘୋଷଣା କଲେ ବିଦ୍ରୋହୀ ବିଧାୟକ**

# ବିଦ୍ରୋହୀଙ୍କୁ ଡାକିଲେ ଉଦ୍ଧବ

ମୁମ୍ବାଇ/ଗୁଆହାଟୀ,୨୮।୬

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଗୁଆହାଟୀରେ ବିଦ୍ରୋହୀ ସେନାପତି ଏକନାଥ ସିନ୍ଦେଙ୍କ ସହ ଅବସ୍ଥାନ କରୁଥିବା ୪୦ ବିଧାୟକଙ୍କୁ ମଙ୍ଗଳବାର ଏକ ଆବେଗପୂର୍ଣ୍ଣ ପତ୍ର ଲେଖି ଫେରିଆସିବାକୁ ଅନୁରୋଧ କରିଛନ୍ତି। ଉଦ୍ଧବ ଏଥିରେ ଉଲ୍ଲେଖ କରିଛନ୍ତି, ଆମେ ସମସ୍ତେ ଶିବସେନା ପରିବାର ସଦସ୍ୟ। ଏହାକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱ ରହିବା ଅନୁଚିତ। ଆପଣମାନେ କିଛିଦିନ ହେଲା ଗୁଆହାଟୀରେ ଫସିରହିଛନ୍ତି। ଆପଣମାନଙ୍କ ମଧ୍ୟରୁ କେତେଜଣ ମୋ ସହ ଯୋଗାଯୋଗରେ ଅଛନ୍ତି। ତଥାପି ଆପଣମାନଙ୍କୁ ନେଇ ମୁଁ ଚିନ୍ତିତ। କାହା କଥାରେ ପଡ଼ନ୍ତୁ ନାହିଁ। ଶିବସେନା ଭଳି ସମ୍ମାନ ଅନ୍ୟ କୌଣସି ଦଳରେ ମିଳିବ ନାହିଁ। ମୁମ୍ବାଇକୁ ଫେରିଆସନ୍ତୁ। ଆଲୋଚନା କରି ସମାଧାନର ପନ୍ଥା ବାହାର କରିବା।



ଉଦ୍ଧବ ଓ ତାଙ୍କ ସହ ଥିବା ୧୫ ବିଧାୟକ ଦଳରେ ବିଭାଜନ ଏଡ଼ାଇବା ପାଇଁ ପୂର୍ବରୁ ମଧ୍ୟ ବିଦ୍ରୋହୀମାନଙ୍କୁ ଫେରିବାକୁ ନିବେଦନ କରିଛନ୍ତି। ସେହିପରି ଉଦ୍ଧବଙ୍କ ସ୍ତ୍ରୀ ରଶ୍ମି ଠାକ୍‌ରେ ମଧ୍ୟ ବିଦ୍ରୋହୀ ବିଧାୟକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଅନୁରୂପ ମେସେଜ୍ ପଠାଇଥିବା ଜଣାପଡ଼ିଛି।

## ଗୁରୁବାର ଫେରିବେ ସିନ୍ଦେ

ଶିବସେନାର ୧୫ ବିଦ୍ରୋହୀ ବିଧାୟକଙ୍କୁ ଜୁଲାଇ ୧୨ ପର୍ଯ୍ୟନ୍ତ ଅଯୋଗ୍ୟ ଘୋଷଣା ନୋଟିସ ଉପରେ ଜବାବ ଦେବାକୁ ସୁପ୍ରିମକୋର୍ଟ ସୁଯୋଗ ଦେବାର ଦିନକ ପରେ ଶିବିରର ସେନାପତି ଏକନାଥ ସିନ୍ଦେ ଗଣମାଧ୍ୟମକୁ ସାମ୍ନା କରିଛନ୍ତି। ବିଦ୍ରୋହୀ ନେତା ସିନ୍ଦେ ଆସାମ ଯିବାର ୬ ଦିନ ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ଆଗରେ ମୁହଁ ଦେଖାଇଛନ୍ତି। ଗୁଆହାଟୀରେ ବିଦ୍ରୋହୀ ବିଧାୟକମାନେ ଅବସ୍ଥାନ କରୁଥିବା ରେଡିସନ୍ ବ୍ଲୁ ହୋଟେଲ ବାହାରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସିନ୍ଦେ କହିଛନ୍ତି, ମୋ ସହ ୫୦ ଜଣ ଅଛନ୍ତି। ସେମାନେ ହିନ୍ଦୁତ୍ୱ ପାଇଁ ସ୍ୱଇଚ୍ଛାରେ ଗୁଆହାଟୀକୁ ଆସିଛନ୍ତି। ଆମେ ବାଲାସାହେବ ଠାକ୍‌ରେଙ୍କ ହିନ୍ଦୁତ୍ୱ ଲିଗାସି ଆଗକୁ ବଢ଼ାଇବୁ। ହିନ୍ଦୁତ୍ୱ ସୁରକ୍ଷା



ପ୍ରଥମ ଲକ୍ଷ୍ୟ। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ନିଜ ସମର୍ଥକ ବିଧାୟକମାନଙ୍କ ସହ ଗୁରୁବାର ମୁମ୍ବାଇ ଫେରିବେ ବୋଲି ସୂଚନା ଦେଇଛନ୍ତି। ସିନ୍ଦେ ଗୁରୁବାର ମହାରାଷ୍ଟ୍ର ରାଜ୍ୟପାଳ ଭଗତସିଂ କୋଶିୟାରୀଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ।

# ସମୁଦ୍ରରେ ଖସିପଡ଼ିଲା ହେଲିକପ୍ଟର: ୪ ମୃତ



ମୁମ୍ବାଇ, ୨୮।୬

- ଆରବ ସାଗରରେ ପବନ ହଂସ ଦୁର୍ଘଟଣାଗ୍ରସ୍ତ
- ଓଏନ୍‌ଜିସିର ୩ କର୍ମଚାରୀଙ୍କ ସମେତ ୯ ଜଣ ଥିଲେ

ଓଏନ୍‌ଜିସି ସାଗର କିରନ୍ ଅଏଲ୍-ରିଗ୍ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଆରବ ସାଗରରେ ପବନ ହଂସ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅଉ ୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଓଏନ୍‌ଜିସିର ୩ ଜଣ କର୍ମଚାରୀ ରହିଛନ୍ତି।

ପବନ ହଂସର ନୂଆ ସିକୋର୍‌ସ୍କାଏ ଚପ୍ପର ଏସ୍-୭୬ଡି'ରେ ୨ ପାଇଲଟ୍‌ଙ୍କ ସମେତ ୭ ଜଣ ଯାତ୍ରୀ ଥିଲେ। ଓଏନ୍‌ଜିସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ହେଲିକପ୍ଟରଟି ଆରବ ସାଗରରେ ଜରୁରୀ ଅବତରଣ କରିଥିଲା। କମ୍ପାନୀ ପକ୍ଷରୁ ଭାରତୀୟ ନୌସେନା ଏବଂ ଉପକୂଳ ଜଗୁଆଳିଙ୍କୁ ଏ ନେଇ ସୂଚନା ଦିଆଯିବା ପରେ ସର୍ଚ୍ଚ ଓ ଉଦ୍ଧାର କରାଯାଇଥିଲା। ଅପରାହ୍ନ ୨ ଟା ସୁଦ୍ଧା ସମସ୍ତ ୯ ଜଣଙ୍କୁ ରେସ୍କ୍ୟୁ ପରେ ମୁମ୍ବାଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ୪ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଚପ୍ପରଟି କାହିଁକି ସମୁଦ୍ରରେ ଜରୁରିକାଳୀନ ଅବତରଣ କଲା ତାହା ଜଣାପଡ଼ିନାହିଁ। ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ତୈଳ କମ୍ପାନୀ ଓଏନ୍‌ଜିସି କହିଛି।

## ସଞ୍ଜୟ ରାଉତ୍‌ଙ୍କ ଇଡିର ସାନି ନୋଟିସ

ଶିବସେନା ଏମ୍‌ପି ସଞ୍ଜୟ ରାଉତ୍‌ଙ୍କୁ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ପୁଣି ଥରେ ସମନ କରାଯାଇଛି। ଜୁଲାଇ ୧ରେ ହାଜର ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟରେ ହାଜର ହେବାକୁ ଏଥିରେ କୁହାଯାଇଛି। ଏହା ପୂର୍ବରୁ ଇଡି ଏକ ମନିଲଣ୍ଡରିଂ ମାମଲାରେ ତାଙ୍କୁ ସମନ ଜାରି କରିଥିଲା। ମୁମ୍ବାଇର ଏକ ବସ୍ତି ଉନ୍ନତୀକରଣରେ ଦୁର୍ନୀତି ସମ୍ପର୍କିତ ଏହି ମାମଲାରେ



ସଞ୍ଜୟଙ୍କ ସ୍ତ୍ରୀ ଓ ସହଯୋଗୀମାନଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ତେବେ ସଞ୍ଜୟ ଏହାକୁ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରି ହାଜର ହେବାକୁ ମନା କରିଦେଇଥିଲେ। ସଞ୍ଜୟଙ୍କ ଓକିଲ ହାଜର ହେବା ପାଇଁ ୨ ସପ୍ତାହ ସମୟ ମାଗିଛନ୍ତି। ସାନି ନୋଟିସକୁ ନେଇ ଶିବସେନା କହିଛି, ମହାରାଷ୍ଟ୍ରର ଶାସକ ଦଳରେ ଭାଜପା ବିଦ୍ରୋହ ଘଟାଇ କ୍ଷମତାସୀନ ହେବାକୁ ଉଦ୍ୟମ କରୁଛି। ଏଥିସହ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ବିରୋଧରେ ଲଗାଇଛି।

## ଭାଜପା ଭୂମିକା ପଦାକୁ ଆସିଲା

ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ସରକାରରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଭାଜପା ଉଦ୍ୟମ କରୁନାହିଁ ବୋଲି ଦଳ ପକ୍ଷରୁ ବାରମ୍ବାର କୁହାଯାଉଥିଲେ ହେଁ ଭିତିରି କଥା ପଦାକୁ ଆସିଛି। ନୂଆଦିଲ୍ଲୀରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ ପୁନର୍ବାର କ୍ଷମତା ଦଖଲ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମନ୍ତ୍ରଣା କରୁଥିବା କୁହାଯାଉଛି। ଫଡ଼୍‌ନବିସ ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟି ରଣନୀତି ସ୍ଥିର କରିଛନ୍ତି। ଶିବସେନା ବିଦ୍ରୋହୀମାନେ ମହାରାଷ୍ଟ୍ରରୁ ପ୍ରଥମେ ଭାଜପା ଶାସିତ ଗୁଜରାଟରୁ ସୁରଟକୁ ଯାଇଥିଲେ। ସେଠାରୁ ସେମାନେ ଆସାମର ଗୁଆହାଟୀ ଗସ୍ତ କରିଥିଲେ। ଇତିମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ



ହିମନ୍ତ ବିଶ୍ୱଶର୍ମାଙ୍କୁ ବିଦ୍ରୋହୀ ରହୁଥିବା ହୋଟେଲରେ ଦେଖିବାକୁ ମିଳିଛି। ନିକଟରେ ଏକନାଥ ସିନ୍ଦେ କହିଥିଲେ, ତାଙ୍କ ବିଦ୍ରୋହକୁ ଏକ ଜାତୀୟ ଦଳ (ମହାଶକ୍ତି) ପ୍ରଶଂସା କରିଛି। ଆଗକୁ ସବୁ ପ୍ରକାର ସାହାଯ୍ୟର ପ୍ରତିଶ୍ରୁତି ଦେଇଛି।

## ଛାତ୍ରୀଙ୍କୁ ଭାଜପାରେ ଯୋଗଦେବାକୁ କହି ଫଂସିଲେ ପ୍ରିନ୍ସିପାଲ

ଅହମଦାବାଦ, ୨୮।୬

ଗୁଜରାଟର ଭାବନଗର ସ୍ଥିତ ଶ୍ରୀମତୀ ଏନ୍. ସି. ଗାନ୍ଧୀ ଏବଂ ବି. ଭି. ଗାନ୍ଧୀ ମହିଳା କଳା ଓ ବାଣିଜ୍ୟ ମହାବିଦ୍ୟାଳୟର ପ୍ରିନ୍ସିପାଲ ରଞ୍ଜନ ଗୋହିଲ ଛାତ୍ରୀମାନଙ୍କୁ ଭାଜପାରେ ଯୋଗଦେବାକୁ କହି ବିବାଦରେ ଫସିଛନ୍ତି। ଚାରିଆଡ଼ୁ ସମାଲୋଚିତ ହେବା ପରେ ଗୋହିଲଙ୍କୁ ସୋମବାର ତାଙ୍କ ପଦରୁ ଇସ୍ତଫା ଦେବାକୁ ପଡ଼ିଛି। ଗତ ୨୪ ତାରିଖରେ ସେ ଏକ ସର୍କୁଲାର ଜାରି କରି ଛାତ୍ରୀମାନଙ୍କୁ ସେମାନଙ୍କ ଫଟୋ ଆଣିବାକୁ କହିଥିଲେ। ଏଥିସହ ଭାବନଗର ମ୍ୟୁନିସିପାଲ କର୍ପୋରେଶନରେ ରହୁଥିବା ଛାତ୍ରୀମାନେ ଭାଜପା ଇଲେକ୍ଟୋରାଲ ପେଜ୍ କମିଟିର ସଦସ୍ୟ ହେବାକୁ ପଡ଼ିବ ବୋଲି କହିଥିଲେ। ଏହାକୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସମାଲୋଚନା କରାଯିବା ସହ ପିଲାମାନଙ୍କୁ ଜୋରଜବରଦସ୍ତ ଭାଜପାରେ ସାମିଲ କରାଯାଉଥିବା ଗୁଜରାଟ କଂଗ୍ରେସର ପୂର୍ବତନ ସଭାପତି ଅର୍ଜୁନ ମୋଢ଼ଭାଡିଆ କହିଥିଲେ। ଏହା ଛାତ୍ରୀମାନଙ୍କ ପ୍ରତି ଅପମାନ ବୋଲି ଗୁଜରାଟ ଆମ୍ ଆଦ୍‌ମୀ ପାର୍ଟି ସଭାପତି ଗୋପାଳ ଇଟାଲିଆ କହିଛନ୍ତି। ପ୍ରିନ୍ସିପାଲଙ୍କୁ ଏପରି ଚିଠି ପାଇଁ ଦଳ ପକ୍ଷରୁ କୁହାଯାଇ ନ ଥିବା ଭାବନଗର ଭାଜପା ସଭାପତି ରାଜୀବ ପାଣ୍ଡେ କହିଛନ୍ତି। କଲେଜରେ ଏଭଳି ରାଜନୈତିକ କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ ବୋଲି ମହାବିଦ୍ୟାଳୟ ଟ୍ରଷ୍ଟି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ୟୁଏଇ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି

ଆବୁଧାବି, ୨୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ମୋଦି ମେ' ୧୩ରେ ପରଲୋକ ଘଟିଥିବା ଉପସାଗରୀୟ ରାଷ୍ଟ୍ରର ପୂର୍ବତନ ରାଷ୍ଟ୍ରପତି ଶେଖ୍ ଖଲିଫା ବିନ୍ ଜାୟେଦ୍ ଅଲ୍ ନହୟାନ୍‌ଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ଜର୍ମାନୀରେ ଜି-୭ ସମ୍ମିଳନୀରେ ଅତିଥି ଭାବେ ଯୋଗ ଦେବା ପରେ ମୋଦି ୟୁଏଇ ଅଭିମୁଖେ ଗସ୍ତ କରିଥିଲେ। ଆବୁଧାବି ପ୍ରେସିଡେନ୍ସିଆଲ ଏୟାରପୋର୍ଟରେ ଶେଖ ମହମ୍ମଦ ମୋଦିଙ୍କୁ ସ୍ୱାଗତ କରିଥିଲେ। ଗତ ମାସରେ ଶେଖ ମହମ୍ମଦ ୟୁଏଇ ରାଷ୍ଟ୍ରପତି ହେବା ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ।



# 'ମୁସଲମାନ ବୋଲି ଟାର୍ଗେଟ କରାଯାଉଛି'

**ଜୁବୈରଙ୍କୁ ୪ ଦିନିଆ ରିମାଣ୍ଡରେ ନେଲା ପୋଲିସ**

ନୂଆଦିଲ୍ଲୀ, ୨୮।୬

ଧର୍ମୀୟ ଭାବାବେଗକୁ ଆଘାତ ଦେବା ଅଭିଯୋଗରେ ଗିରଫ ହୋଇଥିବା ଅଲ୍ଟ ନ୍ୟୁଜ୍ ୱେବସାଇଟ ଖବରଦାତା ମହମ୍ମଦ ଜୁବୈରଙ୍କୁ ୪ ଦିନ ପାଇଁ ରିମାଣ୍ଡରେ ନେବାକୁ ଦିଲ୍ଲୀର ଏକ କୋର୍ଟ ମଙ୍ଗଳବାର ପୋଲିସକୁ ଅନୁମତି ଦେଇଛନ୍ତି। ୨୦୧୮ରେ ସେ ହିନ୍ଦୁ ଠାକୁରଙ୍କ ଉପରେ କରିଥିବା ଏକ ଆପତ୍ତିଜନକ ଟୁଇଟ୍‌କୁ ନେଇ ସୋମବାର ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନାଁ ଏବଂ ଧର୍ମ (ମୁସଲମାନ)କୁ ନେଇ ତାଙ୍କୁ ଟାର୍ଗେଟ କରାଯାଇଥିବା ଜୁବୈର ଓ ତାଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର କୋର୍ଟରେ କହିଛନ୍ତି।

ଜାମିନ ପାଇଁ କୋର୍ଟରେ ଯୁକ୍ତି ଉପସ୍ଥାପନବେଳେ ଗ୍ରୋଭର କହିଥିଲେ, ଜୁବୈର ୨୦୧୮ ମାର୍ଚ୍ଚରେ ହୃଷୀକେଶ ମୁଖାର୍ଜୀଙ୍କ 'କିସି ସେ ନା କେହନା' ଫିଲ୍ମର ଏକ ଫଟୋ ଟୁଇଟ୍ କରିଥିଲେ। ଏଥିରେ ଏକ ହୋଟେଲର ସାଇନ୍‌ବୋର୍ଡ ରହିଥିଲା, ଯେଉଁଥିରେ 'ହନୁମାନ ହୋଟେଲ' ଲେଖାଯାଇଥିଲା। କିନ୍ତୁ ପେଣ୍ଟମାର୍କ ଅନୁସାରେ ତାହାର ନାଁ ପୂର୍ବରୁ 'ହନିମୁନ୍ ହୋଟେଲ' ଥିଲା। ଜୁବୈର ପୋଷ୍ଟ କରିଥିବା ଫଟୋରେ କ୍ୟାପସନ୍ ଲେଖିଥିଲେ, '୨୦୧୪ ପୂର୍ବରୁ: ହନିମୁନ ହୋଟେଲ, ୨୦୧୪ ପରେ ହନୁମାନ



ମହମ୍ମଦ ଜୁବୈର

ହୋଟେଲ'। ୨୦୧୪ରେ ଭାଜପା କେନ୍ଦ୍ରରେ ଶାସନକୁ ଆସିବାକୁ ନେଇ ଏହା ଏକ କଟାକ୍ଷ ବୋଲି କୁହାଯାଉଛି। ତେବେ ଜୁବୈର ଉକ୍ତ ଫଟୋକୁ ନିଜେ ଏଡିଟ୍ କରିଥିବା ପୋଲିସ କହୁଥିବାବେଳେ ତାଙ୍କ ଓକିଲ ଏହାକୁ ଭିତ୍ତିହୀନ ବୋଲି କହିଛନ୍ତି। ଏହି ପୋଷ୍ଟରେ ଜୁବୈର କାହାରି ଧର୍ମୀୟ ଭାବନାକୁ ଆଘାତ ଦେବା ଭଳି କଥା କହି ନ ଥିବା ଗ୍ରୋଭର ପ୍ରକାଶ କରିଛନ୍ତି। ଏହା କେବଳ ଏକ ପ୍ରକାର କମେଡି। କୌଣସି ଧାର୍ମିକ ସ୍ଥଳ କିମ୍ବା ଭାବନା ଉପରେ ତାହା ଆଧାରିତ ନୁହେଁ। ପୋଲିସ ନିଜ କ୍ଷମତାର ଦୁରୁପଯୋଗ କରିଥିବା ଗ୍ରୋଭର ଅଭିଯୋଗ କରିଛନ୍ତି। ୨୦୧୮ର ଏକ ଟୁଇଟ ୪ ବର୍ଷ ପରେ କିପରି ସମସ୍ୟା ସୃଷ୍ଟି କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଘୃଣା ମନ୍ତବ୍ୟ ସମ୍ପର୍କରେ ରିପୋର୍ଟ କରୁଥିବାରୁ ତାଙ୍କ ଉପରେ ଏପରି ଅତ୍ୟାଚାର କରାଯାଉଛି ବୋଲି ଗ୍ରୋଭର କହିଛନ୍ତି।

ଦିଲ୍ଲୀ ପୋଲିସ କୋର୍ଟରେ ଜୁବୈରଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରି କହିଥିଲା, ଜୁବୈର କ୍ରମାଗତ ଭାବେ ଧର୍ମୀୟ ଭାବନାକୁ ଆଘାତ ଦେବା ଭଳି ଟୁଇଟ୍ କରିଆସୁଛନ୍ତି। ଆଉ ଏକ ଟୁଇଟ୍‌ରେ ଜୁବୈର ଲେଖିଥିଲେ, 'ହନୁମାନଙ୍କୁ ପ୍ରାର୍ଥନା କଲେ ମାଙ୍କଡ଼ମାନେ ଆଉ ହଇରାଣ କରିବେ ନାହିଁ'। ଅନ୍ୟପକ୍ଷରେ ଜୁବୈରଙ୍କ ଆକାଉଣ୍ଟକୁ ଗତ କିଛି ଦିନ ମଧ୍ୟରେ ୫୦ ଲକ୍ଷ ଟଙ୍କା ଟ୍ରାଞ୍ଜାକଶନ୍ ହୋଇଥିବା ଡେପୁଟି ପୋଲିସ କମିଶନର କେପିଏସ୍ ମାଲହୋତ୍ରା କହିଛନ୍ତି। ଏହାକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମାସକ ତଳେ ଉତ୍ତରପ୍ରଦେଶର ସୀତାପୁର ଜିଲାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁଭାବ ସୃଷ୍ଟି କରିବା ଅଭିଯୋଗରେ ଜୁବୈରଙ୍କ ବିରୋଧରେ ମାମଲା ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୦୦,୯୯,୭୬୬ | ୬୩,୫୨,୬୮୯ | ୫୨,୫୮,୭୪,୫୯୪ |
| ଭାରତ | ୪,୩୪,୨୦,୬୦୮ | ୫,୨୫,୦୪୭ | ୪,୨୭,୯୭,୦୯୨ |
| ଓଡ଼ିଶା | ୧୨,୮୯,୪୪୧ | ୯୧୨୬(+୫୩) | ୧୨,୭୯,୭୪୫ |

ମଙ୍ଗଳବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶହେ ଟପିଲା କରୋନା

- ଭୁବନେଶ୍ୱରରୁ ସର୍ବାଧିକ ୬୩ ଆକ୍ରାନ୍ତ ଚିହ୍ନଟ
- ମାସ୍କ ପରିଧାନ, ଟିକାକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଦୀର୍ଘଦିନର ବ୍ୟବଧାନ ପରେ ମଙ୍ଗଳବାର ରାଜ୍ୟରେ ଦିନକରେ ଶହେ ଉପରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟାନୁସାରେ, ସୋମବାର ରାଜ୍ୟରେ ୬୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ୨୪ ଘଣ୍ଟାରେ ୧୧୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଏବଂ ୪୬ ଜଣ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୧୫ଜଣ ରହିଥିବା ଜଣାପଡ଼ିଛି। ରାଜ୍ୟର ୬ଟି ଜିଲାରୁ ଏହି ୧୧୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଅବଶିଷ୍ଟ ୨୪ଟି ଜିଲାରେ ସଂକ୍ରମଣର ସୂଚନା ନାହିଁ। ରାଜଧାନୀ ଭୁବନେଶ୍ୱରରୁ ସର୍ବାଧିକ ୬୩ ଓ ଖୋର୍ଦ୍ଧା ସହରାଞ୍ଚଳରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ଜିଲାରୁ ୨୧, ସୁନ୍ଦରଗଡ଼ ୬, ସମ୍ବଲପୁର ୪, ଯାଜପୁର ୨, ପୁରୀ ୧ ଏବଂ ଷ୍ଟେଟ୍‌ପୁଲ୍‌ରୁ ୧୪ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୨, ୮୯, ୪୪୧ରେ ପହଞ୍ଚିଛି।

ସେପଟେ ଆଗକୁ ରଥଯାତ୍ରା ଆସୁଥିବାରୁ ପୁରୀରେ ଅଧିକ ସଂକ୍ରମଣ ହେବାର ଆଶଙ୍କା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟିକାକରଣ, ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଇଥିବାବେଳେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂକ କରାଯାଇଛି। ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣ ସମ୍ପର୍କରେ ପ୍ରତିକ୍ରିୟା ରଖି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଏହାକୁ ନେଇ ଆତଙ୍କିତ ହେବାର କିଛି ନାହିଁ। ବର୍ତ୍ତମାନ ରାଜ୍ୟରେ ସଂକ୍ରମଣର ସ୍ଲୋ ପ୍ରୋଗ୍ରେସ ହେଉଛି। କିଛି ଦିନ ପୂର୍ବରୁ ରାଜ୍ୟରେ ସଂକ୍ରମଣ ଟ୍ରେଣ୍ଡ ୫୦ ରହୁଥିବା ବେଳେ ଏହାପରେ ୭୦ ଓ ଏବେ ଶହେ ପାର୍ କରିଛି। ଏହାକୁ ନେଇ ବେଶୀ ଚିନ୍ତିତ ହେବା ଆବଶ୍ୟକ ନାହିଁ। କିନ୍ତୁ ସଂକ୍ରମଣ ଆଗକୁ ଯେପରି ଅଧିକ ନ ବଢ଼େ ସେଥିନିମନ୍ତେ ସମସ୍ତେ କୋଭିଡ୍ ଗାଇଡଲାଇନ୍ ପାଳନ କରିବା ଆବଶ୍ୟକ। ସାମାନ୍ୟ ଲକ୍ଷଣ ଥିଲେ ଭିଡ଼କୁ ଯିବା ଉଚିତ ନୁହେଁ। ସବୁବେଳେ ମାସ୍କ ପରିଧାନ କରିବା ସହ ଟେଷ୍ଟ କରାଇ ନେବାକୁ ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଘରେ ଘରେ ଟେଷ୍ଟିଂ କରାଯାଉଥିବାରୁ ରାଜ୍ୟରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ମାତ୍ର ଅନ୍ୟ ରାଜ୍ୟ ପରି ଉଦ୍‌ବେଗଜନକ ସ୍ଥିତିରେ ଆମେ ପହଞ୍ଚି ନାହୁଁ। ଯଦି ହସ୍ପିଟାଲାଇଜେଶନର ଆବଶ୍ୟକତା ପଡ଼େ ତେବେ ପୂର୍ବ ଭଳି ବ୍ୟବସ୍ଥା କରାଯିବ। ସଂକ୍ରମଣ ଏବେ ବଢୁଛି, ଏହାପରେ କିଛିଦିନ ସମାନ୍ତରାଳ ଭାବେ ରହିବ ଓ ପରେ ତଳମୁହାଁ ହେବ। ତାହା କେବେ ପିକ୍‌ରେ ପହଞ୍ଚିବ ତା’ ଉପରେ ନଜର ରଖିଛୁ। ଆଗକୁ ଯେମିତି ଅଧିକ ଟ୍ରାନ୍ସମିଶନ ନ ହେବ ସେନେଇ ଗୁରୁତ୍ୱ ଦିଆଯାଉଛି। ଏବେ ସୁଦ୍ଧା ରାଜ୍ୟରେ ଟିକାକରଣ ବଢ଼ି ନ ଥିବା ବେଳେ ସମସ୍ତେ ଆଗେଇ ଆସି ଟିକା ନେବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।

# ସକାଳ ୮ରୁ ନବଯୌବନ ଦର୍ଶନ

ପୁରୀ ଅଫିସ,୨୮।୬

ମହାପ୍ରଭୁଙ୍କ ଅନବସର ଗୁପ୍ତ ନୀତି ସରିବା ପରେ ବୁଧବାର ନବଯୌବନ ବେଶରେ ଦର୍ଶନ ଦେବେ ଠାକୁର। ମହାପ୍ରଭୁଙ୍କ ବ୍ୟସ୍ତବହୁଳ ନୀତିକାନ୍ତି ମଧ୍ୟରେ ସାଧାରଣ ଭକ୍ତଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମୟ ଧାର୍ଯ୍ୟ ହୋଇଛି। ସକାଳ ୮ଟାରେ ତାଟି ଫିଟିବା ପରେ ଏକ ଘଣ୍ଟା ପାରିମାଣିକ ଦର୍ଶନ ପାଇଁ ଧାର୍ଯ୍ୟ କରାଯାଇଛି। ଏହାପରେ ୯ଟା ରୁ ୧୦ଟା ୩୦ ପର୍ଯ୍ୟନ୍ତ ସାଧାରଣ ଦର୍ଶନ ହେବ। ବିଶେଷ ନୀତି ସକାଶେ ସକାଳ ୧୦ଟା ୩୦ରୁ ଅପରାହ୍ଣ ୨ଟା ଓ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ଓ ରାତି ୧୦ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ। ମହାପ୍ରଭୁଙ୍କୁ ୨ଦିନ ନବଯୌବନ ଦର୍ଶନ ଓ ଉଭା ଅମାବାସ୍ୟାରେ ଦର୍ଶନ କରିବେ ଭକ୍ତ। ଉଭା ଯାତ୍ରା ଦିନ ସକାଳ ୪ଟାରୁ ସାଢ଼େ ୬ଟା ଯାଏଁ, ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ଣ ୧ଟା ୩୦ ଯାଏଁ, ଅପରାହ୍ଣ ୩ଟା ୩୦ରୁ ସନ୍ଧ୍ୟା ୫ଟା ଯାଏ ମହାପ୍ରଭୁଙ୍କର ଦର୍ଶନ ମିଳିପାରିବ। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ସାରା ଦିନ ଭକ୍ତଙ୍କ ପାଇଁ ଦର୍ଶନ ସୁବିଧା ରହିଲେ ମଧ୍ୟ ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ରୀତିନୀତି ସମୟରେ ଦର୍ଶନ ବନ୍ଦ ରହିବ। ଭକ୍ତମାନେ ମନ୍ଦିର ଭିତରେ ପ୍ରବେଶ କରି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିପାରିବେ। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ନବଯୌବନ ଦର୍ଶନ ପାଇଁ ପ୍ରଶାସନ ସୁବନ୍ଦୋବସ୍ତ କରିଛି। ଭକ୍ତମାନେ କିପରି ଶୃଙ୍ଖଳିତ ଦର୍ଶନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ନୀତିକାନ୍ତି ଶୃଙ୍ଖଳିତ କରିବା ପାଇଁ ସେବାୟତଙ୍କୁ କୁହାଯାଇଛି। ନବଯୌବନ ଦର୍ଶନର ଗହଳି ସମ୍ଭାବନାକୁ ଦୃଷ୍ଟିରେ ରଖି ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ୪ଜଣ ଏସ୍‌ପି, ୧୦ ଅତିରିକ୍ତ ଏସ୍‌ପି, ୫୦ ପୋଲିସ ଅଧିକାରୀ ଓ ୪୦ ପ୍ଲାଟୁନ ଫୋର୍ସର ବ୍ୟବସ୍ଥା କରାଯାଇଛି। ସେହିଭଳି ସହରର ବିଭିନ୍ନ ସ୍ଥାନରେ ୨୧ରୁ ଊର୍ଦ୍ଧ୍ୱ ପାର୍କିଂ ସ୍ଥଳୀ ଚିହ୍ନଟ ହୋଇଛି ବୋଲି ପୁରୀ ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି।

**ଦର୍ଶନ ସମୟ**

- ପାରମାଣିକ (ଭିତରକାଠ)- ସକାଳ ୮ଟାରୁ ୯ଟା

ସର୍ବସାଧାରଣ (ଭିତର କାଠ) ଦର୍ଶନ

- ସକାଳ ୯ଟାରୁ ପୂର୍ବାହ୍ଣ ସାଢ଼େ ୧୦ଟା
- ଅପରାହ୍ଣ ୨ଟାରୁ ୩ଟା
- ସନ୍ଧ୍ୟା ୬ଟାରୁ ସାଢ଼େ ୬ଟା
- ରାତି ୯ଟାରୁ ସାଢ଼େ ୧୦ଟା
- ରାତି ସାଢ଼େ ୧୧ରୁ ସାଢ଼େ ୧୨ଟା

- ପହୁଡ଼ ଆଳତି- ରାତି ୧ଟା ୧୫

# ଷ୍ଟେଜ୍-୩ରେ ଭଲ ହୋଇପାରିବ ସ୍ତନ କର୍କଟ

## ଟ୍ୟୁମର ଦମନକାରୀ ଜିନ୍ ଆବିଷ୍କାର କଲେ ଓଡ଼ିଆ ବୈଜ୍ଞାନିକ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ସ୍ତନ କର୍କଟର ବି ଚିକିତ୍ସା ହୋଇପାରିବ। ଖୁବ୍‌ଶୀଘ୍ର ଏଥିପାଇଁ ଔଷଧ ଆସିବ। ଷ୍ଟେଜ୍-୩ରେ ଥିବା ସ୍ତନ କର୍କଟ ରୋଗ ମଧ୍ୟ ଭଲ ହୋଇପାରିବ। ଏହାର ଚିକିତ୍ସା କ୍ଷେତ୍ରରେ ଓଡ଼ିଆ ବୈଜ୍ଞାନିକ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍)ର ସିନିୟର୍ ମଲିକ୍ୟୁଲାର୍ ଅଙ୍କୋଲୋଜିଷ୍ଟ ଡ. ସନ୍ଦୀପ ମିଶ୍ର ସ୍ତନ କର୍କଟର ଟ୍ୟୁମର ଦମନକାରୀ ଜିନ୍ ଆବିଷ୍କାର କରିଛନ୍ତି। ସେହିପରି ସ୍ତନ କର୍କଟରୁ ସୁରକ୍ଷା ଦେଉଥିବା ଔଷଧ ଉଦ୍ଭାବନ ମଧ୍ୟ ହୋଇଛି। ଏହା ମାନବ ପରୀକ୍ଷଣ ନିମନ୍ତେ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ଲାଭ କରିଛି। ଡା. ମିଶ୍ର ସ୍ତନ କର୍କଟ ରୋଗୀଙ୍କ ପାଇଁ ଔଷଧ ଉଦ୍ଭାବନ ପାଇଁ ୨୦ବର୍ଷ ହେଲା ଗବେଷଣା କରୁଛନ୍ତି। ଭାରତ ସରକାରଙ୍କ ବାୟୋ ଟେକ୍ନୋଲୋଜି ବିଭାଗ ପକ୍ଷରୁ ପାଣ୍ଠି ଯୋଗାଇ ଦିଆଯାଇଛି। ନିକଟରେ ଡ. ମିଶ୍ର ସ୍ତନ କର୍କଟର ସଫଳ ଚିକିତ୍ସା ପାଇଁ ଡିଜେଡ୍‌ଏନ୍‌ଇପିଏ ଓ ଏମ୍‌ଏଲ୍‌ଏନ୍ ୪୯୨୪ ଔଷଧ ଆବିଷ୍କାର କରିଛନ୍ତି। ଲ୍ୟାବରେ ମୂଷା ଉପରେ ଏହି ଔଷଧର ପରୀକ୍ଷଣ ସଫଳ ହେବା ପରେ ମାନବ ପରୀକ୍ଷଣ ପାଇଁ ଅନୁମତି ମିଳିସାରିଛି। ଭୁବନେଶ୍ୱର ଏମ୍ସ ସହିତ ମିଳିତ ଭାବେ ମାନବ ପରୀକ୍ଷଣ ଆରମ୍ଭ ହେବ। ଏଥିସହ ସର୍ବଭାରତୀୟ ସ୍ତରରେ ମଧ୍ୟ ଔଷଧର ମାନବ ପରୀକ୍ଷଣ ଆରମ୍ଭ ହେବାକୁ ଯାଉଛି। ଏହି ପରୀକ୍ଷଣ ସଫଳ ହେଲେ ଏକ ମାରାତ୍ମକ ବ୍ୟାଧିର ସହଜ ଉପଚାର ପାଇଁ ପଥ ପରିଷ୍କାର ହେବ ବୋଲି ଡା. ମିଶ୍ର କହିଛନ୍ତି। ଆସନ୍ତା ୨ ରୁ ୩ ବର୍ଷ ମଧ୍ୟରେ ବଜାରରେ ଏହି ଔଷଧ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେବ ଏବଂ ଏହା କିଣିବା ପାଇଁ ସମସ୍ତଙ୍କ ପକ୍ଷରେ ସମ୍ଭବ ହେବ ବୋଲି ଡା. ମିଶ୍ର କହିଛନ୍ତି। ଆବିଷ୍କାର ହୋଇଥିବା ଦୁଇ ଔଷଧ ମଧ୍ୟରୁ ଗୋଟିଏର ମାନବ ପରୀକ୍ଷଣ ପାଇଁ ଭାରତ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏହି ଔଷଧ ଦ୍ୱାରା ଷ୍ଟେଜ୍-୩ରେ ଥିବା ସ୍ତନ କର୍କଟ ରୋଗର ସଫଳ ଚିକିତ୍ସା ହୋଇପାରିବ। ସ୍ତନ କର୍କଟର ମୁଖ୍ୟ ଉପାଦାନ କୁହାଯାଉଥିବା ଟ୍ୟୁମର ଦମନକାରୀ ଅଣୁ ଯଥା-ଇଆରଆରବି ଓ ଏମ୍‌ଆଇସିଓଏ ଉପରେ ଅଧ୍ୟୟନ କରାଯାଇଛି। ସ୍ତନ କର୍କଟରେ ଟ୍ୟୁମର ଦମନକାରୀ ଜିନ୍ ଆବିଷ୍କାରକୁ ବିଶ୍ୱର ବିଭିନ୍ନ ଖ୍ୟାତନାମା ଗବେଷଣା ସଂସ୍ଥା ପକ୍ଷରୁ ସ୍ୱୀକୃତି ମିଳିଛି। ଔଷଧ ଏବଂ ଜିନ୍‌ର ଆବିଷ୍କାର ସମ୍ପର୍କରେ ନେଚର ଗ୍ରୁପ୍ ଅଫ୍ ଜର୍ନାଲରେ ଡା. ମିଶ୍ରଙ୍କ ସନ୍ଦର୍ଭ ପ୍ରକାଶ ପାଇଛି। ଦେଶରେ ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୨୫.୮% ମହିଳା ସ୍ତନ କର୍କଟରେ ପୀଡ଼ିତ ହେଉଛନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ତେବେ ଆବିଷ୍କୃତ ଔଷଧ ବଜାରକୁ ଆସିଲେ ବିଶ୍ୱବାସୀଙ୍କ ପାଇଁ ଖୁସି ଖବର ହେବ ବୋଲି ଅଙ୍କୋଲୋଜିଷ୍ଟମାନେ ମତପ୍ରକାଶ କରୁଛନ୍ତି।

# ସ୍କୁଲ ବସ୍ ପଲିସି ଉଲ୍ଲଂଘନକାରୀଙ୍କୁ ଧର

## ପରିବହନ କମିଶନରଙ୍କୁ ଚିଠି ଲେଖିଲେ ବିଷ୍ଣୁପଦ

ଭୁବନେଶ୍ୱର, ୨୮।୬ (ବ୍ୟୁରୋ)

ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଗାଡ଼ିଗୁଡିକ ମଧ୍ୟରୁ ଯେଉଁମାନେ ନିୟମ ଖିଲାପ କରିବେ ସେମାନେ ଆଉ ସହଜରେ ଖସିପାରିବେ ନାହିଁ। ରାଜ୍ୟ ସରକାର ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସଜ ହୋଇଛନ୍ତି। ସେହିପରି ସ୍କୁଲ ଓ କଲେଜ ପିଲାମାନେ ସୁରକ୍ଷିତ ଭାବେ ପାଠ ପଢିବାକୁ ଯାଇ ଯେପରି ଫେରିବେ ସେନେଇ ‘ପିଲାଙ୍କ ସୁରକ୍ଷିତ ଯାତ୍ରାର ଏକ ପଲିସି-୨୦୧୬’ ରହିଛି। ଏହି ପଲିସି ଠିକ୍ ଭାବେ ଲାଗୁ ହେଉଛି ନା ନାହିଁ ତାହା ତଦାରଖ କରିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ବୋଲି ପରିବହନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି।

ବିଷ୍ଣୁପଦ ରାଜ୍ୟ ପରିବହନ କମିଶନରଙ୍କୁ ମଙ୍ଗଳବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ପିଲାମାନେ ଟ୍ରାଫିକ ନିୟମ ପାଳନ କରିବା ବେଳେ ସେତେଟା ଧ୍ୟାନଦେଇ ନ ଥାଆନ୍ତି। ତେଣୁ ପିଲାମାନଙ୍କ ସ୍କୁଲ ଯାତ୍ରା ସମୟରେ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନଦେବା ବିଭାଗର ଏକ ପ୍ରମୁଖ ଦାୟିତ୍ୱ। ଗତ ଏପ୍ରିଲ ୨୦ରୁ ୨୬ ମଧ୍ୟରେ ଆର୍‌ଟିଓଗୁଡିକ ପକ୍ଷରୁ ଏକ ସ୍ପେଶାଲ ଡ୍ରାଇଭ କରାଯାଇଥିଲା। ସରକାରଙ୍କ ନିୟମ ଉଲ୍ଲଂଘନ କରିଥିବା ୧୨୦୦ଟି ମାମଲା ଚିହ୍ନଟ କରାଯାଇଥିଲା। ତେଣୁ ନିୟମିତ ବ୍ୟବଧାନରେ ସେହିପରି ସ୍ପେଶାଲ ଡ୍ରାଇଭ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଗାଡି ମାଲିକ ଏବଂ ଚାଳକ ନିୟମ ଉଲ୍ଲଂଘନ କରିବାର ସାହସ ଦେଖାଇପାରିବେ ନାହିଁ। ଆସନ୍ତା ସପ୍ତାହରେ ୭ ଦିନିଆ ସ୍ପେଶାଲ ଡ୍ରାଇଭ କରି ଏହା ଉପରେ କଡା ନଜର ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ ଶେଷ ହେବାପରେ ସଂଗୃହୀତ ରିପୋର୍ଟ ବିଭାଗକୁ ପଠାଇବା ପରେ ତାହା ମୁଖ୍ୟ ଶାସନ ସଚିବଙ୍କୁ ଦିଆଯିବ ବୋଲି ବିଷ୍ଣୁପଦ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଂଶୁ
ପରିବାରବର୍ଗ


ଗୁଡ୍ଡି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେପଟା ନାକୀ ଦହି ସୋଡ଼କୀ**
**ଅଇଁଠା ପତରେ ଖାଏ**
**ଗୋଡ଼ରେ ଅଇଁଠା ଲାଗିଲା କ୍ଷଣି**
**ନଈକି ଗାଧୋଇ ଯାଏ।**

ଯିଏ ଅଇଁଠା ପତରରେ ଖାଏ, ସେହି ବ୍ୟକ୍ତି ଗୋଡ଼ରେ ଅଇଁଠା ଲାଗିଲେ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ ମନେ ହୋଇଥାଏ। ଅନାଚାରିଣୀ ନାରୀର ନିଷ୍ଫାର ଛଳନା। ପରୋକ୍ଷରେ ଅନ୍ୟାୟ ଏବଂ ଅସଂଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋର ଧରିବ ଗଣ୍ଠିରେ,**
**ନାରୀ ଧରିବ ଖଟରେ।**

ସାଧାରଣତଃ ଚୋରକୁ ଧରି ବାନ୍ଧିଲେ ସେ ଚେଙ୍କ ପାଇଥାଏ ବା ହେଜି ପାରିଥାଏ। ସେହିପରି ସ୍ତ୍ରୀକୁ ଶଯ୍ୟାରେ ଶୋଇବା ବେଳେ ତା' ମନକୁ ନେଲେ ସେ ନିମ୍ନକୁ ଖସିଯାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# କାର୍ଯ୍ୟକାରୀ ହେଲା ଡ୍ୟାମ୍ ସୁରକ୍ଷା ରୁଲ୍ସ-୨୦୨୨

- **ଗଠନ ହେଲା ସୁରକ୍ଷା କମିଟି, ସୁରକ୍ଷା ସଂଗଠନ**
- **ନିୟମିତ ତଦାରଖ ହେବ ଡ୍ୟାମ୍**

**ଭୁବନେଶ୍ୱର,୨୮।୬(ବ୍ୟୁରୋ)**

ରାଜ୍ୟରେ ଥିବା ଡ୍ୟାମ୍‌ଗୁଡ଼ିକର ସୁରକ୍ଷା ପାଇଁ ରାଜ୍ୟ ସରକାର ଡ୍ୟାମ୍ ସୁରକ୍ଷା ଆଇନ-୨୦୨୧ ଅଧୀନରେ ରାଜ୍ୟ ଡ୍ୟାମ୍ ସୁରକ୍ଷା କମିଟି (ଏସ୍‌ସିଡିଏସ୍) କାର୍ଯ୍ୟକାରୀ କରିବା ପାଇଁ ନିୟମ ପ୍ରଣୟନ କରିଛନ୍ତି। ଜଳ ସମ୍ପଦ ବିଭାଗ ପକ୍ଷରୁ ଏ ନେଇ ଷ୍ଟେଟ୍ କମିଟି ଅନ୍ ଡ୍ୟାମ୍ ସେଫ୍ଟି (ପ୍ରୋସିଡ୍ୟୁର୍ସ, ଆଲାଓ୍ୱାନ୍ସ ଆଣ୍ଡ ଅଦର ଏକ୍ସପେଣ୍ଡିଚର) ରୁଲ୍ସ-୨୦୨୨ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଡ୍ୟାମ୍ ସୁରକ୍ଷା ଆଇନ-୨୦୨୧ ଅନୁଯାୟୀ ରାଜ୍ୟ ଡ୍ୟାମ୍ ସୁରକ୍ଷା କମିଟି ଏବଂ ରାଜ୍ୟ ଡ୍ୟାମ୍ ସୁରକ୍ଷା ସଙ୍ଗଠନ (ଏସ୍‌ଡିଏସ୍‌ଓ) ଗଠନକୁ ବାଧ୍ୟତାମୂଳକ କରାଯାଇଛି।

ମୁଖ୍ୟଯନ୍ତ୍ରୀ (ଡ୍ୟାମ୍ ସେଫ୍ଟି)ଙ୍କ ଅଧ୍ୟକ୍ଷତାରେ ଗଠିତ ଏସ୍‌ସିଡିଏସ୍ ବର୍ଷକୁ ୨ ଥର ବସି ଡ୍ୟାମ୍ ସୁରକ୍ଷା ଉପରେ ସମୀକ୍ଷା କରାଯିବ। ତେବେ ମୌସୁମୀ ପ୍ରବେଶ କରିବା ପୂର୍ବରୁ ଥରେ କମିଟିର ବୈଠକ ଅନୁଷ୍ଠିତ ହେବ। ଏହି କମିଟି ପ୍ରାକୃତିକ ବିପର୍ଯ୍ୟୟରୁ ଡ୍ୟାମ୍‌କୁ ସୁରକ୍ଷା ଦେବା ସହ ଡ୍ୟାମ୍ ସୁରକ୍ଷା ରକ୍ଷଣାବେକ୍ଷଣ କରିବ। ଏଥିସହିତ ଏସ୍‌ଡିଏସ୍‌ଓର କାର୍ଯ୍ୟକୁ ମଧ୍ୟ ସମୀକ୍ଷା କରିବା ସହିତ ଖରାପ ଅବସ୍ଥାରେ ଥିବା ଡ୍ୟାମ୍‌ର ସୁରକ୍ଷା ପାଇଁ କେତେକ ସୁପାରିସ ପ୍ରଦାନ କରିବ। ଡ୍ୟାମ୍ ସୁରକ୍ଷା ନେଇ ନିଆଯାଉଥିବା ପଦକ୍ଷେପଗୁଡ଼ିକର ମଧ୍ୟ ସମୀକ୍ଷା କରିବ। ବହୁ ପୁରୁଣା ଡ୍ୟାମ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ସହ ଥଇଥାନ ପାଇଁ ବ୍ୟୟବରାଦ କରିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଏସ୍‌ଡିଏସ୍‌ଓ ଗଠନ କରାଯାଇଛି। ଏଥିରେ ଡ୍ୟାମ୍ ସେଫ୍ଟି ମୁଖ୍ୟଯନ୍ତ୍ରୀଙ୍କ ସମେତ ୧୭ ଜଣ ଇଞ୍ଜିନିୟର ରହିଛନ୍ତି। ଏହି ସଂଗଠନ ସୁରକ୍ଷା ସହିତ ନିୟମିତ ଭାବେ ଡ୍ୟାମ୍‌ଗୁଡ଼ିକର ସର୍ଭେ କରିବା ସହ ତଦାରଖ କରିବ। ଏସ୍‌ଡିଏସ୍‌ଓ ନିଜ ଅଧୀନରେ ଥିବା ଡ୍ୟାମ୍‌ଗୁଡ଼ିକର ସୁରକ୍ଷା ଓ ଅନ୍ୟାନ୍ୟ ବିଷୟକୁ ନେଇ ଏକ ଲଗ୍ ବୁକ୍ ବା ଡାଟାବେସ୍ ପ୍ରସ୍ତୁତ କରିବ। ଯେତେବେଳେ ଆବଶ୍ୟକ ପଡ଼ିବ ସେହି ତଥ୍ୟକୁ ବ୍ୟବହାର କରାଯିବ। ଏଥିସହିତ ଉକ୍ତ ସଂଗଠନ ଆର୍ଥିକ ବର୍ଷ ଶେଷ ହେବାର ୩ ମାସ ପୂର୍ବରୁ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବ। ଏହାକୁ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଇବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବା ଆଶଙ୍କା ରହିଛି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପର କଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ।

**ବୃଷ** ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବିବାଦୀୟ ଘଟଣା କିନ୍ତୁ ଅମୀମାଂସିତ ରହିଯାଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ।

**କର୍କଟ** ଆଜି ପାପଗ୍ରହଙ୍କ ପ୍ରଭାବ ଅତ୍ୟଧିକ ରହିଥିବାରୁ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସଜଡ଼ା ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାଣିଜ୍ୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇପାରନ୍ତି।

**ସିଂହ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟଙ୍କୁ ସନ୍ତୁଷ୍ଟ କରାଇପାରିବେ ନାହିଁ। ସକାଳୁ ସକାଳୁ ପଡ଼ୋଶୀଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି।

**ତୁଳା** ମନ କଥା ମନରେ ରହିଯିବ ସିନା କାହାକୁ କହି ପାରିବେ ନାହିଁ କିମ୍ବା କହିଲେ ମଧ୍ୟ କିଛି ଲାଭ ହେବନି। ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ।

**ବିଛା** ନିଜ ଲୋକଙ୍କୁ ନେଇ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଅହେତୁକ କାରଣରୁ ଯେତେ ଶୀଘ୍ର ସାରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।


**ଧନୁ** ଭାବପ୍ରବଣବଶତଃ ଅନ୍ୟ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡ଼ିବ। ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର** ଆଜି ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଏଣେ ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ତରବରିଆ ପଦକ୍ଷେପ ନ ନେଇ ପରିବାର ସହ ଆଲୋଚନା କରିବା ଭଲ ହେବ। ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** ଆଜି ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବାହାରେ ଯେତେ ଭଲ ମନେ ହେଲେ ମଧ୍ୟ ଘରୁ ଆଦର ପାଇବେ ନାହିଁ।


# classifieds Everyday
0674-2580101, 2549302




## BRIDE WANTED

"Wanted well qualified bride christian general in any language age 26-31 slim for our son PhD pursuing in National Institute of Technology, Govt. of India, Itanagar, Arunachal Pradesh 35, 5.10". 9692896245. D-859

## GROOM WANTED

42 ବର୍ଷର ଅବିବାହିତ ମହିଳା BSNL Officeରେ Accounted ଭାବରେ କାର୍ଯ୍ୟରତ। ଜାତି-ଖଣ୍ଡାୟତ, ଘର-କେନ୍ଦୁଝର। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9776500136. D-824

Wanted suitable Bengali/Odia groom for my daughter, 5'3", 38+, Assistant Professor. Contact: 8249578969. D-827




## SALE

ଭୁବନେଶ୍ୱର IIT ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

**Booked BDA Layout Approval Duplex at College Square Baranga near New Railway Station, Price-60lakh Ongoing Project of Kalinga Construction. 7978597325, 9437260818.** D-849

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73925

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

**Well developed gharabari plot for sale at Padmalabhanagar, Mouza, Trisulia, Cuttack 300 meter distance from Banki Main road, @1400/- persqft., details contact: 9937253888, 9438664354.** D-73832

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Flat for sale at Jharpada and Hanspal NH side, Contact: 7978209277.** D-825

**Nandankanan Main Road Commercial Plot for Sale Infront of RTO-2, Patia Area-8700sqft. Price-6cr. Broker Excuses. 7978597325, 9437260818.** D-848

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-838

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact-9738021978, 8917251410. D-73824

ଭୁବନେଶ୍ୱର **Sum Hospital**ରୁ **6K.M.** ଦୂରତାରେ **200' NH** ପାଖରେ **Electricity, 30'road, boundary** ଘରବାରି ଥାଇ ଘର କରିବା ପାଇଁ **plot** ମିଳୁଛି। **9090963952.** D-73255




Mesmerizing, energetic body, mind qualitative relaxing massage experienced therapists. 9668374480. D-73610

All types hair cutting, body massage by smart lady room services available. Contact: 9938582450. D-71346

Newly open SPA positively health benefit with expert. Contact: 7749976301. D-73829

Newly open full body massage ladies and gents. 8327740003, 8093860513. D-73926

**Relax, refresh your body, mind at Saikrupa Spa with best therapies. 8984068077.** D-805

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

## LOST

I, Subhendu Pradhan by Notary Kujang, affidavit declare that I lost my 10th Pass Certificate of year 2011-12, Index Number T/2359/020, Bethany Convent School, Paradeep. D-850

I Golap Dei, D/o- Hadibandhu Swain, caste- Khandayat, Village- Andilo, PS.- Balianta No-14, District- Khurdha purchased the property in the address plot No.-175, Khata No.- 616/493, Village- Andilo, Mouza- Andilo, Sheet No-1, PS.- Balianta, Bhubaneswar-752101- area purchased Ac-0.800 decimal from Falcon Realestate Pvt. Ltd on 17th dec 1997 and received original Patta for same. I lost sale deed during house shifting of mine for which lodged FIR on Pahal PS. Bhubaneswar on 24.06.22 I am the sole possessor of the property from the date of purchase and paying all taxes as per Govt. This property is free from all encumbrances. D-846

## AFFIDAVIT

By virtue of an affidavit sworn in the Court of Executive Magistrate, Bhadrak, I Khulana Sahu (ପଲିସି ବଣ୍ଡରେ ଥିବା ନାମ), S/D/of- Daitari Sahu of Banaparia, P.S.- Khaira changed my name from Khulana Sahu (ପଲିସି ବଣ୍ଡରେ ଥିବା ନାମ) to Pravasini Sahu (ପରିବର୍ତ୍ତିତ ନାମ)। Henceforth I will be known as Pravasini Sahu (ପରିବର୍ତ୍ତିତ ନାମ) for all purpose. D-858

By affidavit before Executive Magistrate, Kendrapara, CF No.- 11AA 233257 dtd. 30.12.21, I Seema Mcwann, D/o- Late Ardhendu Kumar Das & Wife of Shared Mcwann resident of Cuttack Christian Sahi, near Christ College, Po.- Baxibazar, P.S.- Lalbag, District- Cuttack declare that Sima Mcwann & Seema Mcwann is one & same person for all purpose. D-856

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଥାନା ଅଧିକାରିଣୀ ନିଲମ୍ବିତ

## କିଶନନଗର ଥାନା ପରିସରରେ ଗୁଣନିଧିଙ୍କ ଆତ୍ମାହୁତି ଘଟଣା

**କଟକ ଅଫିସ/କଟକ ସଦର(ଡି.ଏନ୍.ଏ),୨୮।୬**


ସସ୍ମିତା ରଣା

କଟକ ଜିଲା କିଶନନଗର ଥାନା ସମ୍ମୁଖରେ ଗୁଣନିଧି ବିଶୋୟୀଙ୍କ ଆତ୍ମାହୁତି ଘଟଣାରେ ଥାନା ଆଇଆଇସି ସସ୍ମିତା ରଣା ନିଲମ୍ବନ ହୋଇଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ସସ୍ମିତାଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଅବଧିରେ ସସ୍ମିତା କେନ୍ଦ୍ରାଞ୍ଚଳ ଆଇଜିଙ୍କ ନିୟନ୍ତ୍ରଣରେ ରହିବେ। ଅପରପକ୍ଷରେ ଥାନା ଅଧିକାରିଣୀଙ୍କୁ ନିଲମ୍ବନ ନୁହେଁ, ଗିରଫ କରାଯାଇଥିଲେ ଅଧିକ ଖୁସି ହୋଇଥାନ୍ତେ ବୋଲି ମୃତ ଗୁଣନିଧିଙ୍କ ପୁଅ ସୁଦର୍ଶନ କହିଛନ୍ତି।

ସୂଚନା ଯୋଗ୍ୟ, କିଶନନଗର ଥାନା ଅନ୍ତର୍ଗତ ଈଶାଣୀ-ବ୍ରହ୍ମପୁର ପଞ୍ଚାୟତ ସାଇକୋରୁଆ ଗ୍ରାମର ଗୁଣନିଧି ଏବଂ ତାଙ୍କ ପୁତୁରା ସାଗର ବିଶୋୟୀଙ୍କ ମଧ୍ୟରେ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଗତ ୧୯ ତାରିଖରେ ଗୁଣନିଧି ଥାନାରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ଅଭିଯୋଗ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ୨୨ତାରିଖରେ କଟକ ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର କୁମାରଙ୍କ ନିକଟରେ ଗୁଣନିଧି ଅଭିଯୋଗ କଲାପରେ ଥାନାରେ ଏକ ମାମଲା (ନଂ.୧୦୩/୨୨) ରୁଜୁ ହୋଇଥିଲା। ୨୩ ତାରିଖ ଗୁରୁବାର ସେ ଥାନାକୁ ଯାଇଥିବାବେଳେ ଥାନା କର୍ମଚାରୀଙ୍କ ଅସହଯୋଗ ତାଙ୍କୁ ମର୍ମାହତ କରିଥିଲା। ଫଳରେ ସେ ଥାନା ପରିସରରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀରର ୯୦ପ୍ରତିଶତରୁ ଅଧିକ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏସ୍‌ସିବି ଏବଂ ପରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁଣନିଧିଙ୍କ ୨୪ତାରିଖରେ ମୃତ୍ୟୁ ହୋଇଥିଲା। ଥାନା ପରିସରରେ ଗୁଣନିଧିଙ୍କ ଆତ୍ମାହୁତି ଘଟଣାରେ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଧାରଣା ଦିଆଯାଇଥିଲା। ଏହି ଘଟଣାରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣ ଚନ୍ଦ୍ର ମହାନ୍ତି ଏବଂ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ ତଦନ୍ତ କରି ପୋଲିସର ଅବହେଳା ଥିବା ରିପୋର୍ଟ କଟକ ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର କୁମାରଙ୍କୁ ଶନିବାର ଦେଇଥିଲେ। ଏହାପରେ ବି. ଯୁଗଳ କିଶୋର ଥାନା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ଅପରପକ୍ଷରେ ସୋମବାର ଗୁଣନିଧିଙ୍କ ପୁଅ ସୁଦର୍ଶନ ବିଶୋୟୀ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଆଇଆଇସି ସସ୍ମିତା ଓ ଡିସିଓ ଉମାଚରଣ ମଲ୍ଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବାପାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିବା ପାଇଁ ଆଇଆଇସି ଧମକ ଦେବା ସହ ଅପମାନିତ କରି ମାନସିକ ନିର୍ଯାତନା ଦେବାରୁ ଗୁଣନିଧି ଆତ୍ମାହୁତି ଦେଇଥିଲେ ବୋଲି ଅଭିଯୋଗ କରିଥିଲେ। ୨୦୨୧ ମେ ୨୭ରେ ସସ୍ମିତା ରଣା କିଶନନଗର ଥାନା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ।

## ପ୍ରେମ ପାଇଁ...

ପ୍ରଥମ ପୃଷ୍ଠାରୁ...

ଶନିବାର ରାତିରେ ଝିଅ ଶୋଇଥିବାବେଳେ ତା'ର ତଣ୍ଟି ଚିପି ହତ୍ୟା କରିଥିଲେ। ଝିଅର ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା କହି ରବିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯିବା ସହ ହସ୍ପିଟାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଇତିମଧ୍ୟରେ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାବେଳେ ମା' ବେବି ବିବି ଥାନାରେ ଆତ୍ମସମର୍ପଣ କରି ଝିଅକୁ ତଣ୍ଟି ଚିପି ହତ୍ୟା ସମ୍ପର୍କରେ ସ୍ୱୀକାର କରିଥିବା ଜଣାପଡ଼ିଛି। ବେବିଙ୍କ ବୟାନକୁ ଆଧାର କରି ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଥିଲେ ସୁଦ୍ଧା ଥାନା ଅଧିକାରୀ ଗୋପାଳ କରଣ କୌଣସି ସୂଚନା ଦେଉ ନାହାନ୍ତି। ଏପରିକି ଘଟଣା ସମ୍ପର୍କରେ ଜାଣିବା ପାଇଁ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ମୋବାଇଲ ନମ୍ବର ୯୪୩୮୯୧୬୩୪୦ରେ ମଙ୍ଗଳବାର ରାତି ୯ଟା ୧୦ରେ ଯୋଗାଯୋଗ କରାଯାଇଥିଲେ ସେ ମଧ୍ୟ ଫୋନ୍ ଉଠାଇ ନ ଥିଲେ। ସୂଚନା ଯେ, ବେବି ବିବି ପୂର୍ବରୁ ଜଣଙ୍କୁ ବାହା ହୋଇଥିଲେ। ପରେ ତାଙ୍କୁ ଛାଡ଼ି ଦ୍ୱିତୀୟ ବିବାହ କରିଥିଲେ। ମୃତା ନାବାଳିକା ଜଣକ ପ୍ରଥମ ସ୍ୱାମୀଙ୍କ ସନ୍ତାନ ବୋଲି ଜଣାପଡ଼ିଛି।

## ନୂପୁରଙ୍କୁ ସମର୍ଥନ...

ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ଅଭିଯୁକ୍ତ ଗୋସ୍ ମହମ୍ମଦ ଏବଂ ରିୟାଜଙ୍କୁ ଗିରଫ କରିଛି। ଭାଜପାର ପୂର୍ବତନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମା ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଦଳରୁ ବିଦା ହୋଇଛନ୍ତି। ତାଙ୍କ ମନ୍ତବ୍ୟ ଯୋଗୁ ଦେଶର ବିଭିନ୍ନ ଭାଗରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ନ ଥମୁଣୁ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଉଦୟପୁରସ୍ଥିତ ଧାନମଣ୍ଡିସ୍ଥିତ ଭୂତମହଲରେ ୪୦ ବର୍ଷୀୟ ଟେଲର କହ୍ନେୟା ଲାଲ ତେଲି ଏକ ଦୋକାନ କରିଥିଲେ। କହ୍ନେୟାଙ୍କ ୮ ବର୍ଷର ପୁଅ ନୂପୁରଙ୍କୁ ସମର୍ଥନ କରି ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ଏହାକୁ ନେଇ କିଛିଦିନ ହେଲା କହ୍ନେୟାଙ୍କୁ ଧମକ ଦିଆଯାଉଥିଲା। ସେ ଏନେଇ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ଅପରାହ୍ନରେ କହ୍ନେୟା ନିଜ ଦୋକାନରେ ସିଲେଇ କରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ସେଠାକୁ ଯାଇ ସ୍ପଷ୍ଟ ଦିବାଲୋକରେ ତାଙ୍କ ତଣ୍ଟି କାଟିଦେଇଥିଲେ। ରକ୍ତ ଜୁଡୁବୁଡୁ କହ୍ନେୟା ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଜଣେ ଧାରୁଆ ଅସ୍ତ୍ରରେ ତଣ୍ଟି କାଟୁଥିବାବେଳେ ଅନ୍ୟ ଜଣେ ଏହି ଦୃଶ୍ୟକୁ ମୋବାଇଲରେ କଏଦ୍ କରିଥିଲେ। କହ୍ନେୟାଙ୍କୁ ହତ୍ୟା କରିବା ପରେ ଉଭୟେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଉକ୍ତ ଭିଡିଓ ଫୁଟେଜ୍‌କୁ ଦୁହେଁ ସୋସିଆଲ ମିଡିଆରେ ପୋଷ୍ଟ କରି କହ୍ନେୟାଙ୍କୁ ହତ୍ୟା କରିଥିବା ବିଷୟ ସ୍ୱୀକାର କରିଥିଲେ। ଏହି ଭିଡିଓ ବହୁଳ ପ୍ରସାରିତ ହୋଇଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ପୋଷ୍ଟ କରି ବାତାବରଣ ଖରାପ କରିବାକୁ ଉଦ୍ୟମ ଚାଲିଛି। ଏହାକୁ କେହି ଶେୟାର କରନ୍ତୁ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହାକୁ କାହିଁକି ନିନ୍ଦା କରୁନାହାନ୍ତି ବୋଲି ଗେହଲଟ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ରାଜସ୍ଥାନ ବିଧାନସଭାର ବିରୋଧୀ ଦଳ ନେତା ଗୁଲାବ ଚନ୍ଦ କଟାରିଆ ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ପୀଡ଼ିତଙ୍କ ପରିବାରକୁ ସହାୟତା ଦିଆଯିବ। ଜଣେ ବ୍ୟକ୍ତିଙ୍କ ଯୋଗୁ ଏହି ଘଟଣା ଘଟିଛି। ଏଥିରେ କେତେକ ସଙ୍ଗଠନର ଭୂମିକା ଥାଇପାରେ। ପ୍ରଶାସନିକ ବିଫଳତା ଯୋଗୁ ଏପରି ଘଟିଛି ବୋଲି କଟାରିଆ କହିଛନ୍ତି। ପୋଲିସ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଚିହ୍ନଟ କରିଥିବା କହିଛି। ଜିଲାରେ କର୍ଫ୍ୟୁ ଜାରି ସହ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ସାଙ୍ଗ ପାଇଁ ପରୀକ୍ଷାରେ ଉତ୍ତର ଲେଖି ନ ଥିଲେ ଦ୍ରୌପଦୀ

■ ଖେଳକୁଦ, ପାଠପଢ଼ାରେ ଥିଲେ ଆଗୁଆ
■ କ୍ଲାସ୍ ମନିଟର ଦାୟିତ୍ୱ ତୁଲାଇଥିଲେ

ନୀଳାଦ୍ରି ବିହାରୀ ଦଣ୍ଡପାଟ

ବାରିପଦା ଅଫିସ, ୨୮।୬

ମୟୂରଭଞ୍ଜ ଜିଲାର ଉପରବେଡ଼ାରେ ଜନ୍ମିତା (୨୦ ଜୁନ ୧୯୫୮) ଦ୍ରୌପଦୀ ମୁର୍ମୁଙ୍କୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତ କୁସୁମୀ ବ୍ଲକ୍ ଅଧୀନ ଏହି ଗ୍ରାମଟି ଶିମିଳିପାଳ ପାଦଦେଶରେ ଅବସ୍ଥିତ। ମା’ ସିନ୍‌ଗୋ ଟୁଡୁ ଓ ବାପାଙ୍କ ନାମ ବିରଞ୍ଚି ନାରାୟଣ ଟୁଡୁ। ଉପରବେଡ଼ା ପ୍ରାଥମିକ ବିଦ୍ୟାଳୟରୁ ଦ୍ରୌପଦୀଙ୍କର ଆରମ୍ଭ ହୋଇଥିଲା ପାଠପଢ଼ା। ଏ ସମ୍ପର୍କରେ ଦ୍ରୌପଦୀଙ୍କୁ ପାଠ ପଢ଼ାଇଥିବା ଶିକ୍ଷକ ବାସୁଦେବ ବେହେରା କୁହନ୍ତି, ଦ୍ରୌପଦୀଙ୍କ ବାପା ବିରଞ୍ଚି ନାରାୟଣ ଉପରବେଡ଼ା ମଧ୍ୟ ଇଂରାଜୀ ବିଦ୍ୟାଳୟର ସମ୍ପାଦକ ଥିଲେ। ଏହି ବିଦ୍ୟାଳୟରେ ପଢୁଥିବା (୬ଷ୍ଠ ଓ ୭ମ ଶ୍ରେଣୀ) ବେଳେ ଦ୍ରୌପଦୀଙ୍କ ପ୍ରିୟ ସାଙ୍ଗ ଥିଲେ ଯମୁନା ଗିରି। ଉଭୟଙ୍କ ମଧ୍ୟରେ ବନ୍ଧୁତା ବେଶ୍ ନିବିଡ଼ ଥିଲା। ଦୁହେଁ ସାଙ୍ଗ ହୋଇ ପ୍ରାର୍ଥନା କରିଥା’ନ୍ତି। ସେମାନେ ସୁଲଳିତ କଣ୍ଠରେ ପ୍ରାର୍ଥନା ଗାଉଥିବାବେଳେ ବାଟୋଇମାନେ ଅଟକି ଶୁଣିଥା’ନ୍ତି। ସ୍କୁଲରେ ହେଉଥିବା ବିଭିନ୍ନ ଖେଳକୁଦ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ରୌପଦୀ ଆଗୁଆ ରହୁଥିଲେ। ଆଞ୍ଚଳିକ ଖେଳକୁଦ ପ୍ରତିଯୋଗିତା ଦୌଡ଼ରେ ବି ସେ ପ୍ରଥମ ହେଉଥିଲେ। ତେବେ ଦ୍ରୌପଦୀ ଶ୍ରେଣୀରେ ପ୍ରଥମ ହୋଇ ଆସୁଥିବା ବେଳେ ଯମୁନା ଦ୍ୱିତୀୟ ସ୍ଥାନରେ ରହୁଥିଲେ। ତେବେ ଯମୁନାକୁ ତାଙ୍କ ପରିବାର ଲୋକେ ମନଦେଇ ପାଠପଢ଼ି ଶ୍ରେଣୀରେ ପ୍ରଥମ ହେବାକୁ ବାରମ୍ବାର ତାଗିଦା କରୁଥିଲେ। ଥରେ ଏହି କଥା ଯମୁନାଠାରୁ ଶୁଣିବା ପରେ ଦ୍ରୌପଦୀ ଜାଣିଶୁଣି ପରୀକ୍ଷାଖାତାରେ ସବୁ ଉତ୍ତର ଲେଖି ନ ଥିଲେ। ଫଳରେ ଯମୁନା ପ୍ରଥମ ହେବା ପରେ ଶିକ୍ଷକମାନେ ଦ୍ରୌପଦୀଙ୍କୁ ଡାକି ସରଳ ପ୍ରଶ୍ନର ଉତ୍ତରକୁ କାହିଁକି ଲେଖିନଥିଲ ବୋଲି ପଚାରିଥିଲେ। ତେବେ ମୋ ପାଇଁ ଯମୁନାକୁ ଗାଳି ଶୁଣିବାକୁ ପଡିଛି ଭାବି ଏପରି ପଦକ୍ଷେପ ନେଇଥିଲି ବୋଲି ଦ୍ରୌପଦୀଙ୍କଠାରୁ ଶୁଣିବା ପରେ ଶିକ୍ଷକମାନେ ପ୍ରଶଂସା କରିବା ସହ ଆଶୀର୍ବାଦ ଦେଇ ଜୀବନଯାତ୍ରାରେ ବହୁ ଆଗକୁ ବଢ଼ିବ ବୋଲି କହିଥିଲେ।

ଶାସ୍ତ୍ରୀୟ ସଙ୍ଗୀତ ରାମକେରୀ, କଳହଂସ କେଦାର, ଓଡ଼ିଶୀ, ବଙ୍ଗଳାଶ୍ରୀ ସ୍ୱରରେ ଦ୍ରୌପଦୀ ନିପୁଣା ଥିଲେ। ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ଗୁଣ ତାଙ୍କର ବାଲ୍ୟ ଜୀବନରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ୪୮ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେ ପ୍ରଥମ ହେଉଥିଲେ।



ଉପରବେଡ଼ାସ୍ଥିତ ଦ୍ରୌପଦୀ ମୁର୍ମୁଙ୍କ ବାସଭବନ।



ଦ୍ରୌପଦୀ ମୁର୍ମୁ

ଗଣିତ, ସାହିତ୍ୟ ଓ ଇଂଲିଶ୍‌ରେ ବେଶ ଭଲ କରୁଥିଲେ। ଭଲ ଚିତ୍ର ଆଙ୍କି ଅନ୍ୟମାନଙ୍କୁ ଚକିତ କରିପାରୁଥିଲେ। ଶ୍ରେଣୀ ମନିଟର ଭାବେ ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରୁଥିଲେ। ଏଭଳି ଜଣେ ଆଦର୍ଶ ଛାତ୍ରୀଙ୍କୁ ପାଇ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ପ୍ରଶଂସା କରିବା ସହ ଆମ ଅଞ୍ଚଳର ବ୍ଲାକ ଡାଇମଣ୍ଡ (କଳାହୀରା) ବୋଲି ଶିକ୍ଷକ ବେହେରା କହିଥିଲେ।

## ରାଇରଙ୍ଗପୁରରେ ଗୁରୁପୂଜନ

ଝାଡ଼ଖଣ୍ଡ ରାଜ୍ୟରେ ରାଜ୍ୟପାଳ ଭାବେ ଅଧିଷ୍ଠିତା ହେବା ସମୟରେ ରାଇରଙ୍ଗପୁରଠାରେ ଗୁରୁପୂଜନ ଉତ୍ସବ ଆୟୋଜନ କରିଥିଲେ। ଶିକ୍ଷକ ବାସୁଦେବ ବେହେରାଙ୍କ ସହ ବସନ୍ତ ଗିରି, ବିଜୟ ଗିରି, ବିଶ୍ୱେଶ୍ୱର ମହାନ୍ତଙ୍କ ସମେତ କେତେକ ଗୁରୁଙ୍କୁ ସେଠାକୁ ଡକାଇ ପୂଜାପାଠ କରିବା ପରେ ସମ୍ମାନିତ କରିଥିଲେ। ଏହି ପୂଜନ ଉତ୍ସବରେ ଗୁରୁମାନେ ତାଙ୍କୁ ଦୀର୍ଘାୟୁ ହେବା ସହ ଆଗକୁ ଆଗକୁ ବଢ଼ିବା ପାଇଁ ଆଶୀର୍ବାଦ ଦେଇଥିଲେ।



ଶିକ୍ଷକ ବାସୁଦେବ ବେହେରା

## ପଡୋଶୀଙ୍କ ମୁହଁରୁ..

### ତାଙ୍କ ସହ ମର୍ନିଂୱାକ୍ କରୁଥିଲି: ରେଣୁବାଳା ବେହେରା



ରାଇରଙ୍ଗପୁର ପୌର ପରିଷଦର ୨ନଂ. ୱାର୍ଡ ବଇଦାପୋଷିସ୍ଥିତ ବାସଭବନରେ ରହୁଥିବା ଦ୍ରୌପଦୀ ପଡ଼ୋଶୀଙ୍କ ସହ ବେଶି ମିଳାମିଶା କରୁଥିଲେ। ପୌର ଉପାଧ୍ୟକ୍ଷାଠାରୁ ଆରମ୍ଭ କରି ବିଧାୟକ, ମନ୍ତ୍ରୀ ଏବଂ ରାଜ୍ୟପାଳ ଥିବା ପର୍ଯ୍ୟନ୍ତ ପଡ଼ୋଶୀଙ୍କ ଦୁଃଖସୁଖରେ ସହଭାଗୀ ହେଉଥିଲେ। ପ୍ରାତଃଭ୍ରମଣଠାରୁ ଆରମ୍ଭ କରି ଯାନିଯାତ୍ରାରେ ପଡ଼ୋଶୀଙ୍କ ସହ ମିଳିମିଶି ଯାଉଥିଲେ। ପଡ଼ୋଶୀ ରେଣୁବାଳା ବେହେରା କହନ୍ତି, ୨୦୦୦ ମସିହା ଠାରୁ ପଡ଼ୋଶୀ ଭାବେ ରହିଆସୁଛି। ଘରକୁ ଆସିଲେ ମୋତେ ଡାକି କଥାବାର୍ତ୍ତା ହୁଅନ୍ତି। ପ୍ରତିଦିନ ସକାଳୁ ମୋ ସହ ମର୍ନିଂୱାକ୍ କରିବାକୁ ଯାଉଥିଲେ। ହେଲେ ଏବେ ଆଉ ତାଙ୍କ ସହ ସେ ସୁଯୋଗ ମିଳିବ ନାହିଁ। ତେବେ ପଡୋଶୀ ଭାବେ ଆମ ସହିତ ସେହିଭଳି ସମ୍ପର୍କ ରଖିବା ନେଇ ମୁଁ ଆଶାବାଦୀ ଅଛି।

### ଆଦିବାସୀଙ୍କ ସମସ୍ୟା ଦୂରହେବ: ଧରମବୀର କିସ୍କୁ



ପିଲାଟିବେଳୁ ତାଙ୍କ ପଡ଼ୋଶୀ ଭାବେ ରହିଆସିଛି। ତାଙ୍କ ସହ ବାରମ୍ବାର ଦେଖାସାକ୍ଷାତ୍ ହୁଏ। ରାଷ୍ଟ୍ରପତି ପଦ ମିଳିଲେ ରାଇରଙ୍ଗପୁର ସମେତ ମୟୂରଭଞ୍ଜ ଜିଲା ଏବଂ ରାଜ୍ୟର ବିକାଶ ହୋଇପାରିବ। ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଦୂର ହୋଇପାରିବ ବୋଲି ଆଶା ପ୍ରକଟ କରିଛନ୍ତି।

# ସତ୍ୟପାଠ ଦାଖଲ କଲେ ରାଜ୍ୟ ସରକାର

**ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପ୍ରସଙ୍ଗ**

■ ସେପ୍ଟେମ୍ବର ୭ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୨୮।୬

ରାଜଧାନୀ ଭୁବନେଶ୍ୱରରେ ବିଧାୟକଙ୍କ ପାଇଁ ଗଛକାଟି ଅତ୍ୟାଧୁନିକ କ୍ୱାର୍ଟର୍ସ ନିର୍ମାଣକୁ ବିରୋଧ ମାମଲାରେ ମଙ୍ଗଳବାର ହାଇକୋର୍ଟରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଛନ୍ତି। କ୍ୱାର୍ଟର୍ସ ନିର୍ମାଣ ପାଇଁ ଆଇନ ଅନୁଯାୟୀ ଗଛ କଟା କାର୍ଯ୍ୟ କରାଯାଇଛି। ଯେତିକି ଗଛ କଟାଯାଇଛି ତାହାର ୧୦ ଗୁଣ ଗଛ ଲଗାଯିବ। ଏଥିପାଇଁ ୬୮ ଲକ୍ଷ ୭୦ ହଜାର ୯୧୨ ଟଙ୍କା ବ୍ୟୟବରାଦ କରାଯାଇଛି। ୮୭୦ ଗଛ କଟାଯାଇଥିବା ବେଳେ ୮,୭୦୦ ଗଛ ଲଗାଇବା ପାଇଁ ବିଭିନ୍ନ ସ୍ଥାନ ଚିହ୍ନଟ କରାଯାଇଛି। ଏଥିସହ ଭୁବନେଶ୍ୱରର ବିଭିନ୍ନ ପାର୍କରେ ମଧ୍ୟ ଅନେକ ଗଛ ଲଗାଯାଇଛି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ସତ୍ୟପାଠ ଉପରେ ପ୍ରତିପକ୍ଷ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ଆସନ୍ତା ସେପ୍ଟେମ୍ବର ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ଆର୍. କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ସାମାଜିକକର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଆଇନଜୀବୀ ବିଜୟ ରଗଡା ବିଧାୟକ କ୍ୱାର୍ଟର୍ସ ନିର୍ମାଣ ପାଇଁ ଗଛ କାଟିବା ବନ୍ଦ କରିବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗଛ କାଟିବା ବନ୍ଦ କରିବା ସହ କଟାଯାଇଥିବା ଗଛଗୁଡ଼ିକର କ୍ଷତିପୂରଣ ଦେବାକୁ କୋର୍ଟରେ ପ୍ରାର୍ଥନା କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ସମେତ ୧୦ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜଷ୍ଟିସ ସଙ୍ଗମ୍ କୁମାର ରାଉତ ଓ ଜଷ୍ଟିସ ବି.ପି. ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୨ତାରିଖରେ ଉକ୍ତ ମାମଲାର ଶୁଣାଣି କରି କେତେ ଗଛ କଟାଯାଇଛି, କେଉଁ ଉଦ୍ଦେଶ୍ୟରେ କଟାଯାଇଛି, ଏହା ଆଇନ ଅନୁଯାୟୀ କଟାଯାଇଛି କି ନାହିଁ ସମସ୍ତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦେବାକୁ ସାଧାରଣ ପ୍ରଶାସନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ

ବରଗଡ଼ ଅଫିସ୍, ୨୮।୬

ବରଗଡ଼ ବ୍ଲକ ଅଧୀନ ଖଲିଆପାଲି ସେବାଶ୍ରମ ସ୍କୁଲର ଛାତ୍ରୀଛାତ୍ର ମଙ୍ଗଳବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତ ଅସୁସ୍ଥଙ୍କୁ ବରଗଡ଼ ସହର ଉପକଣ୍ଠ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ଲେଖାହେବା ସୁଦ୍ଧା (ରାତି ୮ଟା ୧୫ମିନିଟ୍) କେବଳ ୪ଜଣ ଛାତ୍ରୀଛାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରିଦିଆଯାଇଛି। ଅନ୍ୟପଟେ ଜିଲାପାଳ ମୋନିଷା ବାନାର୍ଜୀ ଉକ୍ତ ଘଟଣାକୁ ଗୁରୁତ୍ୱର ସହିତ ନେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ, ଖାଦ୍ୟ ନିରୀକ୍ଷକ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରି ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ବାନାର୍ଜୀ କହିଛନ୍ତି।

# ସାତକୋଶିଆରେ ଅସୁସ୍ଥ ହାତୀର ମୃତ୍ୟୁ

**ଆଉ ୩ ହାତୀ ଅସୁସ୍ଥ ଥିବା ଚର୍ଚ୍ଚା**



ଅସୁସ୍ଥ ହାତୀଟିର ଚିକିତ୍ସା କରାଯାଉଛି।

ଅନୁଗୋଳ ଅଫିସ, ୨୮।୬

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟକୁ ନେଇ ଚର୍ଚ୍ଚା ଥମୁନାହିଁ। ଦାନ୍ତ ପାଇଁ ହାତୀ ଶିକାର ଘଟଣାର ଖୋଳତାଡ଼ ସହ ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ବେଳେ ମଙ୍ଗଳବାର ଅଭୟାରଣ୍ୟରେ ଅସୁସ୍ଥ ୫ ବର୍ଷୀୟ ଏକ ଅଣ୍ଡିରା ହାତୀର ମୃତ୍ୟୁ ହୋଇଛି। କିଛିଦିନ ପୂର୍ବରୁ ପମ୍ପାସର ରେଞ୍ଜ ଜୁଜୁବ ଅଞ୍ଚଳରେ ମଧ୍ୟ ଅସୁସ୍ଥତା କାରଣରୁ ଏକ ହାତୀର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ଟିକରପଡ଼ା ରେଞ୍ଜ କୁଶଖଳି ଜଙ୍ଗଲର ସୁନା ଖଣିଆ ଗ୍ରାମ ନିକଟରେ ସୋମବାର ଉକ୍ତ ୫ ବର୍ଷୀୟ ଅଣ୍ଡିରା ହାତୀକୁ ଅସୁସ୍ଥ ଅବସ୍ଥାରେ ଠାବ କରାଯାଇଥିଲା। ରକ୍ତହୀନତାରେ ପୀଡ଼ିତ ଥିବାରୁ ବନ ବିଭାଗ ପକ୍ଷରୁ ତାହାର ଚିକିତ୍ସା କରାଯାଉଥିଲା। କିନ୍ତୁ ସକାଳେ ତାହାର ମୃତ୍ୟୁ ହୋଇଯାଇଥିବା ସାତକୋଶିଆ ଡିଏଫଓ ଡ. ସରୋଜ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ୧୦ରୁ ୧୨ ଦିନ ହେବ ଛୁଆ ହାତୀଟି ଅସୁସ୍ଥ ଅବସ୍ଥାରେ ବୁଲୁଥିଲା। ଜନବସତି ନିକଟରେ ଚଳପ୍ରଚଳ କରୁଥିଲେ ମଧ୍ୟ ସତେଜ ନ ଥିଲା। ଏପରି କି ହାଲିଆ ହୋଇ ଅନେକ ସମୟରେ ଶୋଇ ରହୁଥିଲା। ହାତୀମାନେ ତାକୁ ପଲରେ ପୂରାଇ ଦେଉ ନ ଥିବା ପ୍ରଥମେ ଲୋକମାନେ ଅନୁମାନ କରୁଥିଲେ। କିନ୍ତୁ ପରେ ଛୁଆ ହାତୀର ଚାଲିଚଳଣ ଦେଖି ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବା ଜାଣିପାରିଥିଲେ। ଏ ନେଇ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ତେବେ ଚିକିତ୍ସାରେ ବିଳମ୍ବ ହେବାରୁ ହାତୀଟିର ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଅଭୟାରଣ୍ୟର ଟାଇଁସିରେ ଗୋଟିଏ ଓ ପମ୍ପାସର ରେଞ୍ଜରେ ମା’ ସହ ଛୁଆ ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବା ପରେ ବନ ବିଭାଗ ସତ୍ୟାସତ୍ୟ ଜାଣିବାକୁ ଜଙ୍ଗଲରେ ଅନୁସନ୍ଧାନ ଚଳାଇଥିବା ଡିଏଫ୍‌ଓ ଡ. ପଣ୍ଡା ସୂଚନା ଦେଇଛନ୍ତି।


## STATE INSTITUTE OF HOTEL MANAGEMENT, BALANGIR

Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484


# ଗୋଟିଏ ସେକ୍ସନରୁ ମିଳିଛି ସବୁ କଙ୍କାଳ

**ହାତୀ କଙ୍କାଳ ଜବତ ଘଟଣା**

■ ୨ ଫରେଷ୍ଟର ଫେରାର
■ ତଦନ୍ତ ପରିସରଭୁକ୍ତ ହେବେ ଡିଏଫ୍‌ଓ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଆଠଗଡ଼ ବନଖଣ୍ଡର ନରସିଂହପୁର ଅଞ୍ଚଳରୁ ବାରମ୍ବାର ହାତୀ କଙ୍କାଳ ମିଳିବା ପରେ ଚାଲିଛି ତନାଘନା। ଏ ସମସ୍ତ କଙ୍କାଳ ବଡ଼ମ୍ବା ରେଞ୍ଜ୍‌ର ଗୋଟିଏ ସେକ୍ସନରୁ ଜବତ କରାଯାଇଛି। ଏଥିରେ ଫରେଷ୍ଟରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ତେବେ ୨ଜଣ ଫରେଷ୍ଟର ଫେରାର ଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି। ସୋମବାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଉପସ୍ଥିତିରେ ଆଉ ଗୋଟିଏ କଙ୍କାଳ ମିଳିଥିଲା। ହାତୀର ମୃତଦେହ ଲୁଚାଇବାରେ ଫରେଷ୍ଟରମାନଙ୍କର ସମ୍ପୃକ୍ତି ରହିଛି। ହାତୀ ମୃତ୍ୟୁରେ ସେମାନଙ୍କର କ’ଣ ଭୂମିକା ରହିଛି, ତାହା ଏସ୍‌ଆଇଟି ତଦନ୍ତରୁ ସ୍ପଷ୍ଟ ହେବ। ରାଜ୍ୟରେ ଯେତିକି ବି ହାତୀ କଙ୍କାଳ ଉଦ୍ଧାର ହେବ, ଏସ୍‌ଆଇଟି ସବୁ ଘଟଣାର ତଦନ୍ତ କରିବ। ଏସ୍‌ଆଇଟିରେ ଜଣେ ବିଶେଷଜ୍ଞ ସଦସ୍ୟ ରହିଛନ୍ତି, ଯିଏ କି ହାତୀ କଙ୍କାଳର ନମୁନାରୁ ଏଗୁଡ଼ିକ କେବେ ଘଟିଛି ତାହା ଆକଳନ କରିବେ। ତାଙ୍କ ଆକଳନ ଆଧାରରେ ଯେଉଁ ଡିଏଫ୍‌ଓଙ୍କ ସମୟରେ ଏହି ଘଟଣା ଘଟିଥିବ, ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପିସିସିଏଫ୍ କହିଛନ୍ତି। ସୂଚନାଯୋଗ୍ୟ, ଆଠଗଡ଼ ବନଖଣ୍ଡର ବଡ଼ମ୍ବା ରେଞ୍ଜରୁ ଚଳିତ ମାସରେ ୪ଟି ହାତୀ କଙ୍କାଳ ଖୋଳା ହୋଇ ବାହାର କରାଯାଇଛି। ସେହିପରି ନରସିଂହପୁର ୱେଷ୍ଟ ରେଞ୍ଜରୁ ଗତ ଫେବୃୟାରୀ ୮ତାରିଖରେ ମଧ୍ୟ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ହାତୀ କଙ୍କାଳକୁ ଖୋଳି ବାହାର କରିଥିଲା। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏଭଳି ଘଟଣା ଘଟୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ। ତେଣୁ ଏହାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବାକୁ ଦାବି ହୋଇଥିଲା। ଏହାପରେ ରାଜ୍ୟ ସରକାର ଏସ୍‌ଆଇଟି ଗଠନ କଲେ। ଏଥିରେ ବନ ବିଭାଗର ଦୁଇଜଣ ଅଧିକାରୀ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପି, ଜଣେ ହାତୀ କଙ୍କାଳ ବିଶେଷଜ୍ଞ ଏବଂ ଓୟୁଏଟିର ଜଣେ ଡାକ୍ତର ସଦସ୍ୟ ରହିଛନ୍ତି। ଏମାନେ ଘଟଣାର ଅନୁଧ୍ୟାନ କରୁଛନ୍ତି। ମାସକ ଭିତରେ ରିପୋର୍ଟ ଦେବା ପାଇଁ ଏସ୍‌ଆଇଟିକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ପୂର୍ବରୁ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଥିଲେ।




ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ଭିଟାମିନ୍ ଓ ସ୍ୱାସ୍ଥ୍ୟ

ଭାରତରେ ଅଧିକାଂଶ ଲୋକଙ୍କ ଅଭ୍ୟାସ ରହିଛି ଯଦି ସେମାନଙ୍କୁ କୌଣସି ରୋଗ ହୁଏ ଡାକ୍ତରଙ୍କ ପରାମର୍ଶ ନେବା ଅପେକ୍ଷା ଦୋକାନରୁ ଔଷଧ କିଣି ସେବନ କରିଥାଆନ୍ତି। ଆହୁରି କିଛି କ୍ଷେତ୍ରରେ ଦେଖାଯାଉଛି, ଡାକ୍ତର ଔଷଧ ପ୍ରେସ୍କ୍ରିପ୍ସନ କରୁଥିବା ବେଳେ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ କ୍ଲିନିକାଲ ଟେଷ୍ଟ କିମ୍ବା ଭିଟାମିନ୍ ଲେଖିବା ଲାଗି ପ୍ରସ୍ତାବ ଦେଇଥାଆନ୍ତି। ଏଭଳି ବ୍ୟକ୍ତିମାନଙ୍କ ମନରେ ଧାରଣା ରହିଛି ଯେ, ଭିଟାମିନ୍ ଖାଇଦେଲେ ରୋଗ ଭଲ ହେବା ସହ ସେମାନେ ସୁସ୍ଥ ହୋଇଯିବେ। ଏପରି ମାନସିକତା ଠିକ୍ ନୁହେଁ ବୋଲି ଏବେ ଦିଲ୍ଲୀର ମୌଲାନା ଆଜାଦ ମେଡିକାଲ କଲେଜ (ଏମ୍ଏଏମ୍ସି) ଓ ରାମ ମନୋହର ଲୋହିଆ ହସ୍ପିଟାଲର ବିଶେଷଜ୍ଞମାନେ ଦେଇଥିବା ମତରୁ ସ୍ପଷ୍ଟ ବୁଝାପଡ଼ିଯାଉଛି। ସେମାନେ କହିଛନ୍ତି, ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖିବା ପରେ ଡାକ୍ତରଙ୍କ ଦ୍ୱାରା ଯଥାର୍ଥ ବୈଜ୍ଞାନିକ ପ୍ରମାଣସିଦ୍ଧ ଭିଟାମିନ୍ ବ୍ୟବହାର କରାଯିବା ଦରକାର। ବହୁ ପୁରୁଣା ରୋଗ ଲାଗି ପ୍ରତିଷେଧକ ଭାବେ ହେଉ କିମ୍ବା ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସକାଶେ ଅବିଚାରିତ ଭାବେ ଯେଉଁଭଳି ଭିଟାମିନ୍ ବ୍ୟବହାର କରାଯାଉଛି, ତାହାକୁ ବନ୍ଦ କରାଯିବା ଉଚିତ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଭାରତ ସମେତ ବିଶ୍ୱବ୍ୟାପୀ ମଲ୍ଟିଭିଟାମିନ୍ ବହୁଳ ଭାବେ ବ୍ୟବହୃତ ହେଉଥିବା ପରିପ୍ରେକ୍ଷୀରେ ବିଶେଷଜ୍ଞ ଡାକ୍ତରମାନେ ଏଭଳି ଚେତାବନୀ ଦେଇଛନ୍ତି। ଏଥିସହିତ ସେମାନେ କହିଛନ୍ତି ଯେ, ଭାରତ ଭିଟାମିନ୍ କିମ୍ବା ମିନେରାଲ ସପ୍ଲିମେଣ୍ଟ୍ସ ସକାଶେ ବୈଜ୍ଞାନିକ ପ୍ରମାଣସିଦ୍ଧ ନିୟମାବଳୀ ଆଣିବା ଦରକାର। ଏଥିଲାଗି ନ୍ୟୁଟ୍ରିଶନ, ଫାର୍ମାକୋଲୋଜି ଏବଂ ନିଦାନ କ୍ଷେତ୍ରର ବିଶେଷଜ୍ଞଙ୍କ ମଧ୍ୟରେ ସହମତି ଅଣାଯିବା ଉଚିତ ବୋଲି କୁହାଯାଇଛି।

ଅବିଚାରିତ ଭାବେ ଭିଟାମିନ୍ ବ୍ୟବହାର କରାଯାଉଥିବାରୁ ଶରୀର ଉପରେ ତାହାର ଘୋର ପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଉଛି। ସେଥିମଧ୍ୟରୁ ସାଧାରଣରେ ଭିଟାମିନ୍-'ବି' ବହୁଳ ମାତ୍ରାରେ ଲୋକେ ସେବନ କରୁଛନ୍ତି। ୟୁଏସ୍ ପ୍ରିଭେନ୍ଶନ ସର୍ଭିସ ଟାସ୍କଫୋର୍ସ (ୟୁଏସ୍ପିଏସ୍ଟିଏଫ୍) ଗତ ସପ୍ତାହରେ ହୃଦ୍ ସମ୍ବନ୍ଧୀୟ ଓ କର୍କଟ ରୋଗର ପ୍ରତିରୋଧକ ଭାବେ ବ୍ୟବହୃତ ଭିଟାମିନ୍, ମିନେରାଲ୍ସ ଓ ମଲ୍ଟିଭିଟାମିନ୍ ସପ୍ଲିମେଣ୍ଟ ସଂକ୍ରାନ୍ତରେ ନୂଆ ନିୟମାବଳୀ ଜାରି କରିଛି। ଏହି ଦୁଇ ରୋଗ ଲାଗି ବିଶେଷକରି ବିଟା କାରୋଟିନ୍ କିମ୍ବା ଭିଟାମିନ୍-ଇ ସପ୍ଲିମେଣ୍ଟ ବ୍ୟବହାର ରୋକିବା ଲାଗି ସୁପାରିସ କରିଛି। ଜର୍ନାଲ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏଶନ୍ ପକ୍ଷରୁ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ତନାଘନା ଆରମ୍ଭ ହୋଇଛି। ନୂଆଦିଲ୍ଲୀ ଏମ୍ସର ମେଡିସିନ୍ ବିଭାଗର ଆଡିଶନାଲ ପ୍ରଫେସର ନିରଜ ନିଶ୍ଚଳ କହିଛନ୍ତି ଯେ, ଭିଟାମିନ୍ ବଟିକା ସେବନ କରିବା ଅପେକ୍ଷା ଲୋକେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା ଦରକାର। କିନ୍ତୁ ଆଜିର ଖାଦ୍ୟଶସ୍ୟ ଅନେକାଂଶରେ ରାସାୟନିକ ଓ କୀଟନାଶକ ପଦାର୍ଥ ଦ୍ୱାରା ବିଷାକ୍ତ ହୋଇଯାଇଛି। ଏପରିକି କୁକୁଡ଼ାର ଓଜନ ଶୀଘ୍ର ବଢ଼ାଇ ଦେବା ଲାଗି ରସାୟନଯୁକ୍ତ କୃତ୍ରିମ ଖାଦ୍ୟ ଦିଆଯାଉଛି। ଏହିସବୁକୁ ଯେତେବେଳେ ମଣିଷ ଖାଉଛନ୍ତି, ତାହା ସିଧାସଳଖ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏହା ଦ୍ୱାରା ନୂତନ ପ୍ରକାରର ରୋଗ ବା ବ୍ୟାଧି ଦେଖିବାକୁ ମିଳୁଛି। ଅନେକ ସମୟରେ 'ଅଚିହ୍ନା' ରୋଗରେ ଲୋକଙ୍କ ମୃତ୍ୟୁ ଘଟୁଥିବା ଖବର ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ଏହିଭଳି ଘଟଣା ସୀମିତ ଅଞ୍ଚଳରେ ରହୁଥିବାରୁ ବୁଝିହେବ ଯେ, ସେହି ଅଞ୍ଚଳରେ କିଛି ବିଶେଷ ରାସାୟନିକ ପଦାର୍ଥ ବ୍ୟବହୃତ ହେଉଥିବାରୁ ଲୋକେ ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଯଦିଓ ଜୈବିକ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି, ଭାରତର ଜନସଂଖ୍ୟା ତୁଳନାରେ ଖାଦ୍ୟ ଉତ୍ପାଦନ ଯଥେଷ୍ଟ ହେବା ନେଇ ଆଶଙ୍କା ରହିଛି। ତଥାପି ଜନସାଧାରଣ ଯଥାସମ୍ଭବ ସ୍ୱାସ୍ଥ୍ୟକର ଖାଦ୍ୟ ବାଛିବା ଜରୁରୀ ହୋଇପଡ଼ିଲାଣି।

ସାଧାରଣରେ ଭାରତୀୟମାନେ ଦେଶୀ ଚିକିତ୍ସା ଆପଣାଇ ରୋଗରୁ ମୁକ୍ତ ହୋଇପାରୁଥିଲେ। ହେଲେ ଏବେ ଫାର୍ମା କମ୍ପାନୀଗୁଡ଼ିକ ଦ୍ୱାରା ଭିଟାମିନ୍ ସପ୍ଲିମେଣ୍ଟର ଯେଉଁଭଳି ପ୍ରଚାର କରାଯାଉଛି ସେହି ଡାଆଁରେ ଗ୍ରାମୀଣ ଲୋକମାନେ ମଧ୍ୟ ପଡ଼ିଯାଇଥିବା ଦେଖାଯାଉଛି। କୁହାଯାଏ ରୋଗରେ ପଡ଼ି ଆରୋଗ୍ୟ ହେବାଠାରୁ ପ୍ରତିଷେଧକ ଶ୍ରେୟସ୍କର। ପ୍ରତ୍ୟେକ ବ୍ୟକ୍ତି ପ୍ରତିଷେଧକମୂଳକ ଦିଗକୁ ଅନିଶା କରିବା ଭଲ କଥା। ଏବର ସମୟରେ ସ୍ୱାସ୍ଥ୍ୟକର ଜୀବନଶୈଳୀର ଚାହିଦା ବଢ଼ିଛି। କିନ୍ତୁ ଏହାର ପାର୍ଶ୍ୱ ପ୍ରତିକ୍ରିୟା କ'ଣ ରହିବ ତାହା ଉପରେ ଅଧିକାଂଶ ଗୁରୁତ୍ୱ ଦେଉ ନାହାନ୍ତି। ଯୋଗ ରୋଗର ଶ୍ରେଷ୍ଠ ଉପଚାର ବୋଲି କୁହାଯାଉଛି। ତାହା ନିୟମିତ ଅଭ୍ୟାସ କରାଗଲେ ସୁଫଳ ମିଳିଥାଏ। କିନ୍ତୁ ଯେଉଁଭଳି ଭାବେ ଗୋଟିଏ ଦିନ ଯୋଗ ଦିବସ ପାଳନ କରାଯାଉଛି, ତାହା ଏକ ରାଜନୈତିକ ପ୍ରଚାର ଛଡ଼ା ଅନ୍ୟ କିଛି ନୁହେଁ ବୋଲି ବୁଝାପଡୁଛି। ସେହିପରି ସ୍ୱାସ୍ଥ୍ୟ ସମ୍ବନ୍ଧରେ ବହୁ ଲୋକ ଠିକ୍ ଭାବେ ଅବଗତ ନ ହୋଇ ଦେଖାଶିଖା ଢଙ୍ଗରେ ଭିଟାମିନ୍ ଔଷଧ ଖାଇଯାଉଛନ୍ତି। ଆଉ ଏହି ଧାରା କୋଭିଡ୍-୧୯ ମହାମାରୀ ବେଳେ ବ୍ୟାପକ ହୋଇଥିବା ସମସ୍ତେ ଅନୁଭବ କରିଛନ୍ତି। ରୋଗ ପ୍ରତିରୋଧକ ଶକ୍ତିବର୍ଦ୍ଧକ ଭାବେ ଭିଟାମିନ୍-'ସି' ଏବଂ ଭିଟାମିନ୍-'ଡି'କୁ ଲୋକେ ସେହି ସମୟରେ ଚୋବେଇ ଚାଲିଥିଲେ। ୨୦୧୮ରେ ହୋଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ବିଶ୍ୱ ଡାଏଟେରି ସପ୍ଲିମେଣ୍ଟ ବଜାରରେ ଭିଟାମିନ୍ ସର୍ବାଧିକ ବିକ୍ରି ହୋଇଥିଲା, ଯାହାର ରାଜସ୍ୱ ଆକାର ୩୭.୬ ବିଲିୟନ ଡଲାରରେ ପହଞ୍ଚିଥିଲା। ତେଣୁ କୋଭିଡ୍-୧୯ ପରେ ଏହାର ଆକାର କେତେ ବଢ଼ିଯାଇଥିବ ସାଧାରଣରେ କଳନା କରିବା କଷ୍ଟକର। ଭାରତ ପରିପ୍ରେକ୍ଷୀରେ ଦେଖିଲେ ହିସାବରୁ ଜଣାପଡ଼ିଛି ଯେ, ଏଠାରେ ଡାକ୍ତରମାନେ ଯେତେ ଔଷଧ ଲେଖିଥାଆନ୍ତି ସେଥିମଧ୍ୟରେ ୨୫ ପ୍ରତିଶତ ଭିଟାମିନ୍ ରହିଥାଏ। ଅର୍ଥାତ୍ ଫାର୍ମା କମ୍ପାନୀଗୁଡ଼ିକର ପ୍ରଚାର ଲାଗି ଡାକ୍ତରମାନେ କାର୍ଯ୍ୟ କରୁଥିବା ମଧ୍ୟ କୁହାଯାଉଛି। ଅତଏବ ଜନସାଧାରଣ ଆବଶ୍ୟକ ତଥା ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଦରକାର। ଆଖିବୁଜି ଭିଟାମିନ୍ ଖାଇଦେଲେ ଯେ ଜଣେ ଉତ୍ତମ ସ୍ୱାସ୍ଥ୍ୟଧାରୀ ହୋଇଯିବେ ଭାବିବା ଭୁଲ୍। ଭଲ ଭାବେ ଜାଣି ଓ ପରଖି ଉପଯୁକ୍ତ ଔଷଧ ବ୍ୟବହାର କଲେ ସୁଫଳ ମିଳିଥାଏ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 8 | | 1 | | | |
| 3 | 2 | | | | 4 | 6 | | |
| | 1 | | | | | 9 | | 2 |
| | | | | | | 8 | 1 | 5 |
| | | | 4 | | | | | |
| | | | | | | 7 | | |
| 5 | 4 | | | | 8 | | 6 | |
| | | 1 | | 9 | 7 | | | |
| | | 8 | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 7 | 9 | 2 | 5 | 3 | 4 |
| 5 | 2 | 4 | 3 | 8 | 1 | 9 | 7 | 6 |
| 3 | 7 | 9 | 4 | 5 | 6 | 1 | 2 | 8 |
| 6 | 1 | 7 | 9 | 2 | 5 | 4 | 8 | 3 |
| 4 | 5 | 3 | 8 | 6 | 7 | 2 | 1 | 9 |
| 9 | 8 | 2 | 1 | 3 | 4 | 7 | 6 | 5 |
| 7 | 4 | 6 | 5 | 1 | 3 | 8 | 9 | 2 |
| 8 | 3 | 1 | 2 | 4 | 9 | 6 | 5 | 7 |
| 2 | 9 | 5 | 6 | 7 | 8 | 3 | 4 | 1 |

ଗତକାଲିର ଉତ୍ତର

# ବହୁଭାଷୀୟ ଶ୍ରେଣୀ ବ୍ୟବସ୍ଥାର ବିଚାର



ଲୋକନାଥ ପଣ୍ଡା

ନିକଟରେ ମୟୂରଭଞ୍ଜ ଜିଲାର ଯଶୀପୁର ଅଞ୍ଚଳର କେତୋଟି ଆଦିବାସୀ ଗାଁର ଗ୍ରାମବାସୀ ଓ ଶିଶୁଙ୍କ ସହ ବୁଲିବାର ସୁଯୋଗ ମିଳିଥିଲା। ଆଦିବାସୀ ବହୁଳ ଦୁର୍‌ଦୁରା ଗ୍ରାମରେ ମାଙ୍ଗଡ଼ିଆ, ଖଡ଼ିଆ, ସାନ୍ତାଳ, ହୋ ଜନଜାତିର ପରିବାର ବସବାସ କରୁଛନ୍ତି। ସେମାନଙ୍କ ଭାଷାରେ ସାମଞ୍ଜସ୍ୟ ରହିଥିଲେ ମଧ୍ୟ ପ୍ରତ୍ୟେକ ଜନଜାତିର ଭାଷା ସ୍ୱତନ୍ତ୍ର। ଭାଷାର ପ୍ରୟୋଗକୁ ନେଇ ପ୍ରାଥମିକ ଓ ପ୍ରାକ୍-ପ୍ରାଥମିକ ସ୍ତରରେ ସ୍କୁଲର ଶିକ୍ଷକ, ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ସ୍ୱେଚ୍ଛାସେବୀ, ମାଆମାନଙ୍କ ସହିତ ଆଲୋଚନା କରୁଥିଲି। ଏହି ସମୟରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ, ବିଦ୍ୟାଳୟରେ କିପରି ବିଭିନ୍ନ ଭାଷାଭାଷୀର ଶିଶୁ ଶିକ୍ଷାଲାଭ କରୁଛନ୍ତି, ତାହାକୁ ଅନୁଧ୍ୟାନ କରୁଥିଲି। ଦେଖୁଥିଲି, ଏକାଠି ସାନ୍ତାଳ,କୋହ୍ଲ/ହୋ, ମାଙ୍ଗିଡ଼ିଆ, ଖଡ଼ିଆ ଶିଶୁ ଶିକ୍ଷାଲାଭ କରୁଛନ୍ତି। ସମସ୍ତଙ୍କ ଭାଷାରେ ପ୍ରଭେଦ ରହିଛି। ସମସ୍ତଙ୍କ ଭାଷା ମଧ୍ୟରେ ସମନ୍ୱୟ ରହିଛି ଏବଂ ପରସ୍ପର ଭାଷାର ବିକାଶରେ ସାହାଯ୍ୟ କରୁଛନ୍ତି। ଗଜପତି ଜିଲାର ଆଦିବାସୀ ବହୁଳ ଅଞ୍ଚଳରେ, ରାୟଗଡ଼ା ଜିଲାର କେତେକ ଅଞ୍ଚଳରେ ମଧ୍ୟ ଏହିଭଳି ବହୁଭାଷୀ ଶିଶୁ ଏକାଠି ପଢ଼ିବା ଦେଖିଛି, ଯଥା ସେଠାରେ ସଉରା, କନ୍ଧ, ତେଲୁଗୁ, ଓଡ଼ିଆ ଏହିପରି ଚାରି ପାଞ୍ଚ ପ୍ରକାର ଶିଶୁ ଏକାଠି ଶିକ୍ଷାଲାଭ କରିବାର ନଜିର ରହିଛି। ସମସ୍ତେ ବୋଧହୁଏ ଓଡ଼ିଆକୁ ବାଧ୍ୟ ହୋଇ ଆପଣାଇଛନ୍ତି। ଓଡ଼ିଶାରେ ଏହିଭଳି ଅନେକ ଅଞ୍ଚଳ ରହିଛି, ଯେଉଁଠି ଚାରି ପାଞ୍ଚ ପ୍ରକାର ଭାଷାଭାଷୀ ଶିଶୁ ଏକାଠି ଶିକ୍ଷାଲାଭ କରୁଛନ୍ତି। ସେହିଭଳି ସ୍ଥିତିରେ ଭାଷାଗତ ବିବିଧତାରେ ସମତା ଆଣିବା, ଏହାକୁ ଏକ ସମ୍ବଳ ଓ ସୁଯୋଗ ବୋଲି ଭାବିବା ଏବଂ ଏକ ଆହ୍ୱାନ ଭାବରେ ଗ୍ରହଣ କରି ନିଆଯିବ, ତାହାକୁ ହୃଦୟଙ୍ଗମ କରିବାର ଆବଶ୍ୟକତା ସମ୍ପର୍କରେ ମନରେ ଭାବନା ଆସୁଥିଲା। ସହରାଞ୍ଚଳରେ ବହୁଭାଷୀ ହେବାର ସୁଯୋଗ ରହିଛି, କିନ୍ତୁ ତାହା ମଧ୍ୟ ସୀମିତ। ଓଡ଼ିଶାର ଆଦିବାସୀ ଅଞ୍ଚଳ ପରିପ୍ରେକ୍ଷୀରେ ଯଦି ଆମେ ଆଲୋଚନା କରିବା, ତେବେ ଅନେକ ଅଞ୍ଚଳରେ ଏହିଭଳି ସ୍ଥିତି ଓ ସମ୍ଭାବନା ରହିଛି। ଦାୟିତ୍ୱ ହେଉଛି, ପିଲାମାନଙ୍କର ଭାଷାକୁ ନେଇ ତାଙ୍କର ମାତୃଭାଷା ମାଧ୍ୟମରେ ସମ୍ଭାବନାକୁ ଜାଗ୍ରତ କରିବା ଏବଂ ଏହାକୁ ବିକଶିତ କରିବା।

ସବୁଠାରୁ ବଡ଼କଥା ହେଲା ଯିଏ ଅଧିକ ଭାଷା ଶିଖିଛି, ସିଏ ନିଶ୍ଚୟ ଆଗରେ ରହେ। ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ଦ୍ୱାରା ଶିଶୁଟିର ଶିଖିବାର ପ୍ରକ୍ରିୟା କ୍ଷିପ୍ର ହୋଇଥାଏ ବୋଲି ଅନେକ ଅଧ୍ୟୟନରୁ ଜଣାପଡ଼ିଛି। ଅନେକ ସମୟରେ କୁହାଯାଇଛି ଯେ, ଶିଶୁଟି ଯଦି ପ୍ରାରମ୍ଭିକ ସମୟରେ ଅନେକ ଭାଷା ସହିତ ସମ୍ପର୍କରେ ଆସେ, ତେବେ ତାହାର ଭାଷା ଶିଖିବାର ପ୍ରକ୍ରିୟାରେ ସମ୍ଭାବନା ଓ ସୁଯୋଗଗୁଡ଼ିକ ବେଶି ବଢ଼ିଯାଇଥାଏ। ବହୁଭାଷୀ ଶ୍ରେଣୀୟ ପ୍ରାକ୍-ପ୍ରାଥମିକ ଶିକ୍ଷା ଅବା ପ୍ରାଥମିକ ଶିକ୍ଷାକୁ ଯଦି ଆମେ ଆଲୋଚନା କରିବା, ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଏହିଭଳି ବହୁଭାଷୀ ହେବାର ସୁଯୋଗ ଅନେକ କ୍ଷେତ୍ରରେ ଦେଖାଦେଇଥାଏ। ଅନେକ ଭାଷାର ସମ୍ବଳ ହେଉ, କଥିତ ଭାଷାର ସମ୍ବଳ ହେଉ, ପ୍ରାକୃତିକ ସମ୍ବଳ ହେଉ, ଏହାକୁ ଜାଗ୍ରତ କରିବା; ସେମାନଙ୍କ ଭାଷାକୁ ନେଇ ଆତ୍ମସମ୍ମାନ ବିକାଶ କରିବା ଓ ଆତ୍ମବିଶ୍ୱାସ ଜାଗ୍ରତ କରିବା ହେଉଛି ସବୁଠାରୁ ବଡ଼ କଥା। ଶିଶୁଟି ନିଶ୍ଚିତ ଭାବରେ ଜନ୍ମ ହେବା ପୂର୍ବରୁ ହିଁ ଭାଷାକୁ ନେଇ ଜନ୍ମ ହେଉଛି। ତା'ର ମା', ପରିବାର, ପରିବେଶ, ପ୍ରକୃତିକୁ ନେଇ ତା' ଭିତରେ ଭାଷାର ବିକାଶ ହେଉଛି। ଅଙ୍ଗନୱାଡି କେନ୍ଦ୍ର ହେଉ ବା ପ୍ରାଥମିକ ବିଦ୍ୟାଳୟ ଗଲା ପରେ ତାହାର ଭାଷାର ବ୍ୟାପ୍ତ ଆପେ ଆପେ ବଢ଼ିଥାଏ।



ମାତୃଭାଷା ହେଉ, ବହୁଭାଷୀକତାକୁ ନେଇ ଆଞ୍ଚଳିକ ସ୍ତରରେ ଏ ପର୍ଯ୍ୟନ୍ତ ଅନେକ ଦ୍ୱନ୍ଦ୍ୱ ରହିଛି। ସହରାଞ୍ଚଳରେ ଓଡ଼ିଆ, ହିନ୍ଦୀ ଏବଂ ଇଂଲିଶକୁ ଗୁରୁତ୍ୱ ଦେବା ବେଳେ ଗାଁ ଗହଳି ସ୍ତରରେ ମଧ୍ୟ ଏହାକୁ ନକଲ କରାଯାଉଛି। ଫଳରେ ଆଞ୍ଚଳିକ ଭାଷାଗୁଡ଼ିକ ଗୋଡ଼ାଣିଆ ହୋଇ ତାହାର ଅସ୍ତିତ୍ୱ ହରାଉଛି ଏବଂ ଆସ୍ତେ ଆସ୍ତେ ଆଞ୍ଚଳିକ ଭାଷା, ସଂସ୍କୃତି ଆଦି ନଷ୍ଟ ହେବାରେ ଲାଗିଛି। ସମୟ ଆସିଛି, ବିବିଧତାକୁ ସମ୍ମାନ ଦେବା, ଆଞ୍ଚଳିକ, ତୃଣମୂଳ ସ୍ତରରେ ଥିବା ସଂଖ୍ୟାଲଘୁ ଭାଷାକୁ ନେଇ ଅଧିକ ଯତ୍ନଶୀଳ ଓ କ୍ରିୟାଶୀଳ କରିବା। ଗାଁ ସ୍ତରର ଭାଷାକୁ ସମ୍ମାନର ସହ ଦୃଷ୍ଟି ଦେବାକୁ ପଡ଼ିବ। ଗ୍ରାମବାସୀଙ୍କ ମଧ୍ୟରେ ନିଜର ଭାଷା, ସଂସ୍କୃତିକୁ ନେଇ ପୁନର୍ଜାଗରଣ ହେବା ଦରକାର। ଜଣେ ଆଦିବାସୀ ଯେପରି ନିଜର ଭାଷାକୁ ନେଇ ହୀନମନ୍ୟତା ଶିକାର ନ ହେବ, ସେହିଭଳି କାର୍ଯ୍ୟକଳାପ ବନ୍ଦ ହେବା ଦରକାର। ଆଦିବାସୀମାନଙ୍କ ଭାଷା ମଧ୍ୟରେ ନିଜର ସଂସ୍କୃତି, ସ୍ୱାବଲମ୍ବନ, ଆତ୍ମସ୍ୱାଭିମାନକୁ ନେଇ ସେମାନଙ୍କ ମଧ୍ୟରେ ବୀଜ ଅଙ୍କୁରିତ ହେବା ଦରକାର।

ଓଡ଼ିଶା କ୍ଷେତ୍ରରେ ନେଇଥିବା ପଦକ୍ଷେପ ସମ୍ପର୍କରେ ଯଦି ଆମେ ଆଲୋଚନା କରିବା, ଆଦିବାସୀ ଅଞ୍ଚଳରେ ମାତୃଭାଷା ଆଧାରିତ ଶିକ୍ଷାଦାନ ନିମନ୍ତେ ସରକାରଙ୍କ ତରଫରୁ ଭାଷା ନୀତି ହୋଇଛି। ଜନଜାତି ବହୁଳ ଅଞ୍ଚଳରେ ଶିକ୍ଷାଦାନ ପାଇଁ ଆଞ୍ଚଳିକ ଭାଷାରେ ଶିକ୍ଷଣ ସାମଗ୍ରୀ, ଅଙ୍ଗନୱାଡି ନିମନ୍ତେ ନୂଆ ଅରୁଣିମା ହୋଇଛି। କିନ୍ତୁ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଦରକାର। ଏଥିସହିତ ଗ୍ରାମୀଣ ଅଞ୍ଚଳରେ କଥିତ ଭାଷାରେ ଅନେକ ଭାଷା ସମ୍ବନ୍ଧୀୟ ସମ୍ବଳ ରହିଛି, ତାହାକୁ ଶିକ୍ଷାଦାନରେ ବ୍ୟବହାର ହେବା ଉଚିତ। ଶିକ୍ଷକ ହୁଅନ୍ତୁ କିମ୍ବା ଶିକ୍ଷା କାର୍ଯ୍ୟକ୍ରମରେ ସଂପୃକ୍ତ ବ୍ୟକ୍ତିବିଶେଷ ମଧ୍ୟରେ ବହୁଭାଷୀ ଶିକ୍ଷାକୁ ଏକ ସୁଯୋଗ ଓ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିବା ଆବଶ୍ୟକ। ଶ୍ରେଣୀଗୃହରେ ବହୁଭାଷାଭାଷୀ ଶିଶୁ ଯେପରି ନିଜ ନିଜ ଭାଷାରେ ଶିକ୍ଷା ପାଇବାର ସୁଯୋଗ ପାଇବେ, ସେଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବା ଦରକାର। ଏଥିରେ ଶିକ୍ଷକଙ୍କୁ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବ୍ବାହ କରିବାକୁ ପଡ଼ିବ।

ବହୁଭାଷୀକତା ତଥା ପ୍ରାଥମିକ ସ୍ତରରେ ବହୁଭାଷୀ ଶ୍ରେଣୀୟ ବ୍ୟବସ୍ଥା ସମ୍ପର୍କରେ ଅଧିକ ଅଧ୍ୟୟନ ହେବା ସହିତ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ହେବାର ଆବଶ୍ୟକତା ରହିଛି। ଏହାକୁ ନେଇ କେତୋଟି ହାତଗଣତି ଅନୁଷ୍ଠାନ, ବ୍ୟକ୍ତିବିଶେଷ ଏହାକୁ ଅଧ୍ୟୟନ କରି ପ୍ରୟୋଗ କରୁଛନ୍ତି କିମ୍ବା ଏହାର ପ୍ରୟୋଗକୁ ଉତ୍ସାହିତ କରୁଛନ୍ତି, କିନ୍ତୁ ଏହାକୁ ନେଇ ଅଧିକ ଆଲୋଚନା, ପ୍ରୟୋଗ ହେବା ଦରକାର। ବହୁଭାଷୀକତାକୁ ଯଦି ଅଙ୍ଗନୱାଡି କେନ୍ଦ୍ରରୁ ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପରୀକ୍ଷାମୂଳକ ଭାବରେ କେତୋଟି ବିଦ୍ୟାଳୟରେ ଗୁରୁତ୍ୱ ଦିଆଯିବ, ତେବେ ଏହାର ପ୍ରଭାବ ନିଶ୍ଚିତ ଭାବରେ ପଡ଼ିବ। ଭାଷାବିତ୍, ଯେଉଁମାନେ ଭାଷା, ସଂସ୍କୃତି, ବହୁଭାଷୀ ଶିକ୍ଷାଦାନରେ ବିଶ୍ୱାସ ରହିଛି ଏବଂ ସମାଜରେ ଅଙ୍ଗୀକାରବଦ୍ଧତା ରହିଛି, ସେମାନଙ୍କୁ ଏଥିରେ ସାମିଲ କରିବା ଦରକାର। ଶିକ୍ଷକ ସମାଜ ହେଉ, ଛାତ୍ର ସମାଜ ହେଉ କିମ୍ବା ଗୋଷ୍ଠୀଙ୍କ ମଧ୍ୟରେ ଭାଷା, ସଂସ୍କୃତିକୁ ନେଇ ଆତ୍ମସମ୍ମାନ ଜାଗ୍ରତ କରିବା ସହିତ ଶ୍ରେଣୀଗୃହରେ ବହୁଭାଷୀକତାକୁ ସ୍ୱତନ୍ତ୍ର ଓ ଗୁରୁତ୍ୱର ସହିତ ଦୃଷ୍ଟି ଦେବାକୁ ପଡ଼ିବ।


**ରାଣୀଗୁଡ଼ା, ରାୟଗଡ଼ା,**
**ମୋ:୯୪୩୮୦୮ ୧୪୩୦**

# ଦର୍ଶନ ବ୍ୟବସ୍ଥା କେତେ ବ୍ୟବସ୍ଥିତ



ଗାୟତ୍ରୀ ସିଂହ

ଜଗତର ନାଥ ଜଗନ୍ନାଥ କାଳିଆ ସାଆନ୍ତ। ସେ ଜଗତର ଠାକୁର, ଭକତର ଠାକୁର, ସମଗ୍ର ବିଶ୍ୱର ଠାକୁର। ତାଙ୍କ ଲୀଳା ଅପାର। ତାଙ୍କର କାଣିଚାଏ ନିର୍ମାଲ୍ୟ ପାଇବା ପାଇଁ ସାରା ବିଶ୍ୱର କୋଣ ଅନୁକୋଣରୁ ଭକ୍ତମାନଙ୍କର ସୁଅ ଛୁଟିଥାଏ ଶ୍ରୀକ୍ଷେତ୍ର ପୁରୀ ଧାମକୁ। କୁହାଯାଏ ମହାପ୍ରଭୁଙ୍କ ଡୋରି ନ ଲାଗିଲେ ତାଙ୍କୁ ଦର୍ଶନ କରିହୁଏ ନାହିଁ। ପୁରୀ ନାଁ ଶୁଣିଲେ ପ୍ରତ୍ୟେକ ଭକ୍ତ ହୁଅନ୍ତୁ କି ପର୍ଯ୍ୟଟକ ଭାବ ବିହ୍ୱଳରେ ଆବେଗ ଖୁସି ଦ୍ୱିଗୁଣିତ ହୋଇଯାଏ। ଅନେକ ଆଶା ବିଶ୍ୱାସ ଭରସା ଓ ଭକ୍ତିଭାବର ମନଟିଏ ନେଇ ଭକ୍ତର ଆଗମନ ହୋଇଥାଏ। ହେଲେ ମହାପ୍ରଭୁଙ୍କ ଦର୍ଶନ ପାଇଁ ହୋଇଥିବା ବ୍ୟବସ୍ଥାରେ ମନ ଉଣା ହୋଇଯାଏ। ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାରେ ଆହୁରି ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ବୋଲି ମନେହୁଏ। ଏଇ ଜୁନ୍ ୪/୫ ତାରିଖର କଥା। ମୁଁ ପୁରୀ ଯାଇଥିଲି ମହାପ୍ରଭୁଙ୍କ ଦର୍ଶନ ପାଇଁ। ମାତ୍ର ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଦେଖିବା ପରେ ସ୍ୱତଃ ମନରେ ଜାଗି ଉଠିଲା ଏ ବିଷୟରେ କିଛି ଲେଖିବା ପାଇଁ। ପ୍ରଶାସନ ଓ ପୋଲିସଙ୍କୁ ଜାଗ୍ରତ କରିବାର ଛୋଟିଆ ପ୍ରୟାସଟିଏ କରିଛି। ପ୍ରଥମତଃ ଦର୍ଶନ ପାଇଁ ଅପେକ୍ଷାରୁ ଆରମ୍ଭ କରୁଛି। ଦର୍ଶନ ଅପେକ୍ଷାରତ ପ୍ରତ୍ୟେକ ଭକ୍ତଙ୍କ ମୁଖର ଭାବକୁ ଦେଖିଛି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଆବେଗ। ପର ମୁହୂର୍ତ୍ତରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଥିବା ବେଳର ଦୃଶ୍ୟ ବର୍ଣ୍ଣନା ନ କରିବା ଉଚିତ ମନେ କରୁଛି। ତିରୁପତିରେ ଶ୍ରୀବାଲାଜୀଙ୍କ ଦର୍ଶନ ବ୍ୟବସ୍ଥାକୁ ଅନୁକରଣ କରାଯାଉଥିବାର ମନେହୁଏ କିନ୍ତୁ ସେ ବ୍ୟବସ୍ଥା ଯେପରି ଏଠି ବିଫଳ ହୋଇଛି। ତିରୁପତି ପରି ଭକ୍ତମାନଙ୍କୁ ଧାଡ଼ିରେ ଦର୍ଶନ ବ୍ୟବସ୍ଥା କରାଗଲେ ସମସ୍ତେ ଶୃଙ୍ଖଳିତ ଭାବରେ ଦର୍ଶନ କରିପାରନ୍ତେ। ହେଲେ ପୁରୀରେ ଏକାଥରକେ ଭକ୍ତମାନଙ୍କୁ ଶ୍ରୀମନ୍ଦିର ଭିତରକୁ ଛାଡ଼ି ଦିଆଯାଉଛି। ଫଳତଃ ଠେଲାପେଲା, ଧସ୍ତାଧସ୍ତିରେ କେହି ଆଉ ପାଦରେ ଚାଲୁ ନ ଥିବାର ଅନୁଭବ ହୁଏ। ବିଶାଳ ଜନସମୁଦ୍ରରେ ଠେଲି ହୋଇ ହୋଇ ଆଗକୁ ମାଡ଼ିଯାଉଛନ୍ତି। ସୌଭାଗ୍ୟବଶତଃ ଦର୍ଶନ ମିଳିଥାଏ, କିନ୍ତୁ ଜଗନ୍ନାଥଙ୍କର ଅଧା ଆଖି, ଅଧା ମୁହଁ, ଅଧା ଓଠ ଦେଖି ଫେରିଥିବାର ଶୁଣାଯାଏ। ଭକ୍ତଟିଏ ଯେଉଁ ଭକ୍ତି ଭାବର ମନଟିଏ ନେଇ ଯାଇଥିବ ଏଭଳି ଦର୍ଶନରେ ଭିଡ଼ ଭିତରୁ ନିଜକୁ ମୁକୁଳାଇବାର ଚେଷ୍ଟା କରୁ କରୁ ଭକ୍ତିରେ ଦୁଇ ହାତ ଉପରକୁ ଟେକି ଦେଇ ଜୟ ଜଗନ୍ନାଥ କହି ନିଜକୁ ସମର୍ପି ଦେଇ ଫେରି ଆସିଥାଏ। ବୃଦ୍ଧ, ବୃଦ୍ଧା, ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ରଭୁଙ୍କ ଦର୍ଶନ ଯେପରି ଅସମ୍ଭବ ମନେହୁଏ। ଘର ଲୋକମାନେ ଏଭଳି ଭିଡ଼ ଭିତରେ ବୟୋଜ୍ୟେଷ୍ଠମାନଙ୍କୁ ଦର୍ଶନ କରାଇବା ପାଇଁ ଭୟ ମଧ୍ୟ କରୁଛନ୍ତି। ଭିଡ଼ ଭିତରେ ଠେଲାଠେଲିରେ ଅକସ୍ମାତ ଯଦି ଜଣେ ଖସିପଡ଼େ ତା' ହେଲେ ତା'ର ଅବସ୍ଥା କ'ଣ ହେବ ତାହା ସହଜରେ ଅନୁମେୟ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ଼ ଭିତରେ ସଂଘର୍ଷ ପରେ ଯଦି ସେ କାଳିଆଙ୍କୁ ମନ ସନ୍ତୋଷରେ ଟିକେ ଦର୍ଶନ ନ ପାଏ ମନ ଉଣା ହୋଇଯାଏ, ଯେମିତି ମୁଁ ଅନୁଭବ କରିଛି। ଏଣୁ ଏକାଥରକେ ଶହ ଶହ ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ା ନ ଯାଇ ପୋଲିସ ଉପସ୍ଥିତିରେ ନିୟନ୍ତ୍ରିତ ଭାବରେ ଗୋଟିଏ ଧାଡ଼ିରେ ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉ, ଯେପରି ବ୍ୟବସ୍ଥା ତିରୁପତିରେ ହୋଇଛି।



ମନ୍ଦିରରେ ପୂଜକ ସେବାୟତ ରହିବେ, ସେମାନେ ହେଉଛନ୍ତି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମାଧ୍ୟମ ବୋଲି କୁହାଯାଏ। ଭକ୍ତଙ୍କ ପୂଜା ନୈବେଦ୍ୟ ଜଣାଣ ଠାକୁରଙ୍କ ପାଖରେ ସମର୍ପଣ କରିବାର ଭୂମିକା ନେଇଥାନ୍ତି ପୂଜକ। ଏଥିପାଇଁ ଭକ୍ତ ପୂଜକଙ୍କୁ ଦକ୍ଷିଣା ଆକାରରେ କିଛି ଅର୍ଥ ରାଶି ଦେଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି। କିନ୍ତୁ ଏଠି ଦର୍ଶନ କରାଇଦେବା ନାମରେ ଭକ୍ତମାନଙ୍କଠାରୁ ଅର୍ଥ ଆଦାୟ ଦୃଶ୍ୟ ପ୍ରାୟ ସମସ୍ତେ ଜାଣିଥିବେ, ଦେଖିଥିବେ। ସାମାନ୍ୟ ବ୍ୟତିକ୍ରମ ହେଲେ ତାଙ୍କର ଉଚ୍ଚାରଣ ଓ ଆଚରଣ ସଙ୍ଗେ ସଙ୍ଗେ ପରିବର୍ତ୍ତନ ହୋଇଯାଏ। ବିଭିନ୍ନ ପ୍ରକାର ଭାଷା ସେମାନଙ୍କ ମୁହଁରୁ ଶୁଣିବାକୁ ମିଳେ। ଭକ୍ତ କ'ଣ ଯାଇଥାଏ ଗାଳି ଶୁଣିବା ପାଇଁ। ଭକ୍ତଟିଏ ଦୂରଦୂରାନ୍ତରୁ ବ୍ୟୟବହୁଳ ଯାତ୍ରା କରିଆସିଥାଏ। ଯଦି ଅର୍ଥ ଦାବି ପୂରଣ କରି ନ ପାରିଲା ତା'ହେଲେ ଆଶୀର୍ବାଦର ଶ୍ଳୋକ ପରିବର୍ତ୍ତେ ଅଭିଶାପର ଗାଳି ଶୁଣିବାକୁ ମିଳିଥାଏ। ସେହିପରି ଅନ୍ୟ ଏକ ପ୍ରସଙ୍ଗ ହେଲା ମନ୍ଦିର ପରିସରରେ ପାନଛେପ ପଡ଼ିଥିବାର। ମନ୍ଦିର କାନ୍ଥରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ ମନ୍ଦିର ପରିସରରେ ପାନଛେପ ପକାନ୍ତୁ ନାହିଁ। ଏହା କାହା ପାଇଁ ଲେଖାଯାଇଛି। ଭକ୍ତମାନେ ଭକ୍ତିର ସହିତ ଶୁଦ୍ଧପୂତ ଭାବରେ ସ୍ନାନ ସାରି ପୁନଃ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ହାତ ଗୋଡ଼ ମୁହଁ ଧୋଇ ଯାଇଥାନ୍ତି। ମନ୍ଦିର ପରିସରରେ ପାନଛେପ କିଏ ପକାଉଛି ସହଜରେ ବାରି ହୋଇପଡୁଛି।

ଶେଷ ପ୍ରସଙ୍ଗଟି ହେଲା ଭିକାରି। ମନ୍ଦିର ପରିସରରେ ଭିକ୍ଷା ବୃତ୍ତି କରିବା ନିଷେଧ ବୋଲି ଲେଖାଯାଇଛି। ହେଲେ ଭିକାରି କେତେଜଣଙ୍କୁ ଭିକ୍ଷା ମାଗୁଥିବାର ଦେଖିଲି। ସେମାନେ ମୋ ଆଡକୁ ହାତ ବଢ଼ାଇବାରୁ ମନ୍ଦିର ଭିତରେ ଭିକ୍ଷା କରିବା ମନା ବୋଲି କହିବାରୁ ତାଙ୍କଠାରୁ ଅଜସ୍ର ଗାଳି ଶୁଣିବାକୁ ମିଳିଥିଲା। ମନ୍ଦିର ପ୍ରଶାସନ ଓ ପୋଲିସ ସବୁ ଜାଣି ସୁଦ୍ଧା ନୀରବଦ୍ରଷ୍ଟା କାହିଁକି । ସେହିପରି ମନ୍ଦିର ପରିସରରେ ବିକ୍ରି ହେଉଥିବା ଦୀପ ମଧ୍ୟ ବିଭିନ୍ନ ସ୍ଥାନରେ ଭିନ୍ନ ଦରରେ ଭକ୍ତମାନେ କିଣୁଛନ୍ତି। ମୁଁ ଗୋଟିଏ ବାକ୍ୟରେ କହିବି ଭକ୍ତି ନାଁରେ ଭକ୍ତର ଭାବପ୍ରବଣତାକୁ ସମ୍ମାନ ଦିଆଯାଉନାହିଁ। ପ୍ରଶାସନ ହେଉ କି ପୋଲିସ ଦ୍ୱାରା ସମସ୍ୟାକୁ ସମୀକ୍ଷା କରାଯାଇ ପ୍ରତିକାର କରାଯାଉ। ଆଗକୁ ମହାପ୍ରଭୁଙ୍କର ଘୋଷଯାତ୍ରା ଆସୁଛି। ଭକ୍ତମାନଙ୍କୁ ଯେପରି ନିରାଶ ହେବାକୁ ନ ପଡ଼େ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯେପରି ପ୍ରତିବନ୍ଧକ ସୃଷ୍ଟି ନ ହୁଏ। ବିଶୃଙ୍ଖଳା ଓ ଅବ୍ୟବସ୍ଥା ମଧ୍ୟରେ ଭକ୍ତ ଯେପରି ଶୋଷଣର ଶିକାର ନ ହୁଅନ୍ତି। ଏତେସବୁ ଘଟଣାର ଅବତାରଣା କେବଳ ସଚେତନତା ଉଦ୍ଦେଶ୍ୟରେ । ଭକ୍ତମାନଙ୍କ ସୁବିଧା ପାଇଁ ପ୍ରଚଳିତ ଦର୍ଶନ ବ୍ୟବସ୍ଥାରେ ଥିବା ନୀତି ନିୟମରେ କିଛି ପରିବର୍ତ୍ତନ ହୋଇପାରିଲେ ଜଗନ୍ନାଥ ସଂସ୍କୃତିର ମହାନ ପରମ୍ପରା ଉଜ୍ଜୀବିତ ହୋଇ ରହିବ ଏବଂ ଦେଶ ବିଦେଶରୁ ଆସୁଥିବା ଭକ୍ତ ତଥା ପର୍ଯ୍ୟଟକମାନେ ଏକ ସୁନ୍ଦର ଅନୁଭୂତି ନେଇ ଫେରିପାରିବେ।

**ଆଠମଲ୍ଲିକ, ଅନୁଗୋଳ**
**ମୋ: ୭୬୦୬୯୫୭୪୪୫**

## ଏଇ ଭାରତରେ

ହାଇଦ୍ରାବାଦର ଦୁଇ ସାଙ୍ଗ ମଣି ବାଜପେୟୀ ଓ ରାଜ ମଣ୍ଡନଗୋପାଳଙ୍କ ପରିବେଶ ସୁରକ୍ଷା ଚିନ୍ତା ଖୁବ୍ ପ୍ରଶଂସନୀୟ। ସେମାନେ ବ୍ୟାନିୟନ ନେଶନ ରିସାଇକ୍ଲିଂ କମ୍ପାନୀ ଗଠନ କରି ପ୍ଲାଷ୍ଟିକ୍ ବର୍ଜ୍ୟରୁ ୩୦୦ ମିଲିୟନ ଏଫ୍ଏମ୍ସିଜି (ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ) ବୋତଲ ପ୍ରସ୍ତୁତ କରିସାରିଲେଣି। ଏହି ସବୁ ବୋତଲକୁ ସେମାନେ ଭାରତର ପ୍ରତିଷ୍ଠିତ କମ୍ପାନୀଗୁଡ଼ିକୁ ଯୋଗାଉଛନ୍ତି ଓ ଏହାକୁ ସାମ୍ପୋ, ଡିଟରଜେଣ୍ଟ ଏବଂ ଲୋଶନ ବଟଲ୍ ଭାବେ ବ୍ୟବହାର କରାଯାଉଛି। ବ୍ୟାନିୟନ କମ୍ପାନୀ ଦ୍ୱାରା ମାସକୁ ୧ ହଜାରରୁ ୧୨୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପ୍ରୋସେସିଂ କରାଯାଉଛି। ବାଜପେୟୀ କଲମ୍ବିଆ ବିଜ୍ନେସ ସ୍କୁଲ୍‌ରୁ ଏମ୍ବିଏରେ ଡିଗ୍ରୀ ହାସଲ କରିଛନ୍ତି। ପରେ ସେ ତାଙ୍କ ସହପାଠୀ ରାଜଙ୍କ ସହ ମିଶି ୨୦୧୩ରେ ବ୍ୟାନିୟନ ନେଶନ୍ ପ୍ରତିଷ୍ଠା କରି ପ୍ଲାଷ୍ଟିକ ବର୍ଜ୍ୟ ରିସାଇକ୍ଲିଂ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବହୁ ମଲ୍ଟିନ୍ୟାଶନାଲ କମ୍ପାନୀ ମ୍ୟାନେଜର, ସିଟି ମ୍ୟୁନିସିପାଲିଟି କମିଶନର ଏବଂ ପ୍ରାଇଭେଟ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ କଣ୍ଟ୍ରାକ୍ଟରଙ୍କଠାରୁ ଆରମ୍ଭ କରି ବର୍ଜ୍ୟ ସଂଗ୍ରହକାରୀ ଓ କବାଡ଼ିୱାଲାଙ୍କ ସହ ଯୋଗାଯୋଗ କରି ଆଗକୁ ବଢ଼ିଥିଲେ। ଏବେ ବର୍ଷକୁ ୩୦୦ ମିଲିୟନ ବୋତଲ ତିଆରି କରୁଥିବାବେଳେ ୨୦୨୩ ସୁଦ୍ଧା ସେମାନେ ୧ ବିଲିୟନ ରିସାଇକେଲ୍ଡ ପ୍ଲାଷ୍ଟିକ୍ ବୋତଲ ପ୍ରସ୍ତୁତ କରିପାରିବେ ବୋଲି କହନ୍ତି ବାଜପେୟୀ।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ଜୁନ୍ ୧୯୯୭**

- ଦ୍ୱିପାକ୍ଷିକ ବାଣିଜ୍ୟ କାରବାରରେ ସହଯୋଗ ବୃଦ୍ଧି ନେଇ ଚୀନ ଓ ରୁଷିଆ ମଧ୍ୟରେ ଯୌଥ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।
- ସୁପ୍ରିମ୍‌କୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଜନତା ଦଳ ସଭାପତି ନିର୍ବାଚନ କାର୍ଯ୍ୟ ପର୍ଯ୍ୟବେକ୍ଷଣ ପାଇଁ ନିଯୁକ୍ତ ଦଳର ଦୁଇ ବରିଷ୍ଠ ନେତାଙ୍କ ମଧ୍ୟରୁ ରଘୁବଂଶ ପ୍ରସାଦ ସିଂ ବହିଷ୍କୃତ।
- ମଧ୍ୟପ୍ରଦେଶର ସିରୋଞ୍ଜା ନିକଟରେ ବରଯାତ୍ରୀ ଦଳକୁ ନେଇ ଯାଉଥିବା ଏକ ବସ୍ ପୋଲ ଉପରୁ ଖାତକୁ ଖସିପଡ଼ିବା ଫଳରେ ୧୫ ଯାତ୍ରୀଙ୍କ ମୃତ୍ୟୁ।

# ପାଠକ ଶ୍ରେଷ୍ଠ ବିଚାରକ

## ଦାଦନ ଜୀବନ

ମହାଶୟ,

ଆମ ରାଜ୍ୟରେ ଗରିବ ଖଟିଖିଆ ଦିନ ମଜୁରିଆଟିଏ କାମଦାମ ନ ପାଇ ପେଟ ଚାଖଣ୍ଡକ ନିମନ୍ତେ ଠିକାଦାର ମାଧ୍ୟମରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଚାଲିଯାଉଛି। ଘରେ କେବଳ ବୁଢ଼ାବୁଢ଼ୀ ପଡ଼ିରହୁଛନ୍ତି। ଦାଦନ ଖଟିବା ସମୟରେ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ରହୁଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଘରକୁ ଫେରି ନ ପାରି ସେହିଠାରେ ମୃତ୍ୟୁବରଣ କରୁଛି। ଅନ୍ୟ ରାଜ୍ୟରେ କଳକାରଖାନା ଓ ଶିଳ୍ପାନୁଷ୍ଠାନ ସବୁ ଥିବାରୁ ବହୁ ମାନବସମ୍ବଳ ସେଠାରେ ଆବଶ୍ୟକ ପଡୁଛି, ଯାହା ଆମ ରାଜ୍ୟରେ ନାହିଁ। ସୁତରାଂ ରାଜ୍ୟର ଶିକ୍ଷିତ, ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ଯୁବତୀଯୁବକମାନେ ଘରଦ୍ୱାର ଛାଡ଼ି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। କାର୍ଯ୍ୟକ୍ଷେତ୍ରରେ ଯେତେ ପ୍ରତିକୂଳ ପରିସ୍ଥିତି ଆସୁନା କାହିଁକି, ସେ ସବୁକୁ ଖାତିର ନ କରି ପଇସା ଓ ପେଟ ଚାଖଣ୍ଡକ ପାଇଁ ସେଠାରେ ଉଦାସ ହୋଇ ପଡିରହୁଛି। କର୍ମକ୍ଷେତ୍ରରେ ମାଲିକର ଆକ୍ରୋଶର ଶିକାର ହୋଇ ସେମାନେ ଭୟରେ ଦିନ କାଟୁଛନ୍ତି। ଘରଦ୍ୱାର କଥା ଚିନ୍ତା କରି ପାରୁନାହାନ୍ତି। ଏଭଳି ଅବସ୍ଥାରେ ରହି କି ହୀନିମାନ ହେଉଛନ୍ତି ସତେ!

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହଜିଗଲା କେତେ କାହିଁ ଆଜି ସବୁ ଅଜଣା
ଲୋଡ଼ି ନାହିଁ ଅତୀତର କରିବାକୁ ମାଜଣା
ନବ ନବ ତାଳେ କେତେ ନାଚିଥିଲା ପରାଣ
ବିରହର ଗୀତ କେତେ ମିଳନର ବାଜଣା!
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବ୍ରହ୍ମପୁରରେ ହେବ ଇଣ୍ଟିଗ୍ରେଟେଡ୍ ଡ୍ରେନେଜ ସିଷ୍ଟମ

■ ଜଳବନ୍ଦୀରୁ ମୁକ୍ତ ପାଇଁ ବିଏମ୍‌ସିର ଜରୁରିକାଳୀନ ବୈଠକ

■ ୨ରୁ ୧୪ ଜଳବନ୍ଦୀ ଅଞ୍ଚଳର ଡ୍ରେନ୍ ସଫେଇ ଅଭିଯାନ

ବ୍ରହ୍ମପୁର ଅଫିସ,୨୮।୬

ବର୍ଷା ସମୟରେ ବ୍ରହ୍ମପୁର ସହର ଜଳବନ୍ଦୀ ହେଉଥିବାରୁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ବର୍ଷାଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ବିଏମସି ପକ୍ଷରୁ ନୂତନ ସମ୍ମିଳନୀ କକ୍ଷରେ ଜରୁରୀକାଳୀନ ବୈଠକରେ ଏହି ସମସ୍ୟା ଆଲୋଚନା କରାଯାଇଛି। ଏଥିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨ ତାରିଖରୁ ସହରର ୧୪ ଜଳବନ୍ଦୀ ଅଞ୍ଚଳରେ ଡ୍ରେନ ସଫେଇ କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରଥମ ସହର ଭାବେ ବ୍ରହ୍ମପୁରରେ ପ୍ରଥମ ଇଣ୍ଟିଗ୍ରେଟେଡ ଡ୍ରେନେଜ ସିଷ୍ଟମ ହେବ। ଯାହାକି ବର୍ଷା ଜଳ ନିଷ୍କାସନ କ୍ଷେତ୍ରରେ ସହାୟକ ହେବ ବୋଲି ବିଏମସି କମିଶନର ଜେ.ସୋନାଲ ସୂଚନା ଦେଇଛନ୍ତି। ବୈଠକରେ କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ବାହାନା ନାଳ ସଫେଇ, ଗାନ୍ଧୀନଗର, ଆସିକାରୋଡ, ଗଜପତି ନଗର ଓ ସିଦ୍ଧାର୍ଥନଗର ଅଞ୍ଚଳଗୁଡିକରେ ଡ୍ରେନ ସଫେଇ ପାଇଁ ପରାମର୍ଶ ଦେଇଥିଲେ। କର୍ପୋରେଟର ସୁରେନ୍ଦ୍ର ମହାରଣା ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ୱାର୍ଡକୁ ଆସୁ ନ ଥିବା ଅଭିଯୋଗ କରିଥିଲେ। କର୍ପୋରେଟର ଚିତ୍ରସେନ ମହାପାତ୍ର ଡ୍ରେନେଜ ସଫେଇ କ୍ଷେତ୍ରରେ ସଫେଇ କର୍ମଚାରୀ ଠିକ ଭାବେ ଆସୁ ନ ଥିବା ଅଭିଯୋଗ କରିଥିଲେ। କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ ରଘୁପତି ନଗରରେ ବର୍ଷା ଦିନେ ଜଳବନ୍ଦୀ ରହୁଥିବା କାରଣରୁ ଏହି ଅଞ୍ଚଳ ସଫେଇ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏଥିପୂର୍ବରୁ ପୂର୍ବାହ୍ନରେ ବିଏମସି ପକ୍ଷରୁ ସ୍ୱାସ୍ଥ୍ୟ ସ୍ଥାୟୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ଷା ଋତୁକୁ ଆଖି ଆଗରେ ରଖି ସହରର ଯେଉଁ ସ୍ଥାନ ଜଳବନ୍ଦୀ ହୋଇ ରହିଛି, ସେହି ସ୍ଥାନ ଚିହ୍ନଟ କରି ଜଳଦି ସେଠାରୁ କିପରି ଜଳ ନିଷ୍କାସନ ହୋଇପାରିବ ସେ ସଂପର୍କରେ ମେୟର ପରାମର୍ଶ ଦେଇଥିଲେ। ବିଏମସି କମିଶନର କଲଭର୍ଟଗୁଡିକରୁ ଗଛ ବୁଦା ଓ ମାଟି ବାହାର କରିବାକୁ ପଦକ୍ଷେପ ଗ୍ରହଣ ପାଇଁ କହିଥିଲେ। ବୈଠକରେ କମିଟି ସଦସ୍ୟ ସଦସ୍ୟା ରୂପେ କର୍ପୋରେଟର ତିରୁପତି ପାତ୍ର, ଦୁର୍ଗା କୁମାର ଲାୟକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଆରତି ତନ୍ତୀ, ମଳୟ କୁମାର ବିଶୋୟୀ, ମମତା କୁମାରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସହରର ମୁଖ୍ୟ କଲଭର୍ଟ ଗୁଡିକଗୁଡିକ ସଫେଇ ପାଇଁ ବୈଠକରେ ଉପସ୍ଥିତ କମିଟିର ସଦସ୍ୟ ସଦସ୍ୟାମାନେ ଦାବି ଉପସ୍ଥାପନ କରିଥିଲେ। ଏହି ସବୁ ସ୍ଥାନ ଗୁଡିକୁ ମ୍ୟାନ ପାୱାର ଓ ଯନ୍ତ୍ରପାତି ସାଙ୍ଗକୁ ୧୦୦ ଜଣ ବାହାର କୁଲି ଏବଂ ୪ଟି ଜେସିବି ଗାଡି ନିୟୋଜିତ କରି ସଫେଇ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଗାମୀ ବର୍ଷା ଦିନରେ ସହରକୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ ପାଇଁ ନିଷ୍ପତ୍ତି ନିଆଯାଇଥିବା ମେୟର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ.ବିବେକ ରେଡି ଓ ଅତିରିକ୍ତ କମିଶନର ନୀଳମାଧବ ଭୋଇଙ୍କ ସମେତ ବିଏମସି ବହୁ ପଦାଧିକାରୀ ଉପସ୍ଥିତ ଥିଲେ।



ବିଏମସି ଷ୍ଟାଣ୍ଡିଂ କମିଟି ବୈଠକ।

## ଜମି ବିକ୍ରି ନାଁରେ ଲକ୍ଷାଧିକ ଟଙ୍କା ଠକେଇ

ବ୍ରହ୍ମପୁର ଅଫିସ,୨୮।୬:

ଅନ୍ୟର ଜମିକୁ ନିଜ ଜମି କହି ଜଣେ ମହିଳାଙ୍କ ଠାରୁ ଜମି ବିକ୍ରି ନାଁରେ ଲକ୍ଷାଧିକ ଟଙ୍କା ଠକେଇ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣଙ୍କ ଜମି ଦଲାଲ ଓ ଜାଗା ବିକ୍ରି କରିବାକୁ କହିଥିବା ବ୍ୟକ୍ତିଙ୍କ ନାଁରେ ଅଭିଯୋଗ କରିଛି। ପୋଲିସ ନଂ.୨୭୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁଡୁଖଣ୍ଡି ଗ୍ରାମର ଲକ୍ଷ୍ମୀ କୁମାରୀ ଜେନା ଏକ ଜାଗା କ୍ରୟ କରିବା ପାଇଁ ସେହି ଗ୍ରାମର ଜଣେ ଦଲାଲଙ୍କ ସହ ଯୋଗାଯୋଗ କରିଥିଲେ। ସଦାଗର ଉକ୍ତ ମହିଳାଙ୍କୁ ବିଘ୍ନେଶ୍ୱର ରାଓ ଡୋରାଙ୍କ ନିକଟକୁ ନେଇଥିଲେ। ରଘୁନାଥପୁରରେ ଥିବା ଗୋଟିଏ ଜାଗାକୁ ବିଶ୍ୱର ନିଜ ଜାଗା ବୋଲି କହିବା ସହ ଉକ୍ତ ଜାଗା ନିକଟକୁ ଲକ୍ଷ୍ମୀଙ୍କୁ ନେଇ ଦେଖାଇଥିଲେ। ଯାହାଫଳରେ ଅତି ସହଜରେ ଲକ୍ଷ୍ମୀ ତାଙ୍କୁ ବିଶ୍ୱାସ କରିଥିଲେ। ଉକ୍ତ ଜାଗା କ୍ରୟ କରିବା ବାବଦକୁ ଲକ୍ଷ୍ମୀ ତାଙ୍କ ଭାଇଙ୍କ ଉପସ୍ଥିତିରେ ବିଭିନ୍ନ କିସ୍ତିରେ ବିଘ୍ନେଶ୍ୱରଙ୍କୁ ୩ ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ଏହାର କିଛି ମାସ ପରେ ବି ଉକ୍ତ ଜାଗାକୁ ବିଘ୍ନେଶ୍ୱରଦ୍ୱେଶ୍ୱରଲକ୍ଷ୍ମୀଙ୍କୁ ବିକ୍ରି କରି ନ ଥିବା ବେଳେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ଲକ୍ଷ୍ମୀ ଦେଇଥିବା ଟଙ୍କା ଫେରାଇବା ନିମନ୍ତେ ବିଘ୍ନେଶ୍ୱରଙ୍କୁ କହିଥିଲେ। ଟଙ୍କା ଫେରାଇବା କଥା କହିଲେ ଜୀବନରେ ମାରି ଦେବି ବୋଲି ବିଘ୍ନେନେଶ୍ୱର ଲକ୍ଷ୍ମୀଙ୍କୁ ଧମକ ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ସଦର ଥାନାରେ ଅଭିଯୋଗ କରିଥିଲେ।

## ଆନ୍ଧ୍ର ବିଦ୍ୟାଳୟକୁ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଦାନ

ବ୍ରହ୍ମପୁର ଅଫିସ,୨୮।୬

ସୀମାନ୍ତ ରାଜ୍ୟ ତଥା ବିଚ୍ଛିନ୍ନାଞ୍ଚଳରେ ଥିବା ବିଦ୍ୟାଳୟର ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ପ୍ରତିବର୍ଷ ଉତ୍କଳ ସମ୍ମିଳନୀ ସହଯୋଗରେ ମାଗଣାରେ ଓଡ଼ିଆ ପାଠ୍ୟପୁସ୍ତକ ପଠାଉଛନ୍ତି। ମଙ୍ଗଳବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ, ବିଜୟାନଗର ଓ ବିଶାଖାପାଟଣା ଜିଲାର ୩୧ଟି ଓଡ଼ିଆ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟପୁସ୍ତକ ପଠାଯାଇଛି। ଆମ୍ବପୁଆସ୍ଥିତ ବୋର୍ଡ ଅଫ୍ ସେକେଣ୍ଡାରୀ କାର୍ଯ୍ୟାଳୟରୁ ନବମ ଛାତ୍ରୀଛାତ୍ରଙ୍କ ପାଇଁ ସାହିତ୍ୟ ଧାରା ୧୨୧୫, ମାଧ୍ୟମିକ ବ୍ୟାକରଣ ୧୨୧୫ ଓ ଦଶମ ପାଇଁ ସାହିତ୍ୟ ଧାରା ୧୨୮୫ ଓ ମାଧ୍ୟମିକ ବ୍ୟାକରଣ ୧୨୮୫ ପୁସ୍ତକ ଦିଆଯାଇଛି। ଏଥିରେ ବ୍ରହ୍ମପୁର ଜୋନାଲ ଡେପୁଟି ସେକ୍ରେଟାରୀ ସୁବାସ ଚନ୍ଦ୍ର ବେହେରା ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଶିକ୍ଷା ଅଧିକାରୀ ହରିଶ୍ଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ସଭାପତି ଡ. ସୁବ୍ରତ କୁମାର ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ଆନ୍ଧ୍ରପ୍ରଦେଶ ସଂଖ୍ୟାଲଘୁ କମିଶନ ଓଡ଼ିଆ ଅଧ୍ୟକ୍ଷ ବରିଷ୍ଠ ଅଧିବକ୍ତା ସତ୍ୟନାରାୟଣ ପାଢ଼ୀ, ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ, ସମ୍ପାଦକ ତ୍ରିଲୋଚନ ପଲାଇ ଓ ଇଚ୍ଛାପୁର ବାପୁଜୀ ପାଠାଗାର ସଭାପତି ରଘୁନାଥ ଗୌଡ଼ଙ୍କ ସମେତ ବୋର୍ଡ଼ କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।



ପାଠ୍ୟ ପୁସ୍ତକ ପ୍ରଦାନ କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
କେରଳ ପଞ୍ଚକର୍ମ ଆୟୁର୍ବେଦ କ୍ଲିନିକ୍ ପାଇଁ ସ୍ତ୍ରୀଲୋକ ଓ ଝିଅପିଲା ଆବଶ୍ୟକ। ରହିବା ଖାଇବା ସୁବିଧା ଅଛି।
8280782305

URGENTLY REQUIRES
FOR TECHNICAL JOB
B.TECH ONLY
EXEL OPERATOR
FOR FEMALE ONLY
8480868087
(WhatsApp)

WANTED
Smart and Energetic Sales Man Required for a reputed Kitchen Appliance Distributor for Bhubaneswar.
Call @ 8249250602

See Career Appointment on every Wednesday & Saturday

WALK IN-INTERVIEW
- FOLLOWING POSITIONS, QUALIFICATION & EXPERIENCE -
♦ SALES / MARKETING EXECUTIVE : For Garments & Textiles having experience 3 to 5 years / Fresher, Qualification: Matriculation & Above (Salary - 10,000 - 15,000/- + TA . DA + other benefits (PF+ESI)
♦ FLOOR STAFF : Qualification not required. (Salary-10,000 - 12,000/-)
DATE, TIME & PLACE OF INTERVIEW: 30 June, 2022 / 10.30 AM to 2.30 PM
JIYAJEE FABRICS / SHYAM SUNDER RATAN KUMAR
GRAND BAZAAR, PHULNAKHARA, PCH-D-3, MOB.:9778482413
Walk in with Photo, Self Attested Aadhar Xerox Copy & Original Aadhar for Verification

# ବ୍ରହ୍ମପୁର କଳାକାର ଏକତା ମଞ୍ଚ ଗଠିତ

ବ୍ରହ୍ମପୁର ଅଫିସ,୨୮।୬

ସହରର ସମସ୍ତ ନାଟ୍ୟ ଅନୁଷ୍ଠାନକୁ ନେଇ ବ୍ରହ୍ମପୁର କଳାକାର ଏକତା ମଞ୍ଚ ଗଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ଗଞ୍ଜାମ ହେଉଛି କଳା ଓ ସଂସ୍କୃତିର ମାଟି। କଳାକାରମାନେ ସବୁବେଳେ ନମସ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ମେୟରଙ୍କୁ ମିଳିତ ସଂଗଠନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ରାଜଗୋପାଳ ପାଢ଼ୀ ସଂଯୋଜନା କରିଥିବା ବେଳେ ସତ୍ୟ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ରମେଶ ମହାରଣା ସଂଘର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର ରମା ରମଣ ପାଢ଼ୀ, ଡା. ତିରୁପତି ସାହୁ, ଅନିଲ ପାତ୍ର, ଏନ. ରାମବାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ଇଂ.ମନୋଜ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।



ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ODISHA PUBLIC SERVICE COMMISSION, CUTTACK
NOTICE
No.5796/P.S.C., Dt.28.6.22
(1E-27-2022-23) (DR-II)
Website- http://www.opsc.gov.in

No.D-77: It is for information of all concerned that, the written examination for recruitment to the post of Assistant Horticulture Officer, in Class-II of Group-B Service, under A. & F.E. Department pursuant to Advertisement No.12 of 2021-22, shall be conducted on 24.07.2022 (Sunday) as per the following programme. The detailed programme alongwith venue will be notified later in the website of the Commission.

| Date | Time of Written Examination |
|---|---|
| 24.07.2022 (Sunday) | 10.00 A.M. to 1.00 P.M. (10.00 A.M. to 2.00 P.M. for PWD Candidates) |

The candidates are advised to visit the website of OPSC (www. opsc.gov.in.) regularly for further updates.

Sd./- Secretary
OIPR-12002/11/0094/2223

ODISHA PUBLIC SERVICE COMMISSION, CUTTACK
NOTICE
No. 5820/PSC Dt.28.06.2022
(2PE-31-22/23) (DR-V)

No. D-78: It is for information of all concerned that, document verification of 90 (Ninety) candidates having PPSAN mentioned below for the post of **Assistant Professor (Stage-I), "Political Science"** pursuant to advertisement No. 14 of 2021-22 shall be held on **06.07.2022, 07.07.2022 & 08.07.2022** as per the following programme in the office of the Commission at 19, Dr. P.K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 06.07.2022 | 10.30 A.M. | 00038436, 00087701, 00087721, 00093021, 00092278, 00092316, 00119120, 00092831, 00077363, 00091384, 00084710, 00088083, 00097911, 00091055, 00087913, 00050841, 00090040 & 00083701 = **18 Candidates** |
| | 02.30 P.M. | 00087281, 00088893, 00091773, 00092111, 00092632, 00092755, 00093064, 00101748, 00102111, 00116432, 00118216 & 00092276 = **12 Candidates** |
| 07.07.2022 | 10.30 A.M. | 00088938, 00086989, 00089573, 00091281, 00089360, 00092706, 00087613, 00097217, 00095763, 00087953, 00089892, 00117677, 00090537, 00086132, 00043137, 00062594, 00087041 & 00076413 = **18 Candidates** |
| | 02.30 P.M. | 00117795, 00119499, 00090223, 00112257, 00066684, 00073671, 00077626, 00089299, 00035214, 00092841, 00093235 & 00093031 = **12 Candidates** |
| 08.07.2022 | 10.30 A.M. | 00093214, 00111842, 00113992, 00044678, 00095398, 00119071, 00090493, 00029859, 00028494, 00075543, 00096801, 00054488, 00088045, 00096986, 00089850, 00115389, 00094614 & 00028832 = **18 Candidates** |
| | 02.30 P.M. | 00031424, 00119363, 00086672, 00072347, 00055900, 00118948, 00114759, 00032234, 00062820, 00065289, 00018744 & 00023793 = **12 Candidates** |

The candidates are required to submit the following documents at the time of verification.
1. Hard copy of online application form. While submitting the hard copy of online application form you are requested to **mask** the mobile No./alternatively mobile No. and Email ID through **blackening**.
2. Three passport size photographs.
3. Duly filled in & attested "Attestation form" and duly filled in "Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M.Phil certificate & marksheet.
8. NET/JRF/SET/SLET qualified certificate
9. Ph.D. Degree certificate.
10. Conversion certificate from the concerned University indicating the actual equivalent percentage of marks.
11. Odia Test pass certificate.
12. Caste certificate whereever applicable
13. Identity card issued by the Director of Sports, Odisha in case of Sports person.
14. Permanent Disability Certificate (indicating permanent disability of 40% or more)
15. One set Xerox copy of published research papers.
16. Teaching/Post Doctoral experience certificate.
17. Awards
18. No objection certificate from the competent authority in case of Govt. Servants.
19. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0095/2223 Sd./- Secretary

# ପୁଅଙ୍କୁ ଆକ୍ରମଣକରି ବାପା ଗିରଫ

ବ୍ରହ୍ମପୁର ଅଫିସ,୨୮।୬

ସଦର ଥାନା ପୋଲିସ ମଙ୍ଗଳବାର ଆକ୍ରମଣ ଅଭିଯୋଗର ଜଣଙ୍କୁ ଗିରଫ କରିଛି। ସେ ହେଲେ ଜି.ରଘୁନାଥପୁର ଗ୍ରାମର ପି. କୈବଲ୍ୟ ପାତ୍ର। ମାମଲା ନଂ.୨୭୮/୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, କୈବଲ୍ୟ ଅଧିକାଂଶ ସମୟ ମଦ୍ୟପାନ କରି ଘରେ ଝଗଡା କରିଥାନ୍ତି। ସେ ତାଙ୍କ ସ୍ତ୍ରୀ 'ଙ୍କୁ ମାରପିଟ ମଧ କରନ୍ତି। ମଙ୍ଗଳବାର ସକାଳେ କୈବଲ୍ୟ ଘରେ ପାଟି କରୁଥିବା ବେଳେ ତାଙ୍କ ପୁଅ ପି. ପ୍ରକାଶ ପାତ୍ର ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ କୈବଲ୍ୟ ଏକ ଇଟାରେ ପୁଅ ପ୍ରକାଶଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆହତ ପ୍ରକାଶଙ୍କ ମା' ତାଙ୍କ ସ୍ୱାମୀ କୈବଲ୍ୟଙ୍କ ବିରୋଧରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଙ୍କୁ ଗିରଫ କରିଛି।

# ମହିଳାଙ୍କୁ କରାଯାଉ ଅର୍ବାନ ବ୍ୟାଙ୍କ ସଭାପତି

■ ଜୁଲାଇ ୧୪ରେ ନିର୍ବାଚନ, ୧୩ରେ ନାମାଙ୍କନ, ଯାଞ୍ଚ ଓ ପ୍ରତ୍ୟାହାର

■ ବ୍ରହ୍ମପୁର ସମବାୟ ରାଜନୀତି ସରଗରମ

ବ୍ରହ୍ମପୁର ଅଫିସ,୨୮।୬

ରେଶମ ସହରର ସର୍ବପୁରାତନ ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ସଭାପତି ନିର୍ବାଚନ ଜୁଲାଇ ୧୪ରେ ଅନୁଷ୍ଠିତ ହେବ। ଏହାର ଦିନକ ପୂର୍ବରୁ ୧୩ରେ ନାମାଙ୍କନ ଦାଖଲ ସହ ଯାଞ୍ଚ ଓ ପ୍ରତ୍ୟାହାର ପର୍ବ ସରିବ। ରିଟର୍ନିଂ ଅଫିସରଙ୍କ ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ନିର୍ବାଚନରେ ନିର୍ବାଚିତ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ମଧ୍ୟରୁ ସଂଖ୍ୟା ଗରିଷ୍ଠ ଥିବା ବିଜେଡି ସମର୍ଥକ ସଭାପତି ହୋଇଥିଲେ। ଏଥର ବିଶାସକ ଦଳ ବ୍ୟାଙ୍କ ପରିଚାଳନା ଦଖଲ ପାଇଁ ପ୍ରୟାସ ଚାଲିଛି। ରାଜ୍ୟ ବିଜେଡି ସମବାୟ ନିର୍ବାଚନ କମିଟିରେ ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡା ଅଛନ୍ତି ଓ ଗଞ୍ଜାମ ଜିଲା ଲାଗି ସେ ଦାୟିତ୍ୱରେ ରହିଛନ୍ତି। ତେଣୁ ସଭାପତି ଆଶାୟୀମାନେ ଲବି ଆରମ୍ଭ କରି ଦେଇଛନ୍ତି।

ଅନ୍ୟପକ୍ଷରେ ସମୁଦାୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୩ନଂ ଜୋନରୁ କେହି ନିର୍ବାଚିତ ହୋଇନାହାନ୍ତି। ନିର୍ବାଚନ ପ୍ରକ୍ରିୟା ପରେ ଜଣେ ଦାଖଲ କରିଥିବା ନାମାଙ୍କନ ଯାଞ୍ଚରେ କଟି ଯାଇଥିଲା। ନୂଆ ପରିଚାଳନା ବୋର୍ଡ ଗଠନ ପରେ ସେହି ଜୋନ ଲାଗି ନିର୍ଦ୍ଦେଶକ ସର୍ବସମ୍ମତିକ୍ରମେ ମନୋନୀତ କରାଯିବାର ବିଧି ରହିଛି। ବର୍ତ୍ତମାନର ନିର୍ବାଚିତ ନିର୍ଦ୍ଦେଶକଙ୍କ ମଧ୍ୟରେ ୬ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି କରିବାକୁ କେତେକ ମତ ଦେଇଛନ୍ତି। ୧୧୬ ବର୍ଷର ଏହି ବ୍ୟାଙ୍କରେ ମହିଳା ସଭାପତି ନିର୍ବାଚିତ ହୋଇନାହାନ୍ତି। ଦୀର୍ଘ ବର୍ଷ ତଳେ ଘଟଣାଚକ୍ରରେ ଉପସଭାନେତ୍ରୀ ଥିବା ମନୋରମା ସାବତ ସଭାପତି ଦାୟିତ୍ୱ ସମ୍ଭାଳିଥିବା ତଥ୍ୟ ରହିଛି।

ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି ଅର୍ବାନ ସମବାୟ ବ୍ୟାଙ୍କରେ ପ୍ରଥମ କରି ମହିଳାଙ୍କୁ ସଭାପତି କରିବା ପାଇଁ ନିର୍ବାଚିତ ନିର୍ଦ୍ଦେଶିକାଙ୍କ ପକ୍ଷରୁ ଅର୍ଦ୍ଧେକ ସ୍ୱର ଉଠାଇଛନ୍ତି। ଏହି ବ୍ୟାଙ୍କରେ ଆରମ୍ଭରୁ କେହି ମହିଳା ପୂର୍ଣ୍ଣକାଳୀନ ସଭାପତି ହୋଇନାହାନ୍ତି। ତେଣୁ ଏଥର ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ପୂର୍ବତନ ଉପସଭାନେତ୍ରୀ ଜ୍ୟୋତି ସୁବୁଦ୍ଧି ଏବଂ ଗତ ପରିଚାଳନା ବୋର୍ଡରେ ନିର୍ଦ୍ଦେଶିକା ଥିବା ପ୍ରମିତା ବେହେରା, ଲିଲି କୁମାରୀ ବେହେରା ଓ ଏଥର ପ୍ରଥମ କରି ନିର୍ବାଚିତ ହୋଇଥିବା ସରିତା କୁମାରୀ ସାହୁ ଆଶାୟୀ ଥିବା ସମବାୟ ପ୍ରେମୀଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ସେହିପରି ନିର୍ବାଚିତ ନିର୍ଦ୍ଦେଶକ ଆର. ମୁରଲୀ ମୋହନ, ଟି. କିଶୋର ପାତ୍ର ଓ ପି. ଦୀପକ କୁମାର ଯାଦବ ମଧ୍ୟ ଦୌଡ଼ରେ ଥିବା ସୂଚନା ମିଳିଛି। ତେବେ ବିଧାୟକ କାହାର ନାମ ସୁପାରିସ କରିବେ ଓ ତାହା ଉପରେ ରାଜ୍ୟ ବିଜେଡି ମୋହର ମାରିବ ସେଥିପାଇଁ ଅପେକ୍ଷା କରାଯାଇଛି। ଶିକ୍ଷାଗତ ଯୋଗ୍ୟତା ସହ ସମବାୟ କ୍ଷେତ୍ରରେ ଅଭିଜ୍ଞତା ସମ୍ପନ୍ନଙ୍କୁ ସଭାପତି କରାଯିବାକୁ ଅଧିକାଂଶ ବ୍ୟାଙ୍କ ଅଂଶୀଦାର ମତ ଦେଇଛନ୍ତି। ତେଣୁ ଏବେଠୁ ସହରାଞ୍ଚଳ ସମବାୟ ରାଜନୀତି ସରଗରମ ହୋଇଯାଇଛି।

WANTED
ଧରିତ୍ରୀ DHARITRI Oriya daily
is looking for
ELECTRICIANS
• Having licence with ITI Certificate.
• 5 years experience in Printing Press Electrical Maintenance.
Apply immediately to :
recruitment@dharitri.com
Attractive salary commensurate with experience

HINDUSTAN URVARAK & RASAYAN LIMITED
(A Joint Venture of NTPC, CIL, IOCL, FCIL & HFCL)
CAREER OPPORTUNITIES FOR NON-EXECUTIVES
HURL invites applications for appointment of non-Executives in various disciplines. The selection will be through computer-based-test. The test centers will be at Delhi, Lucknow, Gorakhpur, Patna, Begusarai, Ranchi and Dhanbad.
Interested candidates may visit HURL website www.hurl.net.in for details regarding application process, eligibility criteria, experience requirementetc.
Core 3&4, 9th Floor, SCOPE Minar, Laxmi Nagar, District Center, Delhi-110092 | Website: www.hurl.net.in

REQUIRED IN BHUBANESWAR
ADVOCATE CIVIL-2, DRIVER-2, DIPLOMA CIVIL ENGINEER-2, GIRLS HOSTEL CARETAKER-3.
ଅମିନ-୨, ପିଅନ-୨, ରୋଷେୟା-୨
7978651016 | 8249306797

NALANDA INSTITUTE OF TECHNOLOGY
Affiliated to Biju Pattanaik University of Technology
Approved by A.I.C.T.E., New Delhi, Recognized by Govt. of Odisha
RECRUITMENT OF FACULTY POSITIONS
Applications are invited from qualified and experienced candidates for the position of Professor/Associate Professor/ Assitant Professor for the following Departments:
DEPARTMENT: PHYSICS, CHEMISTRY, MATHEMATICS, ENGLISH & CSE
Pay Scales: As per the AICTE norms. However salary is not a constraint for deserving candidates.
Eligible and interested candidates can mail their resume along with supporting documents of qualifications and experience to:
nalandabbsr2007@gmail.com
within 10 days from the date of advertisement
Nalanda Institute of Technology, Buddhist Villa, Chandaka, Bhubaneswar, Odisha, PIN - 754005
Website: www.thenalanda.com

# DISTRICT OFFICE, CUTTACK

## LAND ACQUISITION OFFICER AND COMPETENT AUTHORITY, NH- 55 PROJECT, CUTTACK

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (Act N0. 48 of 1956) the Central Government vide their Gazette Notification No. **S.O. 424 (E), Dated 2nd February, 2022** have acquired the lands indicated in the Schedule here under for building (Widening/four laning etc.) maintenance, management and operation of National Highway No. 55 on the Stretch of land from Km. 264.161 to Km. 279.44 (Land Acquisition Officer, (Civil ), Cuttack) in the district of Cuttack in the state of ODISHA.

Under the provisions of Section 3G(1), (2), (3) & (4) of the National Highways Act. 1956 (Act N0 48 of 1956) it is hereby informed to the land owners and other interested persons whose lands are acquired for building (Widening/ four laning etc.) maintenance, management and operation of National Highway No.55 on the Stretch of land Km Km. 264.161 to Km. 279.44 (Land Acquisition Officer, (Civil ), Cuttack) in the district of Cuttack in the state of ODISHA to appear and to submit their claims along with the copies of the relevant documents VIZ, (1) Sale/Partition/Other Deeds of Title. (2) Mutations and Tax Paid Receipts. (3) RTC's, (4) Conversion Certificate etc. in person or through Agents or through Advocates to the Land Acquisition Officer and Competent Authority, NH-55 Project, Cuttack and to State their respective interest on such lands.

**Sd/- Land Acquisition Officer and Competent Authority**
**NH-55 Project, Cuttack**

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

**New Delhi, the 2nd February, 2022**

**S.O. 424(E).-** Whereas by the notification of the Government of India in the Ministry of Road Transport and Highways, No. 533 (E) dated 4th February 2021, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of Toll Plaza Maintenance, management and operation of NH55 on the stretch of land from Km. 264.161 to Km. 279.44 (Land Acquisition Officer, (Civil ), Cuttack) in the district of Cuttack in the state of ODISHA.

And whereas the substance of the said notification has been published in **"Dharitri"** and **"Indian Express"** both dated **12th March 2021**; under sub-section (3) of section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief description of the land to be acquired, with or without structure, falling within the NH55 in the stretch of land from Km. 264.161 to Km. 279.44 (Land Acquisition Officer, (civil ), Cuttack) in the district of Cuttack in the state of ODISHA**

| State : ODISHA | | District : CUTTACK | | | TAHASILDAR : CUTTACK SADAR |
|---|---|---|---|---|---|
| Sl. No. | Survey No. | Type of land | Nature of land | Area (in Hectare) | Name of the land owner/ interested persons Part Survey No. |
| 1 | 2 | 3 | 4 | 5 | 6 |
| TALUK : CUTTACK SADAR | | | | | |
| VILLAGE : ATHANGA | | | | | |
| 1 | 300 | Government | Patita | 0.005 | Department of Railways 300 |
| 2 | 301 | Government | Patita | 0.0216 | Department of Railways 301 |
| 3 | 302 | Government | Nayanjori | 0.0081 | Irrigation Department 302 |
| 4 | 303 | Government | Nala | 0.0121 | Irrigation Department 303 |
| 5 | 304 | Government | Patita | 0.0243 | Irrigation Department 304 |
| 6 | 305 | Government | Patita | 0.0486 | Irrigation Department 305 |
| 7 | 306 | Government | Nala | 0.0324 | Irrigation Department 306 |
| 8 | 307 | Government | Nayanjori | 0.0081 | Irrigation Department 307 |
| 9 | 308 | Private | Sarada Tini | 0.0081 | Annapurna Behera W/o: Devendra Nath Behera Caste: Kaibarta Village: Shahabad Police Station / District - Jagatsinghpur 308 |
| 10 | 308/2078 | Private | Sarada Tini | 0.0156 | Gandharva Pradhan S/o: Gurubari Pradhan Caste: Khandayat Village: Kama Pur 308/2078 |
| 11 | 310 | Government | Nala | 0.036 | Rakhita 310 |
| 12 | 317 | Private | Sarada Jala Dui | 0.005 | Padmalav Nand, Radha Madhav Nand, Bhagirathi Nand S/o: Shyam Sundar Nand, Amal Kumar Nand, Bimal Kumar Nand, Tara Prasad Nand, Tareni Prasad Nand S/o: Bir Kishore Nand, Chakradhar Nand, Braj Kishore Nand, Raj Kishore Nand S/o: Damodar Nand , Basudev Nand S/o: Krishna Chandra Nand, Janardhan Nand, Sudarshan Nand S/o: Chintamani Nand, Rama Mishra W/o: Mahendra Mishra Caste: Brahman Village: Siddheshwar Pur 317 |
| 13 | 318 | Private | Sarada Jala Dui | 0.005 | Annapurna Swain W/o: Kedar Nath Swain Caste: Khandayat Village: Meriabazar (Mangraj Sahi), Pio-Buxibazar, Thana- Cantonment, District-Cuttack 318 |
| 14 | 321 | Private | Gharabari | 0.005 | Karthik Behera S/o: Gandharva Behera Caste: Kaibarta Village: Jobra Pareshwar Sahi Police Station - Malgodam District - Cuttack 321 |
| 15 | 321/2042 | Government | Patita | 0.005 | Irrigation Department 321/2042 |
| 16 | 322 | Private | Chaka | 0.005 | Shantilata Pati W/o: Keshab Pati S/o-Narasinha Kar Caste: Brahmin Village: Athanga 322 |
| 17 | 802 | Government | Nayanjori | 0.0782 | Department of Public Works 802 |
| 18 | 803 | Government | Rasta | 0.1484 | Department of Public Works 803 |
| 19 | 804 | Government | Rasta | 0.0121 | Department of Railways 804 |
| 20 | 805 | Government | Nayanjori | 0.0162 | Department of Railways 805 |
| 21 | 806 | Government | Nayanjori | 0.2232 | Department of Public Works 806 |
| 22 | 807 | Government | Patita | 0.0073 | Department of Railways 807 |
| 23 | 808 | Government | Rakhita | 0.0089 | Rakhita 808 |
| 24 | 849 | Government | Rakhita | 0.005 | Rakhita 849 |
| 25 | 850 | Private | Pani Nala | 0.005 | Padmalav Nand, Radha Madhav Nand, Bhagirathi Nand S/o: Shyam Sundar Nand, Amal Kumar Nand, Bimal Kumar Nand, Tara Prasad Nand, Tareni Prasad Nand S/o: Bir Kishore Nand, Chakradhar Nand, Braj Kishore Nand, Raj Kishore Nand S/o: Damodar Nand , Basudev Nand S/o: Krishna Chandra Nand, Janardhan Nand, Sudarshan Nand S/o: Chintamani Nand, Rama Mishra W/o: Mahendra Mishra Caste: Brahman Village: Siddheshwar Pur 850 |
| 26 | 851 | Private | Pani nala | 0.005 | Padmalav Nand, Radha Madhav Nand, Bhagirathi Nand S/o: Shyam Sundar Nand, Amal Kumar Nand, Bimal Kumar Nand, Tara Prasad Nand, Tareni Prasad Nand S/o: Bir Kishore Nand, Chakradhar Nand, Braj Kishore Nand, Raj Kishore Nand S/o: Damodar Nand , Basudev Nand S/o: Krishna Chandra Nand, Janardhan Nand, Sudarshan Nand S/o: Chintamani Nand, Rama Mishra W/o: Mahendra Mishra Caste: Brahman Village: Siddheshwar Pur 851 |
| 27 | 852 | Private | Sarada Jala Dui | 0.005 | Soum Ranjan Das S/o: Bhagwati Das Caste: Brahman Village: Madhya Sasan Police Station - Jagatsinghpur 852 |
| 28 | 853 | Private | Sarada Jala Dui | 0.0091 | Adhiraj Mohan Hota S/o: Surendra Nath Hota Caste: Brahman Village: Kanderpur Police Station - Sadar District - Cuttack 853 |
| 29 | 856 | Private | Chaka | 0.005 | Pramila Kumari Naik W/o: Basant Kumar Naik Caste: Bhopa Village: Athanga 856 |
| 30 | 857 | Private | Gharabari | 0.0987 | Batakrishna Muduli S/o: Bhim Muduli Caste: Potter Village: Dardapari police station / district - Jagatsinghpur 857 |
| 31 | 858 | Private | Sarada Jala Ek | 0.0642 | Soumya Ranjan Das S/o: Ravi Das Caste: Karan Village: Gopbandhunagar police station - Chauliaganj district - Cuttack 858 |
| 32 | 859 | Government | Patita | 0.0225 | Irrigation Department 859 |
| 33 | 861 | Private | Chaka | 0.1496 | Bijan Samantaraya S/o: Chintamani Samantaraya Caste: Brahman Village: Keshar Pur 861 |
| 34 | 863 | Private | Chaka | 0.1223 | Parikhit Pradhan S/o: Krishna Pradhan Caste: Khandayat Village: Siddheshwar Pur 863 |
| 35 | 864 | Private | Chaka | 0.1264 | Sasmita Das S/o: Sudarshan Das Caste: Brahman Village: Athanga Tha - Kanderpur Dist - Cuttack 864 |
| 36 | 865 | Private | Chaka | 0.0586 | Chhanchali Kar W/o: Bhikari Kar Caste: Brahman Village:Athanga 865 |
| 37 | 866 | Private | Chaka | 0.1052 | Saraswati Kar W/o: Bishwanath Kar Caste: Brahman Village: Athanga 866 |
| 38 | 866/2076 | Private | Chaka | 0.0078 | Shri Charan Das S/o: Kulmani Das Caste: Kaibartha Village: Barda 866/2076 |
| 39 | 867 | Private | Chaka | 0.0454 | Hari Kar, Arjuni Kar S/o: Nilei Kar Caste: Brahman Village: Athanga 867 |
| 40 | 867/2053 | Private | Gharabari | 0.063 | Bhaktilata Kar W/o: Sarat Chandra Kar, Gayatri Kar W/o: Pramod Kumar Kar Caste: Brahman Village: Athanga 867/2053 |
| 41 | 867/2054 | Private | Gharabari | 0.008 | Suryakant Sahu, Chandrakant Sahu S/o: Prasanna Kumar Sahu Kismat Athana Caste: Teli Village: North Tha - Kishornagar Dist - Cuttack, Himanshu Shekhar Das S/o: Khagendranath Das Kismat Athana Caste: Kaibarta Village: Barda Tha - Kishornagar Dist - Cuttack 867/2054 |
| 42 | 869 | Private | Chaka | 0.0334 | Hari Kar, Arjuni Kar S/o: Nilei Kar Caste: Brahman Village: Athanga 869 |
| 43 | 870 | Private | Biali dofasala | 0.0271 | Pradeep Kumar Kar, Prashant Kumar Kar, Reena Kumari Kar, Jyosnamayi Kar S/o: Devendranath Kar, Bijay Kumar Kar, Lilavati Kar, Diptimayi Kar S/o: Surendranath Kar Caste: Brahman Village: Athanga 870 |
| 44 | 871 | Private | Chaka | 0.0922 | Birbar Vhoi, Dhirendra Vhoi, Kshirod Chandra Vhoi S/o: Ananta Vhoi, Sakhi Vhoi W/o: Ananta Vhoi Caste: Bauri Village: Athanga 871 |
| 45 | 872 | Private | Chaka | 0.0699 | Anupama Behera W/o: Gajendra Prasad Behera Caste: Chamar Village: Rudhunga Police Station-Simulia District- Baleshwar 872 |
| 46 | 874 | Private | Chaka | 0.246 | Pradeep Kumar Kar, Prashant Kumar Kar, Reena Kumari Kar, Jyosnamayi Kar S/o: Devendranath Kar, Bijay Kumar Kar, Lilavati Kar, Diptimayi Kar S/o: Surendranath Kar Caste: Brahman Village: Athanga 874 |
| 47 | 875 | Private | Chaka | 0.0057 | Ninita Prabha Mohanty W/o: Mahendra Mohanty Caste: Karan Village: Buxi Bazar Thoria Sahi 875 |
| 48 | 876 | Government | Pradhan Chaka Nali | 0.0318 | Rakhita 876 |
| 49 | 889 | Private | Chaka | 0.0438 | Sebati Kar W/o: Gopal Chandra Kar Caste: Brahman Village: Athanga 889 |

| Sl. No. | Survey No. | Type of land | Nature of land | Area (in Hectare) | Name of the land owner/ interested persons Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 50 | 890 | Private | Biali dofasala | 0.1193 | Pradeep Kumar Kar, Prashant Kumar Kar, Reena Kumari Kar, Jyosnamayi Kar S/o: Devendranath Kar, Bijay Kumar Kar, Lilavati Kar, Diptimayi Kar S/o: Surendranath Kar Caste: Brahman Village: Athanga 890 |
| 51 | 891 | Private | Chaka | 0.1823 | Sangram Keshari Das S/o: Sudarshan Das Caste: Brahman Village: Athanga 891 |
| 52 | 892 | Private | Chaka | 0.0435 | Birbar Vhoi, Dhirendra Vhoi, Kshirod Chandra Vhoi S/o: Ananta Vhoi, Sakhi Vhoi W/o: Ananta Vhoi Caste: Bauri Village: Athanga 892 |
| 53 | 893 | Private | Chaka | 0.1284 | Kshetra Mohan Kar, Natbar Kar, Bansidhar Kar S/o: Vikari Kar Caste: Brahman Village: Athanga 893 |
| 54 | 894 | Private | Chaka | 0.1848 | Jayakrishna Mishra S/o: Bhagwan Mishra Caste: Brahman Village: Athanga 894 |
| 55 | 896 | Private | Chaka | 0.0136 | Prafulla Chandra Kar S/o: Bishwanath Kar, Saraswati Kar W/o: Bishwanath Kar, Laxmidhar Kar, Krishna Kar S/o: Sadhu Kar, Kamini Kar W/o: Ram Chandra Kar Caste: Brahman Village: Athanga 896 |
| 56 | 897 | Private | Chaka | 0.0287 | Gadadhar Sahu S/o: Agani Sahu, Ganesh Sahu S/o: Yogi Sahu, Nab Sahu S/o: Anand Sahu, Paramananda Sahu, Dharma Nand Sahu S/o: Govind Sahu Caste: Gudia Village: Siddheshwar Pur 897 |
| 57 | 898 | Private | Chaka | 0.0162 | Gadadhar Sahu S/o: Agani Sahu, Ganesh Sahu S/o: Yogi Sahu, Nab Sahu S/o: Anand Sahu, Paramananda Sahu, Dharma Nand Sahu S/o: Govind Sahu Caste: Gudia Village: Siddheshwar Pur 898 |
| 58 | 899 | Private | Chaka | 0.3409 | Upendra Narayan Kar S/o: Nidhi Kar Caste: Brahman Village: Athanga 899 |
| 59 | 900 | Private | Chaka | 0.005 | Narayan Maharana, Sadashiv Maharana S/o: Kumar Maharana Caste: Badhei Village: Mirizai Pur 900 |
| 60 | 901 | Private | Chaka | 0.0168 | Kshetra Mohan Kar, Natbar Kar, Bansidhar Kar S/o: Vikari Kar Caste: Brahman Village: Athanga 901 |
| 61 | 904 | Private | Chaka | 0.005 | Santilata Pati W/o: Keshab Pati. S/o: Narasinha Kar. Caste: Brahmin Village: Athanga 904 |
| Village: Kandarpur | | | | | |
| 62 | 101 | Private | Gharabari | 0.0101 | Ghanshyam Dalai S/o: Uchchhab Dalai Caste: Khandayat Village: Kamapur Tha - Sadar Dist - Cuttack 101 |
| 63 | 102 | Private | Gharabari | 0.0138 | Chandramani Mishra S/o: Harekrishna Mishra, Lavanya Mishra W/o: Harekrishna Mishra, Haramani Mishra W/o: Madhav Mishra Caste: Brahman Village: Kandarpur 102 |
| 64 | 103 | Private | Gharabari | 0.0147 | Sari Mishra W/o: Banamali Mishra Caste: Brahman Village: Kandarpur 103 |
| 65 | 105 | Private | Gharabari | 0.0202 | Sarat Kumar Mishra S/o: Chandramani Mishra Caste: Brahman Village: Kandar Pur 105 |
| 66 | 106 | Private | Gharabari | 0.004 | Chandramani Mishra S/o: Harekrishna Mishra Caste: Brahman Village: Kandar Pur 106 |
| 67 | 107 | Private | Patita | 0.0081 | Chandramani Mishra S/o: Harekrishna Mishra Caste: Brahman Village: Kandar Pur 107 |
| 68 | 109 | Private | Jalasaya dui | 0.0158 | Chandramani Mishra S/o: Harekrishna Mishra, Lavanya Mishra W/o: Harekrishna Mishra, Haramani Mishra W/o: Madhav Mishra, Sari Mishra W/o: Banamali Mishra, Jayakrishna Mishra S/o: Ghanshyam Mishra, Shobhavati Sadangi W/o: Padmalav Sadangi Caste: Brahman Village:Kandarpur 109 |
| 69 | 110 | Private | Gharabari | 0.029 | Bulei Sahu S/o: Madhu Sahu, Rasi Sahu W/o: Madhu Sahu Caste: Khandayat Village: Kandarpur 110 |
| 70 | 118 | Private | Baje fasala eka | 0.0091 | Yogendra Sahu, Vikari Sahu, Sajani Sahu, Kali Sahu, Guni Sahu S/o: Shankar Sahu, Parvati Sahu W/o: Shankar Sahu, Sindhu Sahu S/o: Giridhari Sahu, Jati Sahu, Bati Sahu, Ghum Sahu, Shanti Sahu S/o: Nath Sahu, Beng Sahu W/o: Nath Sahu Caste: Khandayat Village: Kandarpur 118 |
| 71 | 119 | Private | Gharabari | 0.0551 | Narayan Sahu S/o: Parama Nand Sahu Caste: Gudia Village: Kandarpur, Kismat T0. Aath Ana Village:, Dharma Nand Sahu S/o: Madan Sahu Caste: Gudia Village: Kandarpur, Kismat T0. Aath Ana Village: 119 |
| 72 | 120 | Private | Jalasaya dui | 0.004 | Narayan Sahu S/o: Parama Nand Sahu Caste: Gudia Village: Kandarpur, Kismat T0. Aath Ana Village:, Dharma Nand Sahu S/o: Madan Sahu Caste: Gudia Village: Kandarpur, Kismat T0. Aath Ana Village: 120 |
| 73 | 121 | Government | Jalasaya dui | 0.0081 | Department of Public Works 121 |
| 74 | 122 | Government | Gharabari | 0.0081 | Department of Public Works 122 |
| 75 | 123 | Government | Sadak | 0.0137 | Department of Public Works 123 |
| 76 | 124 | Government | Gharabari | 0.004 | Department of Public Works 124 |
| 77 | 125 | Government | Jora | 0.1214 | Irrigation Department 125 |
| 78 | 126 | Government | Gharabari | 0.004 | Department of Public Works 126 |
| 79 | 127 | Government | Gharabari | 0.004 | Department of Public Works 127 |
| 80 | 128 | Government | Gharabari | 0.004 | Department of Public Works 128 |
| 81 | 129 | Government | Gharabari | 0.004 | Department of Public Works 129 |
| 82 | 130 | Government | Gharabari | 0.004 | Department of Public Works 130 |
| 83 | 131 | Government | Gharabari | 0.004 | Department of Public Works 131 |
| 84 | 132 | Government | Gharabari | 0.004 | Department of Public Works 132 |
| 85 | 133 | Government | Gharabari | 0.004 | Department of Public Works 133 |
| 86 | 134 | Government | Gharabari | 0.004 | Department of Public Works 134 |
| 87 | 135 | Government | Gharabari | 0.004 | Department of Public Works 135 |
| 88 | 136 | Government | Gharabari | 0.004 | Department of Public Works 136 |
| 89 | 137 | Government | Gharabari | 0.004 | Department of Public Works 137 |
| 90 | 138 | Government | Gharabari | 0.004 | Department of Public Works 138 |
| 91 | 139 | Government | Gharabari | 0.004 | Department of Public Works 139 |
| 92 | 140 | Government | Gharabari | 0.004 | Department of Public Works 140 |
| 93 | 141 | Government | Sadak | 0.008 | Department of Public Works 141 |
| 94 | 142 | Government | Nayana jori | 0.004 | Department of Public Works 142 |
| 95 | 143 | Government | Sadak | 0.004 | Irrigation Department 143 |
| 96 | 300 | Government | Sadak | 0.005 | Department of Public Works 300 |
| 97 | 307 | Private | Gharabari | 0.004 | Jagannath Sahu S/o: Rathi Sahu Caste: Gudia Village: Korpada 307 |
| 98 | 308 | Private | Gharabari | 0.004 | Loknath Sahu S/o: Balaram Sahu Caste: Gudia Village: Korpada Tha - Kanderpur Dist - Cuttack 308 |
| 99 | 309 | Private | Gharabari | 0.004 | Brahmananda Sahu S/o: Rathi Sahu Caste: Gudia Village: Korpada 309 |
| 100 | 310 | Private | Gharabari | 0.004 | Brahmananda Sahu S/o: Rathi Sahu Caste: Gudia Village: Korpada 310 |
| 101 | 311 | Private | Gharabari | 0.005 | Upendra Sahu S/o: Jairam Sahu Caste: Gudia Village: Korpada Tha - Kanderpur Dist- Cuttack 311 |
| 102 | 318 | Private | Gharabari | 0.0083 | Maheshwar Ojha S/o: Ram Ojha Caste: Kamar Village: Alarpur, Kismat T0. Chari Ana Village :, Baikuntha Ojha S/o: Ghan Ojha Caste: Kamar Village: Alarpur, Kismat T0. Chari Ana Village:, Amrut Mani Ojha, Sulochana Ojha, Puspalata Ojha S/o: Yogi Ojha, Durgamani Ojha W/o: Yogi Ojha Caste: Kamar Village: Alarpur, Kismat T0. Chari Ana Village:, Tulsi Ojha, Manjulata Ojha, Jotsnamayi Ojha S/o: Jayakrishna Ojha, Jhumpei Ojha W/o: Jayakrishna Ojha Caste: Kamar Village: Alarpur, Kismat T0. Chari Ana Village: 318 |
| 103 | 319 | Private | Gharabari | 0.005 | Arvind Nanda S/o: Bibhu Prasad Nanda Caste: Brahman Village: Kamapur 319 |
| 104 | 320 | Private | Gharabari | 0.005 | Arvind Nanda S/o: Bibhu Prasad Nanda Caste: Brahman Village: Kamapur 320 |
| 105 | 321 | Private | Patita | 0.005 | Sachala Rautaray W/o: Karunakar Rautaray Village: Dharina Samil Parabil Tha - Kishornagar Dist - Cuttack 321 |
| 106 | 331 | Government | Gharabari | 0.025 | Department of Education 331 |
| 107 | 333 | Government | Gharabari | 0.005 | Department of Education 333 |
| 108 | 334 | Government | Gharabari | 0.0121 | Department of Education 334 |
| 109 | 335 | Private | Jalasaya dui | 0.0081 | Gopal Chandra Kar S/o: Madan Mohan Kar Caste: Brahman Village: Athanga 335 |
| 110 | 336 | Private | Sarada jala dofasala eka | 0.004 | Pradeep Kumar Kar, Prashant Kumar Kar S/o: Devendra Nath Kar, Bijay Kumar Kar S/o: Surendra Nath Kar Village: Athanga 336 |
| 111 | 337 | Private | Sarada jala dofasala eka | 0.004 | Pradeep Kumar Kar, Prashant Kumar Kar S/o: Devendra Nath Kar, Bijay Kumar Kar S/o: Surendra Nath Kar Village: Athanga 337 |
| 112 | 386/689 | Private | Sarada jala dofasala eka | 0.0117 | Ashok Kumar Chintak S/o: Kailash Chandra Chintak Caste: Khandayat Village: Laxminarayanpur Tha - Kanderpur Dist - Cuttack 386/689 |
| 113 | 387 | Government | Smasan | 0.0168 | Sarba Sadharana 387 |
| 114 | 388 | Private | Gharabari | 0.0238 | Kashinath Raut S/o: Nilamani Raut Caste: Khandayat Village: Shankarpur Nuasahi Tha - Madhupatna Dist - Cuttack 388 |
| 115 | 389 | Private | Gharabari | 0.0117 | Konduri Swain S/o: Bhagu Swain, Raj Kishore Swain S/o: Hadibandhu Swain Caste: Khandayat Village:Kandarpur 389 |
| 116 | 390 | Private | Sarada jala dofasala eka | 0.0094 | Gram Panchayat Kandarpur Marfat Sarpanch Kandarpur 390 |
| 117 | 391 | Private | Sarada jala dofasala eka | 0.0216 | Managing Director Farmers Service Cooperative Society Limited. :, Village - Kandarpur Village: 391 |
| 118 | 392 | Private | Gharabari | 0.0212 | Managing Director Farmers Service Cooperative Society Limited. :, Village - Kandarpur Village: 392 |
| 119 | 393 | Private | Gharabari | 0.0147 | Managing Director Farmers Service Cooperative Society Limited. :, Village - Kandarpur Village: 393 |
| 120 | 394 | Private | Gharabari | 0.0229 | Sudhanshu Shekhar Das S/o: Ghanshyam Das Caste: Bauri Village: Ayatpur Tha - Kanderpur Dist - Cuttack 394 |
| 121 | 395 | Private | Gharabari | 0.0349 | Vijaya Nand Sahu, Akshay Kumar Sahu S/o: Bulei Sahu Caste: Gudia Village: Bamburi Tha - Sadar Dist - Cuttack 395 |
| 122 | 396 | Private | Gharabari | 0.0149 | Bharati Das W/o: Akshay Kumar Das Caste: Karan Village: Tihudi Tha - Balikuda Dist - Jagatsinghpur 396 |
| 123 | 399/676 | Private | Gharabari | 0.0183 | Bhaktilata Kar W/o: Sarat Chandra Kar, Gayatri Kar W/o: Pramod Kumar Kar Caste: Brahman Village: Athanga 399/676 |
| 124 | 401 | Private | Sadak | 0.004 | Shailabala Jena W/o: Basant Kumar Jena Caste: Mahalayaka Village: Alar Pur, Netrananda Nanda S/o: Basu Nanda Caste: Brahman Village: Danduasi Pada 401 |
| 125 | 402 | Private | Patita | 0.005 | Parama Nanda Pradhan S/o: Jadumani Pradhan Village: Kandarpur 402 |
| 126 | 405 | Private | Sarada jala dofasala eka | 0.004 | Muli Pradhan S/o: Rasik Pradhan Caste: Khandayat Village: Kandarpur 405 |
| 127 | 406 | Private | Gharabari | 0.0081 | Pramila Pradhan W/o: Parama Nanda Pradhan Village: Kandarpur 406 |
| 128 | 407 | Government | Nayana jori | 0.1781 | Department of Public Works 407 |
| 129 | 408 | Government | Sadak | 0.2671 | Department of Public Works 408 |

# ଆଇଆର୍‌ଇ ପ୍ଲାଣ୍ଟ ଆଗରେ ପ୍ରତିବାଦ ସଭା

## ସ୍ଥାନୀୟ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦାବି

**ଛତ୍ରପୁର,୨୮।୬(ଡି.ଏନ.ଏ)**

ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟ ସମ୍ମୁଖରେ ମଙ୍ଗଳବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା । ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତିକୁ ରଦ୍ଦ କରିବା, ସ୍ଥାନୀୟ ବେକାର ଶିକ୍ଷିତ ଯୁବତୀ ଯୁବକଙ୍କୁ ଆଇଆର୍‌ଇ ପ୍ଲାଣ୍ଟରେ ନିଯୁକ୍ତି ଦାବି ନେଇ ଏହି ପ୍ରତିବାଦ ସଭା କରାଯାଇଥିଲା । ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଆଇଆର୍‌ଇ କର୍ତ୍ତୃପକ୍ଷଙ୍କ ଜନମାରଣ ନୀତିକୁ ସମାଲୋଚନା କରାଯାଇଥିଲା । ଭାରତୀୟ ବିରଳ ମୃର୍ତ୍ତିକା ପ୍ଲାଣ୍ଟରେ ୯୨ଟି ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ବାହାରିଛି । ଏଥିପାଇଁ ଭୁବନେଶ୍ୱର ଓ କଟକରେ ଲିଖିତ ପରୀକ୍ଷା କରାଯିବ । ତେବେ ବ୍ରହ୍ମପୁର ରାଜ୍ୟର ୩ୟ ବୃହତମ ସହର ଏବଂ ଜିଲାର



ପ୍ରତିବାଦ ସଭା ଚାଲିଛି ।

ସଦର ମହକୁମା ଛତ୍ରପୁର ହୋଇମଧ ଏଠାରେ ଲିଖିତ ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଇନି । ଏହି ବିଜ୍ଞପ୍ତିକୁ ରଦ୍ଦ କରି ବ୍ରହ୍ମପୁର, ଛତ୍ରପୁର କିମ୍ବା ଭାରତୀୟ ବିରଳ ମୃର୍ତ୍ତିକା ପ୍ଲାଣ୍ଟ ପରିସରରେ ଲିଖିତ ପରୀକ୍ଷା କରିବାକୁ ଦାବି କରାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ବହୁ ଡିଗ୍ରୀଧାରୀ ବେକାର ଯୁବତୀ ଯୁବକ ଅଛନ୍ତି। ସେମାନଙ୍କୁ ଉପରୋକ୍ତ ପଦବୀ ଗୁଡିକରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇ ଅନିର୍ଦ୍ଧିଷ୍ଟ କାଳ ଧାରଣା ଦେବ ବୋଲି ଚେତାବନୀ ଦେଇଛି । ପ୍ରତିବାଦ ସଭାରେ ଗୁରୁଦେବ ବେହେରା, ଏମ୍‌.ଜଙ୍ଗମୟା, ଭୀମସେନ ବେହେରା, ପୂର୍ବତନ ସରଂପଚ ସୁଦାମ ବେହେରା, ରାଜେନ୍ଦ୍ର ଦଳବେହେରାଙ୍କ ସମେତ ବହୁ ଛାତ୍ରୀଛାତ୍ର, ସ୍ଥାନୀୟ ଲୋକେ ସାମିଲ ଥିଲେ ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ଖଲ୍ଲିକୋଟ,୨୮।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ପୋଲିସ ଡକାୟତି ଯୋଜନା କରୁଥିବା ୫ ଜଣ ଅଭିଯୁକ୍ତମାନଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ କୋଦଳା ଥାନା ଅଞ୍ଚଳ ସାଙ୍କୁଡା ଗ୍ରାମର ମହେଶ୍ୱର ସାହୁ, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଆଠଗଡ ପାଟଣାର ସୁବିର କୁମାର ହୋତା ଓରଫ ସିଲୁ, କୋଦଳା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଗ୍ରାମର ରାମ ଚନ୍ଦ୍ର ଜେନା, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବାଲିଆସଉରା ଗ୍ରାମର ଦିଲୀପ ପୋଲାଇ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ମନୋଜ ସ୍ୱାଇଁ। ଅଭଯୁକ୍ତମାନଙ୍କଠାରୁ ୫ ପିସ୍ତଲ, ୮ ମାଗାଜିନ, ୧୩ ଗୁଳି, ୫ ବୋମାକୁ ଜବତ କରିଛି ପୋଲିସ। ସୋମବାର ମଧ୍ୟରାତିରେ ଖଲ୍ଲିକୋଟ ଥାନା ବଡଘାଟି ନିକଟ ଜାତୀୟ ରାଜପଥରେ ଡକାୟତ


ଗିରଫ ଅଭିଯୁକ୍ତ ସହ ଜବତ ବୋମା, ମାଉଜର ଓ ଗୁଳି ।

**ବୋମା, ମାଉଜର ସହ ଗୁଳି ଜବତ**

କରିବା ପାଇଁ ଯୋଜନା କରୁଥିବା ବେଳେ ଖଲ୍ଲିକୋଟ ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ଓ ପୋଲିସ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ସେପଟେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଦିଲୀପ ପୋଲାଇ ନାମରେ ବିଭିନ୍ନ ଥାନାରେ ୫୦ରୁ ଊର୍ଦ୍ଧ୍ୱ ମାମଲା ଥିବା ଜଣାପଡିଛି। ସେହିଭଳି ଖଲ୍ଲିକୋଟ ଥାନା ଅଞ୍ଚଳର ମନୋଜ ସ୍ୱାଇଁଙ୍କ ନାମରେ ୭ରୁ ଊର୍ଦ୍ଧ୍ୱ ମାମଲା ଥିବା ଜଣାପଡିଛି। ତେବେ ଏହି ଦୁଇଜଣଙ୍କ ନାମରେ ବିଭିନ୍ନ ଥାନାରେ ଡକାୟତ, ରାହାଜାନୀ ଓ ଲୁଟପାଟ ଭଳି ସଙ୍ଗିନ ମାମଲା ରହିଛି। ଗିରଫ ହୋଇଥିବା ଅଭିଯୁକ୍ତ କେଉଁଠୁ ବେଆଇନ ବନ୍ଧୁକ ଆଣିଲେ ତାର ପୋଲିସ ତଦନ୍ତ ଚଳାଇଛି।

## ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରକଳ୍ପ ପରିଦର୍ଶନ

**ଆସିକା,୨୮।୬(ଡି.ଏନ.ଏ.)**

ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଗଞ୍ଜାମ ଜିଲାପରିଷଦ ନିର୍ବାହୀ ଅଧିକାରୀ ଭି. କିର୍ତ୍ତିଭାସନ ମଙ୍ଗଳବାର ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ । ଆସିକା ବ୍ଲକର ଗୁଣ୍ଡପଡା ଗ୍ରାମରେ ଥିବା ଆଦର୍ଶ ଛେଳି ଗୁହାଳ ଓ ନିର୍ମାଣ ହେବାକୁ ଥିବା ଅମୃତ ସରୋବର ସ୍ଥାନକୁ ମଧ୍ୟ ଅଧିକାରୀ ପରିଦର୍ଶନ କରିଥିଲେ । ଏତଦ ଅବସରରେ ସେ ଆସିକା ବ୍ଲକର ରୁପାନ୍ତରୀଣ ହୋଇଥିବା ଗୁଣ୍ଡପଡାସ୍ଥିତ ଜଗଦଳପୁର ହାଇସ୍କୁଲ ଓ କାଳକଷ୍ଣେପୁରସ୍ଥିତ ହରିହରଦାସ ହାଇସ୍କୁଲ ପରିଦର୍ଶନ କରି ଏହାର ଉପଯୁକ୍ତ ବ୍ୟବହାର ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ଅଧିକାରୀଙ୍କ ଏହି ପରିଦର୍ଶନରେ ଆସିକା ବିଡିଓ ରୋଶନ ଶତପଥୀ ସାମିଲ ଥିଲେ।

## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ

**ଆସିକା,୨୮।୬(ଡି.ଏନ.ଏ.)**

ମାନବ ସେବା ସମିତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ହରିହର ହାଇସ୍କୁଲଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା । ସମିତିର ଅଧ୍ୟକ୍ଷ ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏତଦ ଅବସରରେ ଅତିଥିମାନେ ଉତ୍କଳମଣିଙ୍କ ତ୍ୟାଗପୁତ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ପ୍ରବନ୍ଧ, ବକ୍ତୃତା ଓ କବିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଉତ୍କଳମଣିଙ୍କ ଫଟୋ ଚିତ୍ର ସହ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଭବାନୀ ଶଙ୍କର ରଥ, ସତ୍ୟନାରାୟଣ ସ୍ୱାଇଁ, ରବୀନ୍ଦ୍ର କୁମାର ଜେନା, ଦିଲ୍ଲୀପ ପାଣିଗ୍ରାହୀ, ବିଦେଶୀ ନାହାକ, ପ୍ରଦୀପ ରାଉତ, ବୁଲୁ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ରାୟଗଡ଼ ପଞ୍ଚାୟତ ସମିତି ବୈଠକ

**ରାୟଗଡ଼(ଗଜପତି),୨୮।୬(ଡି.ଏନ.ଏ.)**

ରାୟଗଡ଼ ବ୍ଲକର ସଭାବନା ସଭାଗୃହଠାରେ ମଙ୍ଗଳବାର ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ ତଥା ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଜିଲା ପରିଷଦ ସଭ୍ୟା ଗୌତମୀ ଜାନି, ସଭ୍ୟ ପୀତାମ୍ବର ନାୟକ, ସାଂସଦ ପ୍ରତିନିଧି ଅନ୍ତର୍ଯାମୀ ଗମାଙ୍ଗ, ବିଧାୟକ ପ୍ରତିନିଧି ମାଫିଏଲ ସ୍ୱାଲସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ରାୟଗଡ଼ ବ୍ଲକରେ ୧୦୮ ବିଦ୍ୟାଳୟ ଥିବାବେଳେ ବିଦ୍ୟାଳୟଗୁଡିକରେ ଠିକ ଭାବେ ପାଠପଢ଼ା ହେଉଛି କି ନାହିଁ, ନିର୍ଦ୍ଧାରିତ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆସୁନଥିବା ବେଳେ ସମୟ ନ ହେଉଣୁ ସେମାନେ ଘରକୁ ପଳାଇ ଯାଉଥିବା ବୈଠକରେ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ । ମାର୍ଲବା ହାଇସ୍କୁଲର ସପ୍ତମ ଶ୍ରେଣୀ ପିଲାମାନେ ଓଡ଼ିଆ ବହି ପଢି ପାରୁନାହାନ୍ତି ଓ ଏହାଦ୍ୱାରା ବ୍ଲକରେ ଶିକ୍ଷା ବ୍ୟବସ୍ଥା ପୂରାପୂରି ଭୁଶୁଡ଼ି ପଡ଼ିଥିବା ସରପଞ୍ଚ ଜଳନ୍ଧର କାର୍ଯ୍ୟ ଅଭିଯୋଗ କରିଛନ୍ତି। ବୈଠକରେ ଉନ୍ନୟନ, ପଶୁ ସମ୍ପଦ, କୃଷି, ଖାଦ୍ୟ ଯୋଗାଣ, ଉଦ୍ୟାନ, ସାମାଜିକ ଓ ସୁରକ୍ଷା, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଗ୍ରାମ୍ୟ ଉନ୍ନୟନ, ସମନ୍ୱିତ ଆଦିବାସୀ ଉନ୍ନୟନ ଓ କଲ୍ୟାଣ, ପାନୀୟଜଳ ଓ ପରିମଳ, ବନ ବିଭାଗ, ଏମ୍‌ଜିଏନ୍‌ଆରଇଜିଏସ୍ ଆଦି ବିଭାଗ ଉପରେ ଆଲୋଚନା ହୋଇଥିଲା । ୭ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇ ବିଭାଗ ଓ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ହୋଇନଥିବାରୁ ଜିଲାପାଳଙ୍କ ଦୃଷ୍ଟିଗୋଚର କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ପିଇଓମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରା ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ଜିପିଇଓ ସେନାପତି ଶବର ଓ ପେସା ସଂଯୋଜକ ଶ୍ରୀଧର ଦାସ ପରିଚାଳନାରେ ସହଯୋଗ କରିଥିଲେ ।

# ଝୋଟିରେ ଝଲସୁଛି ରାଜଦାଣ୍ଡ

**ପାରଳାଖେମୁଣ୍ଡି,୨୮।୬(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଦକ୍ଷିଣ ଓଡ଼ିଶାରେ ପ୍ରଖ୍ୟାତଲାଭ କରିଥିବା ରଥଯାତ୍ରା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏଥିଲାଗି ପ୍ରଥମଥର ପାଇଁ ଝୋଟି ରଙ୍ଗରେ ଝଲସିବାରେ ଲାଗିଛି ରାଜରାସ୍ତା । ଗତ ୨ବର୍ଷ ହେଲା କରୋନା କଟକଣା ଯୋଗୁ ଏହି ରଥଯାତ୍ରା ବନ୍ଦ ଥିବା ବେଳେ ଚଳିତ ଥର ଯାତ୍ରା ହେଉଥିବାକୁ ନେଇ ବିଭିନ୍ନ ମହଲରେ ଆନନ୍ଦର ଲହରି ଖେଳିଯାଇଛି । ତେଣୁ ଚଳିତ ରଥଯାତ୍ରାକୁ ଚକାଚକ କରିବା ପାଇଁ ରାଜଦାଣ୍ଡ ରାସ୍ତାକୁ ଝୋଟିରଙ୍ଗରେ ବିଭିନ୍ନ ଝୋଟି ପକାଯାଇ ରଙ୍ଗିନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ରଙ୍ଗାରଙ୍ଗ ରାସ୍ତାରେ ୩ରଥ ଗଡ଼ିବ। ଏଥିପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତିକୁ ଚୂଡାନ୍ତ ରୂପ ଦେବାରେ ଲାଗିଛି । ରଥଯାତ୍ରା ଲାଗି ସହରର ଗୁଣ୍ଡିଚାବାଡିରେ ମୀନାବଜାର, ରାମଦୋଳି, ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଲାଗି ଷ୍ଟଲ, ଫୁଡ ଷ୍ଟଲ ଆଦି ପ୍ରସ୍ତୁତହେଉଥିବାର ଦେଖିବାକୁ ମିଳିଛି। ଚଳିତ ଥର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ମଧ୍ୟ ଶୃଙ୍ଖଳିତ ଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ହେଉଥିବାର ମଧ୍ୟ ଜଣାପଡ଼ିଛି। ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜଦାଣ୍ଡ ରାସ୍ତାକୁ ଝୋଟି ପେଣ୍ଟିଂ ମାଧ୍ୟମରେ ରଙ୍ଗାରଙ୍ଗ କରାଯାଉଥିବାକୁ ନେଇ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।


ରାଜଦାଣ୍ଡ ରାସ୍ତାରେ ଝୋଟି।

## ପ୍ରମାଣ ଅଭାବରୁ ହତ୍ୟା ମାମଲାର ଅଭିଯୁକ୍ତ ଖଲାସ

**ଆସିକା,୨୮।୬(ଡି.ଏନ.ଏ.)**

ଏକ ହତ୍ୟା ମାମଲାର ବିଚାର କରି ମଙ୍ଗଳବାର ଆସିକା ଅତିରିକ୍ତ ଦୌରା ଜଜ ଗିରିଜା ପ୍ରସାଦ ମହାପାତ୍ର ମାମଲାର ଅନ୍ୟତମ ଅଭିଯୁକ୍ତ ବିରଜାକାନ୍ତ ମହାରଣାଙ୍କୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ଏହି ଆଦେଶ ଦେଇଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଗତ ୨୦୧୩ ମଇ ୧୮ ତାରିଖ ରାତିରେ ବିଦ୍ୟୁତ ସାମଗ୍ରୀ ଦୋକାନ ମାଲିକ ପ୍ରଭାକର ସାହୁ ଦୋକାନରେ ବସିଥିଲା ବେଳେ ଆକ୍ରମଣକାରୀଙ୍କ ଅତର୍କିତ ଭାବେ ଗୁଳିମାଡରେ ଘଟଣାସ୍ଥଳରେ ଟଳିପଡିଥିଲେ । ଆସିକା ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ କରି ୩ଜଣ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ପୂର୍ବକ ଅଦାଲତରେ ଦାଖଲ କରାଯାଇଥିଲା । ତେବେ ସେଥିରୁ ଜଣେ ଅଭିଯୁକ୍ତ ଖଲାସ ହୋଇଥିଲା ବେଳେ ଅନ୍ୟ ୨ଜଣ ଅଭିଯୁକ୍ତଙ୍କ ମାମଲା ବିଚାରାଧିନ ଥିବା ଜଣାପଡିଛି ।

| Sl. No. | Survey No. | Type of land | Nature of land | Area (in Hectare) | Name of the land owner/ interested persons Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 130 | 409 | Government | Nayana jori | 0.1942 | Department of Public Works 409 |
| 131 | 410 | Government | Nayana jori | 0.1133 | Irrigation Department 410 |
| 132 | 411 | Government | Nala | 0.1781 | Irrigation Department 411 |
| 133 | 412 | Government | Cenal bandha | 0.005 | Irrigation Department 412 |
| 134 | 413 | Government | Cenal bandha | 0.005 | Irrigation Department 413 |
| 135 | 414 | Government | Cenal bandha | 0.005 | Irrigation Department 414 |
| 136 | 415 | Government | Nayana jori | 0.005 | Irrigation Department 415 |
| 137 | 416 | Private | Gharabari | 0.005 | Amita Kumari Dalai W/o: Akshay Kumar Majhi Caste: Kaibarta Village: Dardagram Tha / Dist - Jagatsinghpur 416 |
| 138 | 417 | Private | Chaka | 0.0064 | Beng Vhoi, Dangi Vhoi S/o: Thursday Vhoi Caste: Bauri Village: Kandarpur 417 |
| 139 | 568 | Private | Chaka | 0.0795 | Devendra Nath Ota S/o: Hans Nath Ota Caste: Brahman Village: Kandarpur 568 |
| 140 | 571 | Private | Chaka | 0.0235 | Sulochana Mallick W/o: Satyavadi Mallick, Sudarshan Mallick S/o: Dharmu Mallick Caste: Kandra Village: Kandarpur 571 |
| 141 | 572 | Private | Chaka | 0.0364 | Prahlad Tarai S/o: Hari Tarai Caste: Kaibarta Village: Kandarpur 572 |
| 142 | 573 | Private | Pani Nala | 0.0364 | Jiban Parida S/o: Jayaram Parida Caste: Khandayat Village: Parabili Tha - Kishornagar Dist - Cuttack 573 |
| 143 | 575 | Private | Pani Nala | 0.013 | Prafulla Kumar Mishra, Pradeep Kumar Mishra, Pramod Kumar Mishra, Prakash Kumar Mishra S/o: Batakrishna Mishra Caste: Brahman Village: Alarpur Tha - Kanderpur Dist - Cuttack 575 |
| 144 | 576 | Private | Chaka | 0.015 | Prafulla Kumar Mishra, Pradeep Kumar Mishra, Pramod Kumar Mishra, Prakash Kumar Mishra S/o: Batakrishna Mishra Caste: Brahman Village: Alarpur Tha - Kanderpur Dist - Cuttack 576 |
| 145 | 577 | Private | Gharabari | 0.0281 | Jiban Parida S/o: Jayaram Parida Caste: Khandayat Village: Parabili Tha - Kishornagar Dist - Cuttack 577 |
| 146 | 591 | Government | Nayana jori | 0.2026 | Department of Railways 591 |
| 147 | 592 | Government | Nala | 0.0931 | Department of Railways 592 |
| 148 | 593 | Government | Patita | 0.2104 | Department of Railways 593 |
| 149 | 594 | Government | Nayana jori | 0.089 | Department of Railways 594 |
| 150 | 595 | Government | Sadak | 0.0324 | Department of Public Works 595 |
| 151 | 596 | Government | Nayana jori | 0.0486 | Department of Public Works 596 |
| 152 | 597 | Government | Nala | 0.0454 | Department of Railways 597 |
| 153 | 598 | Government | Nayana jori | 0.005 | Department of Railways 598 |
| 154 | 599 | Government | Railway | 0.0176 | Department of Railways 599 |
| 155 | 602 | Government | Nayana jori | 0.0129 | Department of Railways 602 |
| 156 | 670 | Government | Patita | 0.005 | Department of Railways 670 |
| 157 | 84 | Government | Sadak | 0.005 | Department of Public Works 84 |
| 158 | 86 | Private | Gharabari | 0.005 | Chandramani Mishra S/o: Harekrishna Mishra, Lavanya Mishra W/o: Harekrishna Mishra, Haramani Mishra W/o: Madhav Mishra, Sari Mishra W/o: Banamali Mishra, Jayakrishna Mishra S/o: Ghanshyam Mishra, Shobhavati Sadangi W/o: Padmalav Sadangi Caste: Brahman Village:Kandarpur 86 |
| 159 | 94 | Government | Nayana jori | 0.0057 | Irrigation Department 94 |
| Village: Sidheswarpur | | | | | |
| 160 | 1 | Government | Nayana jori | 0.0364 | Department of Public Works 1 |
| 161 | 2 | Government | Nayana jori | 0.0243 | Department of Railways 2 |
| 162 | 289 | Government | Nayana jori | 0.4688 | Department of Railways 289 |
| 163 | 290 | Government | Nayana jori | 0.1538 | Department of Railways 290 |
| 164 | 291 | Government | Sadak | 0.0445 | Department of Public Works 291 |
| 165 | 292 | Government | Nayana jori | 0.0526 | Department of Railways 292 |
| 166 | 293 | Government | Nayana jori | 0.0202 | Department of Railways 293 |
| 167 | 294 | Government | Railway | 0.0738 | Department of Railways 294 |
| 168 | 295 | Government | Nayana jori | 0.0121 | Department of Railways 295 |
| 169 | 296 | Government | Nayana jori | 0.0809 | Department of Railways 296 |
| 170 | 297 | Government | Nala | 0.0567 | Department of Railways 297 |
| 171 | 298 | Government | Nayana jori | 0.085 | Department of Railways 298 |
| 172 | 299 | Government | Sadak | 0.1012 | Department of Railways 299 |
| 173 | 3 | Government | Sadak | 0.0364 | Department of Railways 3 |
| 174 | 300 | Government | Nayana jori | 0.0526 | Department of Railways 300 |
| 175 | 301 | Government | Nayana jori | 0.281 | Department of Railways 301 |
| 176 | 4 | Government | Rasta | 0.0405 | Department of Public Works 4 |
| 177 | 5 | Government | Nayana jori | 0.0567 | Department of Public Works 5 |
| 178 | 6 | Government | Smasan | 0.0134 | Sarba Sadharana 6 |
| 179 | 64 | Private | Gharabari | 0.0106 | Karunakar Pradhan S/o: Banshidhar Pradhan Caste: Khandayat Village: Bamburi Tha - Kanderpur Dist - Cuttack 64 |
| 180 | 7 | Private | Chaka | 0.0076 | Durga Charan Jena S/o: Jogi Jena Caste: Khandayat Village: Keshpur 7 |
| 181 | 71 | Private | Chaka | 0.0146 | Baikuntha Ojha S/o: Ghan Ojha Caste: Kamar Village: Alarpur 71 |
| 182 | 71/1349 | Private | Gharabari | 0.005 | Rakhita 71/1349 |
| 183 | 72 | Private | Gharabari | 0.004 | Karunakar Pradhan S/o: Banshidhar Pradhan Caste: Khandayat Village: Bamburi Tha - Kanderpur Dist - Cuttack 72 |
| 184 | 73 | Private | Chaka | 0.0162 | Karunakar Pradhan S/o: Banshidhar Pradhan Caste: Khandayat Village: Bamburi Tha. Kanderpur Dist. Cuttack 73 |
| 185 | 74 | Private | Chaka | 0.0335 | Shobhavati Nanda W/o: Raj Kishore Nanda Caste: Brahman Village: Sidheswarpur 74 |
| 186 | 76 | Private | Gharabari | 0.005 | Kahnu Prasad Rautaray S/o: Vishnu Charan Rautaray Caste: Khandayat Village: Dardashasan Thana - Biridi District - Jagatsinghpur 76 |
| 187 | 777 | Private | Chaka | 0.0066 | Jagannath Acharya S/o: Jaydev Acharya Caste: Brahman Village: Sidheswarpur 777 |
| 188 | 778 | Private | Chaka | 0.0574 | Padmalav Acharya S/o: Narasimha Acharya Caste: Brahman Village: Sidheswarpur 778 |
| 189 | 779 | Private | Chaka | 0.005 | Vikari Charan Acharya S/o: Kusunu Acharya, Sujata Panda S/o: Raghunath Acharya Caste: Brahman Village: Sidheswarpur 779 |
| 190 | 780 | Private | Chaka | 0.1515 | Sarat Chandra Sahu, Achuta Nanda Sahu, Basanti Sahu, Ratnavati Sahu, Kuntala Sahu S/o: Chandramani Sahu Caste: Gudia Village: Sidheswarpur 780 |
| 191 | 781 | Private | Chaka | 0.1834 | Gadadhar Sahu S/o: Agani Sahu Caste: Gudia Village: Sidheswarpur 781 |
| 192 | 782 | Private | Chaka | 0.0622 | Ichchhavati Sahu W/o: Gadadhar Sahu Caste: Gudia Village: Sidheswarpur 82 |
| 193 | 785 | Private | Chaka | 0.0628 | Karunakar Pradhan S/o: Banshidhar Pradhan Caste: Khandayat Village: Bamburi police station - Sadar district - Cuttack 785 |
| 194 | 789 | Government | Chaka Rasta | 0.0098 | Rakhita 789 |
| 195 | 790 | Government | Jalasechan Nali | 0.0118 | Rakhita 790 |
| 196 | 803 | Private | Chaka | 0.0251 | Shri Balunkeshwar Mahadev BJ Sidheswarpur Marfat Village:, Pramod Kumar Panda, Pradeep Kumar Panda, Prashant Kumar Panda, Sarojini Panda, Saudamini Panda, Subuddhini Panda S/o: Maguni Panda, Manorama Panda W/o: Maguni Panda, Chandra Shekhar Panda S/o: Panchanan Panda Caste: Brahmin Village: Sidheswarpur 803 |
| 197 | 804 | Private | Chaka | 0.0157 | Shri Balunkeshwar Mahadev BJ Sidheswarpur Marfat Village:, Pramod Kumar Panda, Pradeep Kumar Panda, Prashant Kumar Panda, Sarojini Panda, Saudamini Panda, Subuddhini Panda S/o: Maguni Panda, Manorama Panda W/o: Maguni Panda, Chandra Shekhar Panda S/o: Panchanan Panda Caste: Brahmin Village: Sidheswarpur 804 |
| 198 | 815 | Private | Chaka | 0.0242 | Balaram Sahu S/o: Narasimha Sahu Caste: Gudia Village: Sidheswarpur 815 |
| 199 | 816 | Government | Sarada jala dofasala eka | 0.053 | Sarat Chandra Sahu, Achuta Nanda Sahu, Basanti Sahu, Ratnavati Sahu, Kuntala Sahu S/o: Chandramani Sahu Caste: Gudia Village: Sidheswarpur 816 |
| 200 | 817 | Private | Chaka | 0.0607 | Basant Vhoi, Sharat Vhoi S/o: Bholi Vhoi Caste: Bauri Village: Sidheswarpur 817 |
| 201 | 818 | Private | Chaka | 0.1228 | Padmalav Acharya S/o: Yogi Acharya Caste: Brahman Village: Sidheswarpur 818 |
| 202 | 819 | Private | Chaka | 0.0823 | Bandhu Behera S/o: Nalu Behera Caste: Khandayat Village: Sidheswarpur 819 |
| 203 | 821 | Private | Chaka | 0.0104 | Balu Sahu S/o: Vikari Sahu Caste: Teli Village: Dardapari Thana- Jagatsinghpur 821 |
| 204 | 822 | Private | Chaka | 0.3209 | Gopbandhu Acharya, Brajbandhu Acharya, Banamali Acharya, Punananda Acharya S/o: Loknath Acharya Caste: Brahman Village: Sidheswarpur 822 |
| 205 | 823 | Private | Chaka | 0.119 | Jogendra Behera S/o: Chandramani Behera Caste: Kaibarta Village: Sidheswarpur 823 |
| 206 | 825 | Private | Chaka | 0.0171 | Dhobei Behera, Krishna Chandra Behera S/o: But Behera Caste: Kaibarta Village: Sidheswarpur 825 |
| 207 | 831 | Private | Chaka | 0.1111 | Daitari Muduli S/o: Aparti Muduli Caste: Kumbhar Village: Dardapari Thana-Jagatsinghpur 831 |
| 208 | 832 | Private | Chaka | 0.0353 | Jyotsna Rani Sahu W/o: Kailash Chandra Sahu Caste: Gudia Village: Sa-Athanga, Dak- Siddheshwarpur, Thana- Kanderpur, District-Cuttack, Pin-754100, 832 |
| 209 | 833 | Private | Chaka | 0.1226 | Dhul Sahu S/o: Narasimha Sahu Caste: Gudia Village: Sidheswarpur 833 |
| 210 | 834 | Private | Chaka | 0.0784 | Prahlad Das S/o: Narayan Das Caste: Brahmin Village: Madhyasasan Thana-Jagatsinghpur 834 |
| 211 | 836 | Private | Chaka | 0.005 | Prabhakar Acharya S/o: Mahani Acharya Caste: Brahman Village: Sidheswarpur 836 |
| | | | TOTAL | 9.5584 | |

**[F. No. RO/BBSR/11011/NH/IAHE/39/Smbp-Nuagaon/2017/3D]**
**Rajesh Gupta, Director**

## ସଂକ୍ଷେପରେ

### ରକମ ସତୀଶ କୁମାର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି

କାଶୀନଗର,୨୮।୬:ସ୍ଥାନୀୟ ଯୁବନେତା, ବିଜେଡିର ପୂର୍ବତନ ବ୍ଲକ ସଭାପତି ତଥା ଖାଣ୍ଡବା ନାଏବ ସରପଞ୍ଚ ରକମ ସତୀଶ କୁମାର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତି ପାଇଛନ୍ତି। ସେ ବ୍ଲକ ବୈଠକଗୁଡ଼ିକରେ ଏମ୍‌ପିଙ୍କ ତରଫରୁ ଯୋଗଦେବେ। ତାଙ୍କୁ ପ୍ରତିନିଧି ଭାବେ ଚୟନ କରି ନିଯୁକ୍ତି ଦେଇଥିବାରୁ ସେ ଏମ୍‌ପିଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଜୁଆଆଡ୍ଡାରେ ଚଢ଼ାଉ, ୪ ଅଟକ

କାଶୀନଗର,୨୮।୬:କାଶୀନଗର ଥାନା ହାଡ୍ଡୁଭାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ପଛପଟ ଜାଗାରେ ଜୁଆ ଖେଳ ଚାଲିଥିବା ସମୟରେ ପୋଲିସ ଚଢ଼ାଉ କରି ୧୯,୧୩୦ ଟଙ୍କା ଓ ତାସମୁଠା ଜବତ କରିଛି। ଏଥିରେ ୪ ଜଣଙ୍କୁ ଅଟକ ରଖି ତାଙ୍କ ନାମରେ ନଂ. ୭୬/୨୨ରେ ଥାନାରେ ମାମଲା ରୁଜୁ କରିଛି। ଗତ ଦୁଇଦିନ ତଳେ ମଧ ପଞ୍ଚାୟତ କାର୍ଯ୍ୟାଳୟ ପଛପଟରୁ ୮ ଜଣ ଜୁଆଡ଼ିଙ୍କୁ ଧରପଗଡ଼ କରାଯାଇଥିଲା। ଦୈନିକ ପୋଲିସ ପାଟ୍ରୋଲିଂ କରି ଆପରାଧିକ କାର୍ଯ୍ୟକଳାପ ଧରପଗଡ଼ କରାଯାଉଥିବା ଥାନାଧିକାରୀ କହିଛନ୍ତି।

### ପ୍ରାଧ୍ୟାପକଙ୍କ ପରଲୋକ

ଭଞ୍ଜନଗର,୨୮।୬(ଡି.ଏନ.ଏ): ଭଞ୍ଜନଗର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ତଥା ବିଶିଷ୍ଟ ଜ୍ୟୋତିଷ ନିରଞ୍ଜନ ପଟ୍ଟନାୟକ (୭୦)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ହାଇଦ୍ରାବାଦରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ମଙ୍ଗଳବାର କଲେଜରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଡ. ସୁବାସଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡ. ପୀତବାସ ପାଳ, ରାଜେନ୍ଦ୍ର ଦାସ, ବିଭାସ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧ୍ୟାପକ ସାତ୍ୟକି ସାହୁ ସଭା ସଂଯୋଜନା କରିଥିଲେ।

### ଦୋକାନରୁ ଗୁଟ୍‌ଖା ଜବତ, ଜରିମାନା ଆଦାୟ

ଜି.ଉଦୟଗିରି,୨୮।୬(ଡି.ଏନ.ଏ.) : ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁଟ୍‌ଖା ଧରପଗଡ଼ ଅଭିଯାନ ଆରମ୍ଭ କରାଯାଇଛି। ମଙ୍ଗଳବାର ଜି. ଉଦୟଗିରି ବଜାରରେ ବିଭିନ୍ନ ଦୋକାନ ଯାଞ୍ଚ କରାଯାଇ ବିପୁଳ ପରିମାଣର ଗୁଟ୍‌ଖା ଜବତ କରାଯିବା ସହ ୨୭୦୦ ଟଙ୍କର ଜରିମାନା ଆଦାୟ କରାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ଯାଞ୍ଚକରିଛି। ଟିମରେ ଫୁଡ୍ ଇନ୍ସପେକ୍ଟର ନବ କିଶୋର ସାହୁ, ଏକ୍ସାଇଜ୍ ଇନ୍ସପେକ୍ଟର ମଧୁସୂଦନ ବେହେରା, ପୋଲିସ ଏସ୍‌ଆଇ ବୁଲୁ ବେହେରା, ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାଜ କିଶୋର ସାହୁ ପ୍ରମୁଖ ସାମିଲ ଥିଲେ। କିଛିଦିନ ପୂର୍ବରୁ ଜି.ଉଦୟଗିରି ସହରରେ ବ୍ୟବସାୟୀମାନଙ୍କୁ ସଚେତନ କରାଯାଇଥିଲେ ମଧ୍ୟ ଏତେ ପରିମାଣର ଗୁଟ୍‌ଖା ଜବତ କରାଯାଇଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ନିୟମିତ ବ୍ୟବଧାନରେ ସଚେତନ କରାଯିବ ବୋଲି ଫୁଡ୍ ଇନ୍ସପେକ୍ଟର ନବ କିଶୋର ସାହୁ କହିଛନ୍ତି।

# ସମାଧାନ ହେଉନି ଗ୍ରାମବାସୀଙ୍କ ମୌଳିକ ସମସ୍ୟା

**ଆର.ଉଦୟଗିରି,୨୮।୬(ଡି.ଏନ.ଏ.)**

ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ବର୍ଷାପାଣି, ରାସ୍ତାଘାଟ ନିର୍ମାଣ କରିଚାଲିଛନ୍ତି। ହେଲେ ଜିଲା ଅଧିକାରୀ ନିଦାବିଷ୍ଟୁ ପାଲଟିଥିବାରୁ ବ୍ଲକ ଅଧିକାରୀମାନେ ପିସି କାରବାରରେ ଉବୁଡୁବୁ ଥିବା ସାଧାରଣରେ ଅଭିଯୋଗ ହେଉଛି। କିନ୍ତୁ କାମରେ ଲାଗୁନି କୌଣସି ଅଭିଯୋଗ ପତ୍ର।

ସେଭଳି ଘଟଣା ହେଉଛି ଗଜପତି ଜିଲାରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ସରକାର ବସୁଧା ଯୋଜନା କରୁଛନ୍ତି। କିନ୍ତୁ ସେଥିମଧ୍ୟରୁ ବସୁଧା ଯୋଜନା ମାଧ୍ୟମରେ ରାଜକୋଷରୁ ଖର୍ଚ୍ଚ କରାଯାଉଛି କୋଟି କୋଟି ଟଙ୍କା। ହେଲେ ଆଜିବି ଏମିତି କିଛି ସ୍ଥାନ ରହିଛି, ଯେଉଁଠି ଲୋକେ ବିଶୁଦ୍ଧ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି। ସରକାରଙ୍କ ବସୁଧା ଯୋଜନା ସତେ ଯେମିତି ଏଠାରେ ସାତ ସପନ ପାଲଟିଛି। ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଛେଲିଗଡ ପଞ୍ଚାୟତ ଅନ୍ତର୍ଗତ ୧ ନମ୍ବର ୱାର୍ଡ ମନସିଂ ଓ କୁଲାପଥର ଗ୍ରାମର ଦୃଶ୍ୟ। ଏହା କୌଣସି ଅପହଞ୍ଚ ଇଲାକା ମଧ୍ୟ ନୁହେଁ। ଗାଁକୁ ମାଟି ରାସ୍ତା ଦ୍ୱାରା ସଂଯୋଗ କରିଦେଇ ନିଦାବିଷ୍ଟୁ ଜିଲା ପ୍ରଶାସନ। ଉଭୟ ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ପରିବାରର ୫ ଶହରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ହେଲେ ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ଏଠାରେ ଲାଗିରହିଛି ପାନୀୟଜଳ ଓ ରାସ୍ତାଘାଟ ପରିମଳ ବ୍ୟବସ୍ଥା ଭଳି ଅନେକ ମୌଳିକ ସମସ୍ୟା। ବିଶୁଦ୍ଧ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି ଗ୍ରାମବାସୀ। ଗାଁରେ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପାନୀୟ ଜଳ ବ୍ୟବସ୍ଥା ରହିଛି, କିନ୍ତୁ ତାହା ବସୁଧା ଯୋଜନାରେ ନିର୍ମାଣ କରାଯାଇଥିବା ବ୍ୟବସ୍ଥା ନୁହେଁ। ଏଭଳି ଏକ ଦୂଷିତ ପୋଖରୀର ଜଳକୁ ପାଇପ୍ ଯୋଗେ ସିଧାସଳଖ ଗ୍ରାମକୁ ଯୋଗାଣ କରାଯାଇଛି। ତାହାବି ପାଇପ୍ ଯୋଗେ ଆସୁଥିବା ବେଳେ ପାଇପ୍‌ରେ ବେଳେବେଳେ କାଦୁଅ ପଙ୍କ ଲାଗିଯିବା ଯୋଗୁ ଆସେନାହିଁ ପାଣି। ତେଣୁ ବାଧ୍ୟହୋଇ ପାଖାପାଖି ଦୁଇ କିମି ଦୂର ଏଭଳି ଦୂଷିତ ପୋଖରୀରୁ ପାଣି ଛାଣି ଆଣି ପାନୀୟଜଳ ରୂପେ ବ୍ୟବହାର କରିବା ପାଇଁ ବାଧ୍ୟ ହୁଅନ୍ତି ଉଭୟ ମୁନିସିଂ ଓ କୁଲାପଥର ଗ୍ରାମବାସୀ। ସମସ୍ୟା ନେଇ ବିଭିନ୍ନ ସଭା ସମିତିରେ ବାରମ୍ବାର ସରକାରୀ ଓ ନେତାଙ୍କୁ ଗୁହାରି କରିଥିଲେ ମଧ୍ୟ ସେଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ।

ଏଥିସହ ଉଭୟ ଗ୍ରାମକୁ ଯିବାପାଇଁ ପକ୍କା ରାସ୍ତାଟିଏ ନଥିବାରୁ ପଥୁରିଆ ମାଟି ରାସ୍ତାରେ ଦୈନିକ ଯିବାଆସିବା କରୁଥିବା ବେଳେ କାହିଁ କେଉଁ କାଳରୁ ନିର୍ମିତ ସିସି ରୋଡ଼ ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ବର୍ଷାଦିନ ହୋଇଗଲେ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ପିଲାଠାରୁ ଆରମ୍ଭ କରି ଜରୁରିକାଳୀନ ରୋଗୀମାନେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଥୁରିଆ ଘାଟି ରାସ୍ତା ଦେଇ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହେଉଥିବା ବେଳେ ଅନେକ ସମୟରେ ଲୋକେ ରୋଗୀମାନଙ୍କୁ ଭାରରେ ବୋହୁଥିବା ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ଏହିସବୁ ସମସ୍ୟାର ସମାଧାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ବ୍ଲକ ଅଧ୍ୟକ୍ଷ କହିଛନ୍ତି ଯେ, ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉଛି, ଶୀଘ୍ର ତା'ର ସମାଧାନ କରାଯିବ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଭଞ୍ଜନଗର,୨୮।୬(ଡି.ଏନ.ଏ)**

ଭଞ୍ଜନଗର ଦୁର୍ଗାପ୍ରସାଦ ମୁଖ୍ୟ ରାସ୍ତାରେ ମଙ୍ଗଳବାର ପ୍ରତ୍ୟୁଷରେ କୌଣସି ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁଜାଗଡ଼ର ସ୍ୱର୍ଗତ କୀର୍ତ୍ତନ ଗୌଡଙ୍କ ପୁଅ ନିଶାକର ଗୌଡ (୪୭)। ଏ ନେଇ ମୁଜାଗଡ଼ରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ନିଶାକର ସୋମବାର ରାତିରେ ଘରୁ କୌଣସି କାରଣରୁ ଚାଲି ଆସିଥିଲେ। ସକାଳେ ତାଙ୍କ ମୃତଦେହ ରାସ୍ତା ଉପରେ ପଡିଥିବା ଲୋକେ ଦେଖିଥିଲେ। ରାସ୍ତା ଉପରେ ଚାଲି ଚାଲି ଯାଉଥିବା ସମୟରେ ତାଙ୍କୁ କୌଣସି ଗାଡି ଧକ୍କା ଲଗାଇଥିବା ଅନୁମାନ କରାଯାଉଛି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡିବ। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି।

# ୨୧୨ କେଜି ଗଞ୍ଜେଇ ଜବତ, ୫ ଗିରଫ

**ଫୁଲବାଣୀ ଅଫିସ, ୨୮।୬**



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

କନ୍ଧମାଳ ଜିଲା ସଦର ଥାନା ପୋଲିସ ଏବଂ ଫିରିଙ୍ଗିଆ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୧୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଦୁଇ ଜଣ ଅଛନ୍ତି। ଏଥିରୁ ଗଞ୍ଜେଇ ଚୋରା ଚାଲାଣର ଚେର କନ୍ଧମାଳରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ସ୍ପଷ୍ଟ ହୋଇଛି।

ସଦର ଥାନା ପୋଲିସ କଟ୍ରିଙ୍ଗିଆ-ବିଶିପଡା ରାସ୍ତାର ବିଶିପଡା ଛକ ଠାରେ ଚଢ଼ାଉ କରି ଏକ ପିକ୍‌ଅପ ଭ୍ୟାନକୁ ଯାଞ୍ଚ କରିବାରୁ ସେଥିରୁ ୧୦୭ କେଜି ଗଞ୍ଜେଇ ମିଳିଥିଲା। ଉକ୍ତ ଗାଡି ସହ ଗଞ୍ଜେଇକୁ ଜବତ କରି ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ସାଡ଼ିଙ୍ଗିଆ ଅଞ୍ଚଳର ଚିକୁନୁ ଦିଗାଲ ଓ ଅନାମିକ ଦିଗାଲ। ବିଶେଷ ସୂତ୍ରରୁ ଖବରପାଇ ଏସ୍‌ଆଇ ସସ୍ମିତ ବେହେରା ଏକ ଟିମ ସହ ଚଢ଼ାଉ କରିଥିଲେ। ଏ ନେଇ ନଂ.୯୯/୨୨ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ ବେହେରା କହିଛନ୍ତି। ସେହିପରି ଫିରିଙ୍ଗିଆ ଥାନା ପୋଲିସ ମାଲା ନିକଟରେ ଚଢ଼ାଉ କରି ଏକ ପିକଅପ ଭ୍ୟାନରୁ ୧୦୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗର ନବ କୁମାର ମଣ୍ଡଳ, ରମଜାନ ଖାନ ଓ ଗଞ୍ଜାମ ଜିଲା ବଡଗଡ଼ ଅଞ୍ଚଳର ଟୁନା ପ୍ରଧାନ। ଏ ନେଇ ନଂ.୧୦୧/୨୨ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

### ମହମବତି ତିଆରି ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୨୮।୬(ଡି.ଏନ୍.ଏ.)**

ଗଜପତି ଜିଲା ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ମହମବତି ତିଆରି ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ ସଭା ଅନୁଷ୍ଠିତ ହୋଇଛି। ଏହି ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମରେ ରାୟଗଡ଼ ବ୍ଲକର ଗଙ୍ଗାବାଡ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୨୯ ମହିଳା ଓ ପୁରୁଷ ତାଲିମ ନେବେ। ଉଦ୍‌ଘାଟନୀ ସଭାରେ ଜିଲା ଲିଡ୍ ବ୍ୟାଙ୍କ ମ୍ୟାନେଜର କିଶୋର ଚନ୍ଦ୍ର ନାଇକ ମୁଖ୍ୟଅତିଥି ଏବଂ ଜିଲା ପରିଷଦ ସଂସ୍ଥାର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ କର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାପିକା ଦୀକ୍ଷାଶ୍ରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଅତିଥି ପ୍ରତିଭାଗୀମାନଙ୍କୁ ଭାଷଣ ମାଧ୍ୟମରେ ବିଭିନ୍ନ ଉଦାହରଣ ଦେଇ ମନଯୋଗ ସହକାରେ ତାଲିମପ୍ରାପ୍ତ ହୋଇ ଭବିଷ୍ୟତରେ ଉତ୍ତରୋତ୍ତର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଫୁଲବାଣୀ ଅଫିସ, ୨୮।୬**

କନ୍ଧମାଳ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ମଙ୍ଗଳବାର ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଶିଶୁ ସୁରକ୍ଷା, ବାଲ୍ୟବିବାହ, ଶିଶୁ ଚାଲାଣ ଓ ଶିଶୁ ଶ୍ରମିକମୁକ୍ତ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରତି ୩ ମାସରେ ଥରେ ହେଉଥିବା ବେଳେ ଚଳିତଥର କ'ଣ କାର୍ଯ୍ୟକ୍ରମ ହୋଇଛି, ପୂର୍ବ ଯୋଜନା ଅନୁସାରେ କାର୍ଯ୍ୟ କେତେ ଆଗେଇଛି ତାହା ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶୋକ କୁମାର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ, ବନବାସୀର ରବୀନ୍ଦ୍ର କୁମାର ପଣ୍ଡା, ସିଡିଏମଓ, ଅତିରିକ୍ତ ଏସପିଙ୍କ ସମେତ ସ୍ୱାତୀ, ଜନବିକାଶ, ପ୍ରେମ ଓ ସାହାରା ଏନଜିଓର ପ୍ରତିନିଧିମାନେ ଯୋଗଦେଇଥିଲେ।

# ଉନ୍ନତିମୂଳକ କାର୍ଯ୍ୟ ନେଇ ପିଡିଙ୍କ ଆଲୋଚନା

## ପିଲାଙ୍କ ସହ ଖାଇଲେ, ପଢ଼ାଇଲେ




ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ପିଡି।

**କବିସୂର୍ଯ୍ୟନଗର,୨୮।୬(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବ୍ଲକ ବୈଠକ ଗୃହରେ ପିଡି ଭି.କୀର୍ତ୍ତିଭାସନ ମଙ୍ଗଳବାର ପହଞ୍ଚି ବ୍ଲକ ପ୍ରଶାସନ ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ସେ ମୁଖ୍ୟ ରାସ୍ତାରେ ଥିବା ସ୍ମାର୍ଟ ସ୍କୁଲ ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲରେ ପହଞ୍ଚି ପିଲାଙ୍କୁ ପାଠ ପଢ଼ାଇବା ସହ ପାଠ ସମ୍ପର୍କରେ ପଚାରି ବୁଝିଥିଲେ। ମଧ୍ୟାହ୍ନ ଭୋଜନ ନିଜେ ଖାଇବା ସହ ବ୍ଲକ, ଏନ୍‌ଏସି ଅଧିକାରୀଙ୍କୁ ଖୁଆଇଥିଲେ। ପିଲାଙ୍କ ସହ ଖାଇବା ସହ ମଧ୍ୟାହ୍ନ ଭୋଜନ ମାନ ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟର ପରିଚାଳନା ଉପରେ ଖୁସିବ୍ୟକ୍ତ କରି ରୋଷେୟାଙ୍କୁ ଟିପ୍ସ ଦେଇଥିଲେ। ତଦାରଖ ବେଳେ ବିଡିଓ ବାସୁଦେବ ନାୟକ, ଏବିଡିଓ ନାରାୟଣ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ, ପ୍ରଧାନ ଶିକ୍ଷକ ଗୋବିନ୍ଦ ପ୍ରସାଦ ରଥ, ପିଟି ଟିଚର ଚିତ୍ତରଞ୍ଜନ ସ୍ୱାଇଁ, ଏନ୍‌ଏସି ଯନ୍ତ୍ରୀ ଜଗନ୍ନାଥ ସାମଲ, ବ୍ଲକ ଜେଇ କାହ୍ନୁ ପଣ୍ଡା, ପ୍ରଭାତ ଦାସ, ପ୍ରମୋଦ ଦାସ, ଏପିଓ ସସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କାଇଁଚପୁର ପଞ୍ଚାୟତର ଉନ୍ନତୀକରଣ ଲାଗି ବୈଠକ

## କମ୍ପାନୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉ ନ ଥିବାରୁ ଉଦ୍‌ବେଗ

**ଗଞ୍ଜାମ,୨୮।୬(ଡି.ଏନ.ଏ.)**



ବୈଠକରେ ଆଲୋଚନା ଚାଲିଛି।

ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତର ଉନ୍ନତୀକରଣ ନିମନ୍ତେ ଏକ ଆଲୋଚନା ଚକ୍ର ବାଲିଲୋକନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମର ଉନ୍ନତୀକରଣ କିଭଳି ହୋଇପାରିବ ତାହା ବୈଠକରେ ଆଲୋଚନା ହୋଇଥିଲା। ରାଶନ କାର୍ଡ, ଇନ୍ଦିରା ଆବାସ ପାଇବାକୁ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିସହିତ ସ୍ଥାନୀୟ ଗ୍ରାସୀମ କମ୍ପାନୀ ସ୍ଥାନୀୟ ଶିକ୍ଷିତ ଯୁବତୀ/ଯୁବକଙ୍କୁ ନିଯୁକ୍ତି ଦେଉନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିଯୁକ୍ତି ଦେଉନଥିବା ଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାଦନ କିମ୍ବା ସୁରଟ ଯିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ କମ୍ପାନୀ ଜନଶୁଣାଣି କିମ୍ବା ପଲ୍ଲିସଭା ନ କରି ବିଭିନ୍ନ ସ୍ଥାନରେ ବୋରୱେଲ ଖୋଳୁଥିବା ଯୋଗୁ କ୍ଷୋଭ ପ୍ରକାଶ କରିଥିଲେ ଅଞ୍ଚଳବାସୀ। ଏଥିପାଇଁ କାଇଁଚପୁର ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଜଳସ୍ତର ଦିନକୁ ଦିନ କମୁଥିବା ମତପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏଥିପାଇଁ କମ୍ପାନୀ ବିରୋଧରେ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଆର. ଭାଗ୍ୟ ରେଡ୍ଡୀଙ୍କ ସମେତ ସମିତି ସଭ୍ୟ ଜୟକୃଷ୍ଣ ରେଡ୍ଡୀ, ସମବାୟ ସମିତି ସଭାପତି ଅଭିରାମ ରେଡ୍ଡୀ, କଲ୍ୟାଣପୁର ଚାରି ସାହି କମିଟି ସଭାପତି ପଦ୍ମ ପ୍ରଧାନ, ବି ବନମାଳୀ, ବିଶ୍ୱନାଥ ବେହେରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## କର୍ମନିଯୁକ୍ତି ଚୟନ, ପରାମର୍ଶ ଶିବିର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

**ପୋଲସରା,୨୮।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ କର୍ମନିଯୁକ୍ତି ଚୟନ ଓ ପରାମର୍ଶ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାରର ଯୋଜନା ଉପରେ ଆଲୋକପାତ କରିଥିଲେ। ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିକାଶ କୌଶଲ୍ୟ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ମନ୍ତ୍ରୀ କହିବା ସହିତ ଓରମାସର ଡେପୁଟି ସିଓ ଜ୍ୟୋତି ପ୍ରକାଶ ମହାନ୍ତି ମଧ୍ୟ ପ୍ରକାଶ କରିଛନ୍ତି। ଏହି ଶିବିରରେ ମୋଟ ୧୩୫ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୯୫ଜଣଙ୍କୁ ଯୋଗ୍ୟତା ଅନୁସାରେ ଚୟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୁ ସାହୁ ସହଯୋଗ କରିଥିବା ବେଳେ ବିଡିଓ ଧର୍ମରାଜ ପରିଡା ଅଧ୍ୟକ୍ଷତା କରିବା ସହ ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡା ଉପସ୍ଥିତ ଥିଲେ।

### ଭୁବନେଶ୍ୱରରେ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

**ବାଲିଗୁଡା,୨୮।୬ (ଡି.ଏନ.ଏ.)**

ବାଲିଗୁଡା ଅଞ୍ଚଳର ନିଖୋଜ ବୃଦ୍ଧ ବନମାଳୀ ସାହୁ(୭୭)ଙ୍କ ମୃତଦେହ ସୋମବାର ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍‌ପିଟାଲ ନିକଟ କାଜୁ ଜଙ୍ଗଲ ନିକଟରୁ ଜବତ କରାଯାଇଛି। ସେ ଭୁବନେଶ୍ୱର ଡୁମୁଡୁମାରେ କିଛି ମାସ ହେଲା ସାନପୁଅ ଘରେ ରହୁଥିଲେ। ସେ ଗତ ୧୫ ଦିନ ହେଲା ଘରେ କାହାକୁ କିଛି ନ ଜଣାଇ କୁଆଡ଼େ ପଳେଇଥିଲେ। ପରିବାର ଲୋକେ ସମ୍ପର୍କୀୟଙ୍କ ଘର ସମେତ ଅନେକ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳିନଥିଲା। ଏ ନେଇ ଭୁବନେଶ୍ୱରର ବିଭିନ୍ନ ଥାନାରେ ଖବର ମଧ୍ୟ ଦିଆଯାଇଥିଲା। ପୋଲିସ ବହୁ ଖୋଜାଖୋଜି କରିବା ପରେ ସୋମବାର କାଜୁ ଜଙ୍ଗଲରୁ ମୃତଦେହକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ନ୍ୟାୟ ପାଇଲେ ଗୁଜରାଟର ମମତା

**ଛତ୍ରପୁର,୨୮।୬(ଡି.ଏନ.ଏ)**

**ବର୍ଷେ ପରେ ପ୍ରେମିକଙ୍କ ସହ ହେଲା ରେଜିଷ୍ଟ୍ରି ବିବାହ**





ରେଜିଷ୍ଟ୍ରି ବିବାହ ପରେ ମମତା ଓ ଅରେନ୍ଦ୍ର।

ଗୁଜରାଟ ସୁରଟ ନିକଟସ୍ଥ ଆମରୋଲି ଥାନା ଅଞ୍ଚଳର ମମତା ବେନ୍ ଶେଷରେ ନ୍ୟାୟ ପାଇଛନ୍ତି। ମଙ୍ଗଳବାର ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରସ୍ଥିତ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପ୍ରେମିକଙ୍କ ସହ ତାଙ୍କର ରେଜିଷ୍ଟ୍ରି ବିବାହ ହୋଇଛି। ପ୍ରେମିକ ତଥା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଆଗୁଳ ଗାଁର ଅରେନ୍ଦ୍ର କରଣଙ୍କ ସହ ବିବାହ ପରେ ଉଭୟେ ଖୁସି ଅଛନ୍ତି। ଏହି ସମ୍ପର୍କ ଅତୁଟ ବୋଲି ଅରେନ୍ଦ୍ର କହଛନ୍ତି। ଅନ୍ୟପକ୍ଷରେ ବର୍ଷକର ସଂଘର୍ଷ ପରେ ମମତା ନିଜ ପ୍ରେମିକଙ୍କୁ ସ୍ୱାମୀ ଭାବେ ପାଇବା ସହ ଆଇନ୍ ଅନୁଯାୟୀ ତାଙ୍କର ବିବାହ ହୋଇଥିବାରୁ ସେ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି। ନ୍ୟାୟ ପାଇଁ ସଂଘର୍ଷ ବେଳେ ଗଞ୍ଜାମରେ ତାଙ୍କୁ ରହିବା, ଖାଦ୍ୟ ବ୍ୟବସ୍ଥାଠାରୁ ଆରମ୍ଭ କରି ଆଇନ୍ ସହାୟତା ଓ ସହଯୋଗ କରିଥିବା ସାମାଜିକ କର୍ମୀ ସୁଧୀର କୁମାର ନାହାକ ଓ ଛତ୍ରପୁର ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନର ମହିଳା ଗୋଷ୍ଠୀର ସମସ୍ତ ସଦସ୍ୟାଙ୍କୁ ମମତା କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, କବିସୂର୍ଯ୍ୟନଗର ଅଞ୍ଚଳର ଅରେନ୍ଦ୍ର ସୁରଟରେ ରହୁଥିବାବେଳେ ସେଠାର ସ୍ଥାନୀୟ ଯୁବତୀ ମମତାଙ୍କୁ ପ୍ରେମ କରିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ମମତାଙ୍କ ସହ ଅରେନ୍ଦ୍ର ସମ୍ପର୍କ ରଖି ଆସୁଥିଲେ। ପରେ ଅରେନ୍ଦ୍ର ଗାଁକୁ ଫେରିଆସିଥିଲେ। ତାଙ୍କର ଅନ୍ୟତ୍ର ବିବାହ ହେଉଥିବା ଖବରପାଇ ୨୦୨୧ ଜୁଲାଇରେ ମମତା ସୁରଟରୁ ଗଞ୍ଜାମ ଜିଲାକୁ ଚାଲିଆସିଥିଲେ। ସେ କବିସୂର୍ଯ୍ୟନଗର ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏହାପରେ ଅଗଷ୍ଟ ୫ରେ ଛତ୍ରପୁର ଆସି ଏସ୍‌ପିଙ୍କୁ ଭେଟିଥିଲେ ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସାମାଜିକ କର୍ମୀ ସୁଧୀର ଏବଂ ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନର ସଦସ୍ୟାମାନେ ତାଙ୍କୁ ବିଭିନ୍ନ ସହାୟତା ଯୋଗାଇ ଆସିଥିଲେ। ସେମାନଙ୍କ ସହାୟତା ବଳରେ ମମତା ସଂଘର୍ଷ ଜାରି ରଖିଥିଲେ। ପରେ ପ୍ରେମିକ ଅରେନ୍ଦ୍ର ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ଅରେନ୍ଦ୍ରଙ୍କ ସହ ମମତାଙ୍କ କିଭଳି ବିବାହ ହେବ ଏବଂ ସେମାନେ ଖୁସିରେ ସଂସାର କରିବେ ସେ ନେଇ ମହିଳା ସଂଘ ସଦସ୍ୟା ଓ ସାମାଜିକ କର୍ମୀ ଅହରହ ଉଦ୍ୟମ କରି ସେଥିରେ ସଫଳ ହୋଇଛନ୍ତି।

# ପ୍ରଦୀପ୍ତଙ୍କ ଅସୁସ୍ଥତା ବିରୋଧୀଙ୍କୁ ମୌକା

## ବିରୋଧୀ ଦଳ ନେତା ପଦବୀକୁ ନେଇ ଛକାପଞ୍ଝା



ଭୁବନେଶ୍ୱର,୨୮।୬(ବ୍ୟୁରୋ)

ଆସନ୍ତା ଜୁଲାଇ ୨ରେ ବିଧାନସଭାର ମୌସୁମୀ ଅଧିବେଶନ। ଏହା ପୂର୍ବରୁ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ବିରୋଧୀ ଦଳ ନେତା ପଦବୀ ପାଇଁ ବିଧାୟକମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲାଣି ଜୋରଦାର ପ୍ରତିଯୋଗିତା। ଏହି ରେସ୍‌ରେ ଆଗରେ ରହିଛନ୍ତି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, ମୁଖ୍ୟ ସଚେତକ ମୋହନ ମାଝି ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କରୋନା ସଂକ୍ରମିତ ହେବାଠାରୁ ପ୍ରାୟ ୨ ବର୍ଷ ହେବ ବିଧାନସଭାକୁ ଆସୁନାହାନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ପ୍ରତ୍ୟକ୍ଷ ଭାବେ ଗୃହ କାର୍ଯ୍ୟରେ ଯୋଗ ଦେଇପାରୁ ନାହାନ୍ତି। ତେବେ କୋଭିଡ୍ ପାଇଁ ବିଧାନସଭା ସଦସ୍ୟ ଯେଉଁଠି ରହିଲେ ମଧ୍ୟ ଭର୍ଚୁଆଲ ମାଧ୍ୟମରେ ଗୃହ କାର୍ଯ୍ୟରେ ଯୋଗଦେଇ ପାରିବେ ବୋଲି ବାଚସ୍ପତି ପୂର୍ବରୁ ଘୋଷଣା କରିସାରିଛନ୍ତି। ତାହା ଏବେ ବି ବଳବତ୍ତର ରହିଛି। ଶାସକ ଦଳଠାରୁ ଆରମ୍ଭକରି ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ରହି ବିଧାନସଭାରେ ଅଂଶଗ୍ରହଣ କରୁଛନ୍ତି। ସଂକ୍ରମିତ ହେବା ପରଠାରୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଥରେ ଦୁଇ ଥର ଭର୍ଚୁଆଲ ମାଧ୍ୟମରେ ଗୃହ କାର୍ଯ୍ୟରେ ଯୋଗଦେବା ପରେ ତାଙ୍କ ସ୍ୱାସ୍ଥ୍ୟ ଆହୁରି ବିଗିଡି ଯାଇଥିଲା। ଫଳରେ ସେ ଗତ ଦୁଇ ତିନୋଟି ସ୍ୱଳ୍ପକାଳୀନ ଅଧିବେଶନରେ ଯୋଗ ଦେଇପାରି ନାହାନ୍ତି। ଏବେ ସେ ଦିଲ୍ଲୀରେ ରହୁଛନ୍ତି ଓ ସେଠାକାର ଏକ ହସ୍ପିଟାଲ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଥିବା ତାଙ୍କ ପରିବାର ସୂତ୍ରରୁ କୁହାଯାଉଛି। ଆଉ କିଛି ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି କୁହାଯାଉଛି। ଏପରିସ୍ଥଳେ ବିରୋଧୀ ଦଳ ନେତା ପଦବୀରୁ ପ୍ରଦୀପ୍ତଙ୍କୁ ହଟାଇବାକୁ ଆରମ୍ଭ ହୋଇଯାଇଛି ଷଡ଼ଯନ୍ତ୍ର। ଜୁନ୍ ୨୬ ତାରିଖରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ବେଳେ ଭାଜପାର ୧୨ ଜଣ ବିଧାୟକ ଦିଲ୍ଲୀ ଯାଇଥିଲେ। ସେଠାରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ସାକ୍ଷାତ କରି ବିରୋଧୀ ଦଳ ନେତାଙ୍କ ଅସୁସ୍ଥତା ବିଷୟରେ ସୂଚନା ଦେବା ସହ ଅନ୍ୟ ଜଣଙ୍କୁ ସେହି ଆସନରେ ବସାଇବାକୁ ପ୍ରସ୍ତାବ ଦେଇଥିବା କୁହାଯାଉଛି। ସୁନ୍ଦରଗଡ଼ ଭାଜପା ବିଧାୟକ କୁସୁମ ଟେଟେ ମଧ୍ୟ ବିରୋଧୀ ଦଳ ନେତା ପରିବର୍ତ୍ତନ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଦଳରେ ଅନେକ ପୁରୁଖା ନେତା ଅଛନ୍ତି। ସେମାନଙ୍କ ମଧ୍ୟରୁ କାହାକୁ ମଧ୍ୟ ବିରୋଧୀ ଦଳ ନେତା କରାଯାଇପାରିବ ବୋଲି ସେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ବିରୋଧୀ ଦଳ ନେତା ଅସୁସ୍ଥତା କାରଣରୁ ବହୁଦିନ ହେବ ବିଧାନସଭାକୁ ଆସିପାରୁ ନାହାନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ସେ ନିକଟରେ ଯୋଗଦେବା ସମ୍ଭବ ହୋଇ ନ ପାରେ। ବିଧାନସଭା ମୌସୁମୀ ଅଧିବେଶନ ଆଉ ଦିନ କେଇଟା ରହିଲା। ବିରୋଧୀ ଦଳ ନେତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଦଳ ଯାହା କିଛି ନିଷ୍ପତ୍ତି ନେବ। ଏ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ବଦଳିବା ନେଇ କୌଣସି ସୂଚନା ଆସି ନ ଥିବା ସେ କହିଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ବରିଷ୍ଠତା ଓ ଅଭିଜ୍ଞତା ଦୃଷ୍ଟିରୁ ଉଭୟ ଜୟନାରାୟଣ ଓ ବିଷ୍ଣୁ ଏହି ପଦବୀ ପାଇଁ ଦାବିଦାର ବୋଲି ଭାଜପା ମହଲରେ ଚର୍ଚ୍ଚା ହେଉଛି। କିନ୍ତୁ ଜୟନାରାୟଣଙ୍କୁ ବିରୋଧୀ ଦଳ ନେତା ନ କରିବାକୁ ଗୋଟିଏ ଗୋଷ୍ଠୀ ଜୋରଦାର ଲାଗିପଡ଼ିଛନ୍ତି। ଗତ ସାଧାରଣ ନିର୍ବାଚନ ପରେ ବିରୋଧୀ ଦଳ ନେତା ପଦବୀରେ ଜୟନାରାୟଣଙ୍କୁ ନ ବସାଇବାକୁ ସେହି ଗୋଷ୍ଠୀ ପ୍ରବଳ ଚାପ ପକାଇଥିଲା। ତାଙ୍କ ବଦଳରେ ପ୍ରଦୀପ୍ତଙ୍କୁ ଏହି ଆସନରେ ବସାଯାଇଥିଲା। ଏବେ ମଧ୍ୟ ସେଇ ସମାନ ସ୍ଥିତି। ଅନ୍ୟପକ୍ଷରେ ଉପନେତା ବିଷ୍ଣୁ ଅଭିଜ୍ଞ ବିଧାୟକ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟଗତ କାରଣ ଏବଂ ସରକାରଙ୍କୁ ବିରୋଧ କରିବା ଶୈଳୀକୁ ଭାଜପାର ଏକ ଗୋଷ୍ଠୀ ସହ୍ୟ କରିପାରୁ ନାହିଁ। ଫଳରେ ବିଷ୍ଣୁଙ୍କୁ ବିରୋଧୀ ଦଳ ନେତା ନ କରିବାକୁ ଉପର ମହଲରେ ଚାପ ପଡୁଛି। ଅନ୍ୟପକ୍ଷରେ ଏହି ପଦବୀକୁ ହାତେଇବାକୁ ମୋହନ ମଧ୍ୟ ଗୋଟିଚାଳନା କରୁଥିବା ଆଲୋଚନା ହେଉଛି। ଉଭୟ ନେତାଙ୍କୁ ବିରୋଧ କରୁଥିବା ଗୋଷ୍ଠୀର ସମର୍ଥନରେ ମୋହନ ବିରୋଧୀ ଦଳ ନେତା ପଦବୀ ହାସଲ କରିବା ନେଇ ଦଳୀୟ ମହଲରେ ଆଲୋଚନା ହେଉଛି। ତେବେ ଦଳର କେତେକ ବିଧାୟକଙ୍କ କହିବା କଥା ହେଲା, ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଛି। ଆଉ କିଛିଦିନ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ। ଏପରିସ୍ଥଳେ ବିରୋଧୀ ଦଳ ନେତାଙ୍କୁ ବଦଳା ନ ଯାଉ। ନଚେତ ଦଳରେ ଗୋଷ୍ଠୀକନ୍ଦଳ ଆହୁରି ଭୟଙ୍କର ହେବ, ଯାହାକି ଆଗାମୀ ସାଧାରଣ ନିର୍ବାଚନରେ ଏହାର ଫଳ ଭୋଗିବାକୁ ପଡ଼ିପାରେ।

# ‘ଉଦ୍ଧବ-ଆଦିତ୍ୟ-ସଞ୍ଜୟଙ୍କ ବିରୋଧରେ ରୁଜୁ ହେଉ ଦେଶଦ୍ରୋହ ମାମଲା’



ଉଦ୍ଧବ ଠାକରେ | ଆଦିତ୍ୟ ଠାକରେ | ସଞ୍ଜୟ ରାଉତ

## ହାଇକୋର୍ଟରେ ଆବେଦନ କଲେ ସାମାଜିକ କର୍ମୀ ହେମନ୍ତ ପାଟିଲ

ମୁମ୍ବାଇ, ୨୮।୬

ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ସଙ୍କଟ ମଧ୍ୟରେ ବମ୍ବେ ହାଇକୋର୍ଟରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ମନ୍ତ୍ରୀ ଆଦିତ୍ୟ ଠାକରେ ଏବଂ ଦଳର ନେତା ସଞ୍ଜୟ ରାଉତଙ୍କ ବିରୋଧରେ ଏକ ଆବେଦନ ଦାଖଲ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ତଥା ସରକାରୀ କାର୍ଯ୍ୟକୁ ରୋକିବା ଯୋଗୁ ତିନି ନେତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବା ଉଚିତ ବୋଲି ଏକ ଜନସ୍ୱାର୍ଥ ଆବେଦନ କରାଯାଇଛି। ସାମାଜିକ କର୍ମୀ ହେମନ୍ତ ପାଟିଲଙ୍କ ତରଫରୁ ଏହି ଆବେଦନ କରାଯାଇଛି। ଏହା ସହିତ ଉଦ୍ଧବ-ଆଦିତ୍ୟ-ସଞ୍ଜୟଙ୍କ ଗଣମାଧ୍ୟମ ସମ୍ମିଳନୀ ଉପରେ ରୋକ ଲଗାଇବା ଲାଗି ଆବେଦନରେ ସୂଚିତ କରାଯାଇଛି। ପାଟିଲ ତାଙ୍କ ଆବେଦନରେ କହିଛନ୍ତି ଯେ ବିଦ୍ରୋହୀ ବିଧାୟକମାନଙ୍କ ସୁରକ୍ଷା ପ୍ରତି ବିପଦ ଥିବାରୁ ଗୁଆହାଟୀ ଯାଇଛନ୍ତି। ସେମାନେ ରାଉତ ଏବଂ ଠାକରେଙ୍କଠାରୁ ଧମକ ପାଇଥିବାରୁ ନିଜ ଜୀବନ ରକ୍ଷା କରିବାକୁ ସେଠାକୁ ଯାଇଛନ୍ତି। ଶିବସେନାରେ ଚାଲିଥିବା ସଙ୍କଟ ମଧ୍ୟରେ ଦଳର କର୍ମୀମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ବିରୋଧ କରୁଛନ୍ତି ବୋଲି ହେମନ୍ତ ପାଟିଲ ତାଙ୍କ ଆବେଦନରେ କହିଛନ୍ତି। ସେ କହିଛନ୍ତି ଯେ ପରିସ୍ଥିତିକୁ ଏପରି କରାଯାଉଛି ଯାହା ଦ୍ୱାରା ଲୋକଙ୍କ ମନରେ ଭୟ ସୃଷ୍ଟି ହେବ। ଶିବ ସୈନିକମାନେ ବହୁ ସ୍ଥାନରେ ହିଂସା ଭିଆଉଥିବା ଆବେଦନରେ ଉଲ୍ଲେଖ କରାଯାଇଛି। ରାଜ୍ୟର ଅଧିକାଂଶ ଜିଲ୍ଲାରେ କେବଳ ଉଦ୍ଧବ ଠାକୁର, ଆଦିତ୍ୟ ଠାକରେ ଏବଂ ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶରେ ବିରୋଧ ପ୍ରଦର୍ଶନ କରାଯାଉଛି। ପୋଲିସ ସବୁକିଛି ଚୁପଚାପ ଦେଖୁଛି। ଆଡଭୋକେଟ ଆର.ଏନ କାଚେଭଙ୍କ ମାଧ୍ୟମରେ ଦାଖଲ ହୋଇଥିବା ଏହି ଆବେଦନରେ ଡିଜିପିଙ୍କୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବାକୁ ପାଟିଲ ଉଲ୍ଲେଖ କରିଛନ୍ତି।

# କଂଗ୍ରେସ କ୍ଷମତାକୁ ଆସିଲେ ୨୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼



ଶରତ ପଟ୍ଟନାୟକ

**ବାରିପଦା ଅଫିସ,୨୮।୬:** ଓଡ଼ିଶାରେ କଂଗ୍ରେସ ସରକାର ଆସିଲେ ପ୍ରତି ଘରକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ପିସିସି ସଭାପତି ଶରତ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୋମବାର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ମଙ୍ଗଳବାର ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏକ ବାଇକ୍ ରାଲିରେ ସହର ପରିକ୍ରମା କରିବା ପରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତେବେ ବିଦ୍ୟୁତ୍‌ଶୁଳ୍କ ଛାଡ଼୍ ବ୍ୟତୀତ ଜିଲ୍ଲାରେ ଥିବା ପର୍ଯ୍ୟଟନ ଶିଳ୍ପ, ବେକାରୀ ସମସ୍ୟା ଓ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କଠାରେ ସେ ଦାବି କରିଛନ୍ତି। ଏହା ସହିତ ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ନଗର ସଭାପତି ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌ଭିଏ ବିରୋଧରେ ଆସିପାରେ ଅନାସ୍ଥା ପ୍ରସ୍ତାବ

**ମୁମ୍ବାଇ,୨୮।୬:** ଗତ କିଛି ଦିନ ହେବ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଜାରି ରହିଛି। ବର୍ତ୍ତମାନ ଏହା ଆଉ ଏକ ରାଜନୈତିକ ମୋଡ଼ ନେବାକୁ ଯାଉଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜୁନ ୩୦ରେ ପ୍ରହାର ପାର୍ଟିର ୨ ଜଣ ବିଧାୟକ ମହା ବିକାଶ ଅଘାଡ଼ି(ଏମ୍‌ଭିଏ) ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିପାରନ୍ତି। ଆଗାମୀ ଦୁଇ ଦିନ ମହାରାଷ୍ଟ୍ର ରାଜନୀତି ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏସମ୍ପର୍କରେ ରାଜଭବନରୁ ସମୟ ନେବାକୁ ପ୍ରହାର ପାର୍ଟି ପ୍ରସ୍ତୁତି ଚଳାଇଛି। ବର୍ତ୍ତମାନ ଉଭୟ ବିଧାୟକ ସିନ୍ଦେ ଦଳ ସହ ଗୁଆହାଟିରେ ଅଛନ୍ତି। ଏଥିସହ ସୂତ୍ରରୁ ପ୍ରକାଶ ଯେ, ଭାଜପା ଏବଂ ଶିବସେନାର ବିଦ୍ରୋହୀ ବିଧାୟକମାନେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ ପରବର୍ତ୍ତୀ ସରକାର ଗଠନ କରିପାରନ୍ତି। ଆଗାମୀ ସରକାର ଗଠନ ପାଇଁ ନେତାମାନେ ପୂର୍ବରୁ ସମସ୍ତ ବିଷୟରେ ଆଲୋଚନା କରିସାରିଛନ୍ତି। ଯଥା କ୍ୟାବିନେଟରେ ଭାଜପାର ୨୮ଜଣ ମନ୍ତ୍ରୀ ରହିବେ, ଯେଉଁଥିରେ ୨୬ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିବେ। ସେହିପରି କ୍ୟାବିନେଟରେ ସିନ୍ଦେ ଦଳର ୧୨ଜଣ ମନ୍ତ୍ରୀ ରହିବେ, ଯେଉଁଥିରେ ୧୦ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିବେ। ଏତଦ ବ୍ୟତୀତ ୬ଜଣ ବିଧାୟକଙ୍କ ପାଇଁ ଗୋଟିଏ ମନ୍ତ୍ରୀ ପଦବୀ ରହିବ ବୋଲି ସୂତ୍ରରୁ ସୂଚନା ମିଳିଛି। ଏଥିପାଇଁ ଦେବେନ୍ଦ୍ର ଫଡ଼୍‌ନବିସ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଥିବା ଜଣାପଡ଼ିଛି।

## ପଦାଧିକାରୀ ବୈଠକ

# ପ୍ରସ୍ତୁତ ହେଲା ୩ ମାସିଆ ଖସଡ଼ା



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ପଦାଧିକାରୀ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ସମେତ ସାଙ୍ଗଠନିକ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା କରାଯାଇଛି। ଆସନ୍ତା ୩ ମାସ ଲାଗି ରାଜନୈତିକ ଖସଡ଼ା ପ୍ରସ୍ତୁତ କରାଯାଇଛି। ସେହିପରି ଦଳର ରାଜନୈତିକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। ଏହା ବୁଧବାର ଅନୁଷ୍ଠିତ ଦଳର ରାଜ୍ୟ କାର୍ଯ୍ୟାକାରିଣୀରେ ପାରିତ ହେବ।

## ଆଜି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବିଶେଷଭାବେ ରାଜ୍ୟରେ କ୍ରମଶଃ ବୃଦ୍ଧିପାଉଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀ ଓ ଚାଷ ସମସ୍ୟା, ମହିଳା ଓ ଶିଶୁ ନିର୍ଯାତନା ବୃଦ୍ଧି, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ସୀମା ବିବାଦ, ବେରୋଜଗାର ସମସ୍ୟା, ବିପର୍ଯ୍ୟସ୍ତ ଜଳସେଚନ ବ୍ୟବସ୍ଥା, ବ୍ୟାପକ ଦୁର୍ନୀତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସମସ୍ୟା, ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଆଦି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଏହି ପଦାଧିକାରୀ ବୈଠକରେ ଚିନ୍ତା ପ୍ରକଟ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏ ସମସ୍ତ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି। ଓଡ଼ିଶାର ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଘୋଷଣା କରିବା ଆମ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ। କୃଷକ ଓ କୃଷକ କଲ୍ୟାଣକୁ ପ୍ରାଥମିକତା ଦେବା, ଅଗ୍ନିପଥ ଯୋଜନାର ଶୁଭାରମ୍ଭ, ଗରିବ କଲ୍ୟାଣ ଯୋଜନାରେ ଦୀର୍ଘ ୨ ବର୍ଷ ଧରି ୮୦ କୋଟି ଦେଶବାସୀଙ୍କୁ ମାଗଣା ଚାଉଳ, ଡାଲି ଆଦି ରାଶନ ଯୋଗାଇଦେବା, ରାଜ୍ୟର ଆକାଂକ୍ଷୀ ଜିଲ୍ଲାରେ ଦୂରସଞ୍ଚାର ବିଭାଗ ତରଫରୁ ୩ ହଜାରରୁ ଊର୍ଦ୍ଧ୍ୱ ମୋବାଇଲ ଟାୱାର ନିର୍ମାଣ, ପ୍ରଧାନମନ୍ତ୍ରୀ ଜନଔଷଧୀ ପରିଯୋଜନାରେ ଶସ୍ତା ଓ ସୁବିଧାରେ ଔଷଧ ଯୋଗାଇଦେବା ଆଦି ସ୍ୱାଗତଯୋଗ୍ୟ ପଦକ୍ଷେପ ପାଇଁ ପଦାଧିକାରୀ ବୈଠକରେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିବା ଲେଖାଶ୍ରୀ କହିଛନ୍ତି। ବୈଠକରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରବି ନାଏକ, ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ। ଏହା ପରେ ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା।

**OFFICE OF THE SUPERINTENDING ENGINEER**
**RURAL WORKS DIVISION No-I, KEONJHAR**
**3rd Corrigendum to Bid identification No. Road Online 01 of 2022-23**

**No.O-547:** The availability of tender Online for bidding / last date and time of seeking clarification / date, time and place of opening of tender Bid Identification No. Road Online 01 of 2022-23 the class of contractor for the work Sl. No- 1,6,9,14,16,18 and 22 of Superintending Engineer Rural Works Division No-I, Keonjhar may be read as C&B and the work Sl.No. 11 may read as B&A.

| Procurement Officer | Bid Identification No. | Availability of tender on- Online for bidding as per Tender Notice | | Availability of tender on- Online for bidding as per Corrigendum | | Last date & Time of seeking tender clarification | Date, Time & Place of Opening of Tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer R.W. Divn. No-I, Keonjhar | Road Online 01/2022-23 | 26.05.2022 at 11.00 AM | 02.06.2022 upto 5.00 PM | 18.06.2022 at 11.00 AM | 30.06.2022 upto 5.00 PM | 29.06.2022 at 4.00 PM | 02.07.2022 at 11.00 A.M Office of the Superintending Engineer R.W. Divn. No-I, Keonjhar |

All other terms and condition remain unchanged.

**Sd./- Superintending Engineer, R.W.Divn.No-I, Keonjhar**
**OIPR-25110/11/0003/2223**

**OFFICE OF THE MUNICIPAL COUNCIL, GUNUPUR**
Letter No.2254 — **Corrigendum** — Date 24.06.22
**Quotation Call Letter No. : 2219 dated :- 22.06.2022**
**Supply of computer systems, Laptop, printers, UPS and antivirus software to Gunupur Municipality**

**No.C-646:** Due to inadvertent typographical error for Supply of computer systems, Laptop, printers, UPS and antivirus software to Gunupur Municipality following changes have been made to the quotation call notice. Sl. 01 of Desktop Computer (Dell) Submenu-04 1 TB HardDisk (SSD) 7200 RPM should be read as **256GB (SDD) 1 TB (HDD) Hard Disk.** Sl. No. 03 HP LaserJet M1005 MFP Multi function print scan copy printer should be read as HP LaserJet Tank MFP 1005w Printer Multi-function Monochrome Laser Printer. The other specifications, terms and conditions of the quotation remain unchanged.

**Sd./-Executive Officer, Gunupur Municipality**
**OIPR-13104/11/0005/2223**

**GOVERNMENT OF ODISHA**
**“e”-PROCUREMENT NOTICE**
**WORKS DEPARTMENT**
**No.B-314:** **E-mail: ceroads.bbsr@gmail.com**
**Bid Identification No. CE-DPI & R-06/2022-23**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road work as mentioned below:
2. Nature of work : Road work
3. No. of work : 1 No.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 05.07.2022 to 5.30 PM of 25.07.2022
7. Date of opening of Bid : Dt.26.07.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
**OIPR-34111/11/0008/2223**

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
**ଭୁବନେଶ୍ୱର-୭୫୧୦୦୭**
**ନାମଲେଖା ବିଜ୍ଞାପନ**

No.PP-18:- ଭାରତୀୟ ହସ୍ତତନ୍ତ ବୈଷୟିକ ପ୍ରତିଷ୍ଠାନ ବରଗଡ଼ **(Indian Institute of Handloom Technology, Bargarh)** ଦ୍ୱାରା ପରିଚାଳିତ ତିନିବର୍ଷିଆ ହସ୍ତତନ୍ତ ଓ ବୟନଶିଳ୍ପ ଡିପ୍ଲୋମା ପାଠ୍ୟକ୍ରମ ୨୦୨୨-୨୩ ବର୍ଷ ପାଇଁ ରାଜ୍ୟ ନିମିତ୍ତ ଉଦ୍ଦିଷ୍ଟ ୨୨ ଗୋଟି ସ୍ଥାନ ପ୍ରଥମ ବର୍ଷରେ ପ୍ରବେଶ ଏବଂ ୦୨ ଗୋଟି ସ୍ଥାନ ୨ୟ ବର୍ଷରେ ପ୍ରବେଶ (Lateral Entry) ନିମିତ୍ତ ଓଡ଼ିଶାର ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର. ସଂ. | ପାଠ୍ୟକ୍ରମ ବର୍ଷ | ଖାଲିସ୍ଥାନ | | | | | |
|---|---|---|---|---|---|---|---|
| | | ସାଧାରଣ ବର୍ଗ (General) | ତଫସିଲଭୁକ୍ତ ଜାତି (SC) | ତଫସିଲଭୁକ୍ତ ଜନଜାତି (ST) | ବୁଣାକାର ସମ୍ପ୍ରଦାୟ (WC) | ଆର୍ଥିକ ଦୁର୍ବଳ ଶ୍ରେଣୀ (EWS) | ମୋଟ |
| ୧. | ପ୍ରଥମ ବର୍ଷରେ ପ୍ରବେଶ ନିମନ୍ତେ | ୯ | ୩ | ୪ | ୪* | ୨ | ୨୨ |
| ୨. | ୨ୟ ବର୍ଷରେ ପ୍ରବେଶ ନିମନ୍ତେ (Lateral Entry) | ୨ (ସମସ୍ତ ବର୍ଗ ପାଇଁ ପ୍ରଯୁଜ୍ୟ) | | | | | ୦୨ |

*ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବନିମ୍ନ ଶତକଡ଼ା ୨୦ ଭାଗ ସଂରକ୍ଷଣ ବ୍ୟବସ୍ଥା ରହିଅଛି।

- ସଂରକ୍ଷିତ ସ୍ଥାନ ପାଇଁ ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନ ମିଳିଲେ ଉକ୍ତ ଖାଲି ସ୍ଥାନ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ମଧ୍ୟରୁ ପୂରଣ କରାଯିବ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା:-**

୧. ପ୍ରଥମ ବର୍ଷରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ୧୦ମ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଇଂରାଜୀ ଏକ ବିଷୟ ଥାଇ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୨. ୨ୟ ବର୍ଷ (Lateral Entry)ରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାଦଶ (+2) ପରୀକ୍ଷା ଗଣିତ, ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ ବିଷୟ ଥାଇ କିମ୍ବା ଧନ୍ଦାମୂଳକ ପାଠ୍ୟକ୍ରମ (ବୟନ)ରେ ଦ୍ୱାଦଶ (+2) କିମ୍ବା ଦ୍ୱାଦଶ (+2) ସହ I.T.I. (୨ ବର୍ଷିଆ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

**ବୟସ ସୀମା:**

ପ୍ରଥମ ବର୍ଷରେ ପ୍ରବେଶ ପାଇଁ ତା୧୬.୦୭.୨୦୨୨ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୩ ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

ଦ୍ୱିତୀୟ ବର୍ଷ (Lateral Entry)ରେ ପ୍ରବେଶ ପାଇଁ ତା୧୬.୦୭.୨୦୨୨ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୫ ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୭ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ। ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ର ତା୩୦.୦୭.୨୦୨୨ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ। ଆବେଦନ ଫର୍ମ **www.textiles.odisha.gov.in** ଏବଂ **www.iihtbargarh.org.in**ରେ ଉପଲବ୍ଧ। ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସିମତେ ବିଚାରକୁ ନିଆଯିବ ନାହିଁ।

**OIPR-31003/11/0001/2223**

**SAMBALPUR MUNICIPAL CORPORATION**
**SAMBALPUR (ODISHA)**
**Email Id: sambalpurm.hud@nic.in, Phone No.: 0663-2411012**
ପତ୍ର ସଂଖ୍ୟା: ୫୯୩୩ — ତା: ୨୪।୦୬।୨୦୨୨

**କଲ୍ୟାଣ ମଣ୍ଡପ ନିଲାମ ନୋଟିସ୍**

No. C-639: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ କଲ୍ୟାଣ ମଣ୍ଡପ ନିମନ୍ତେ ଚଳିତ ବର୍ଷ ୨୦୨୨-୨୦୨୩ ଏକ ବର୍ଷ ପାଇଁ ଆସନ୍ତା ତା୨୪।୦୬।୨୦୨୨ ପୂର୍ବାହ୍ନ ଘ.୧୦.୩୦ମି.ରୁ ତା୦୮।୦୭।୨୦୨୨ ଅପରାହ୍ନ ଘ.୪.୩୦ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୧୧।୦୭।୨୦୨୨ଦିନ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ ୱେବ୍‌ସାଇଟ୍ **(www.smcsambalpurm.nic.in)**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।

ଟେଣ୍ଡର ପେପର ଉପଲବ୍ଧ ସମୟ: ତା୨୪।୦୬।୨୦୨୨ରିଖଠାରୁ ତା୦୭।୦୭।୨୦୨୨ରିଖ ଅପରାହ୍ନ ଘ.୫.୩୦ମି. ପର୍ଯ୍ୟନ୍ତ।

ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା୦୮।୦୭।୨୦୨୨ ଅପରାହ୍ନ ଘ.୪.୩୦ମି. ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବା ସମୟ ତା୧୧।୦୭।୨୦୨୨ରିଖ ପୂର୍ବାହ୍ନ ଘ.୧୧.୩୦ମି.।

ସ୍ୱା./- ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0028/2223

idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES
No.CAD-940:
**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
**Bid Identification No. Civil/EST-19/2022-23**
**NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement**

1. Name of the Work : Providing, Laying, Testing & Commissioning of 200 mm (N.B) dia D.I. S/S (K-9) pipe in raw water rising main along the Januganj road from existing 800 mm dia D.I. pipe at Remuna Golei to proposed WTP Fakir Mohan College, Balesore.
2. Value of the Work: Rs. 86.00 Lakhs
3. Period of completion: 05 (Five) Calendar Months
4. Availability of tender online for Bidding:
I. Start Date: 18:00 Hours of dt.28.06.2022.
II. End date: 15:00 Hours of dt.15.07.2022.
III. Opening date: 16.00 Hours of dt 15.07.2022.

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./-Chief General Manager (Civil)**
**IDCO, Bhubaneswar**
**OIPR-14003/11/0063/2223**

**OFFICE OF THE CDM & PHO CUM DMD**
**NHM, NUAPADA**
**District Programme Management Unit, NHM**
**NUAPADA, ODISHA, 766105**
**E-mail: nhmnuapada@gmail.com** — **Phone: (06678)-225908**

**TENDER CALL NOTICE**

**No.2367/DPMU/NHM/2020** — **Date 24.06.2022**

**No.E-255:** Sealed tenders are invited from the reputed manufacturer/Authorized suppliers having valid GST Registration certificate for supply of Printing/Flex Printing/ Vinyl Printing/Wall Writing/Display Materials etc. to office of the CDM&PHO cum DMD, Nuapada on annual rate contract basis. The sealed quotation should reach at O/o-CDM&PHO, Nuapada in any working day by 20.07.2022 till 5 P.M along with all required documents by speed post/regd post/courier only. The tender will be opened on 21.07.2022 at 11.00 A.M in the office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from www.nuapada.nic.in . The undersigned reserves the right to accept or reject any or all the quotations without assigning any reason thereof.

**Sd./- CDM & PHO cum DMD, Nuapada**
**OIPR-10055/11/0010/2223**

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL**
**CUTTACK**
**TENDER CALL NOTICE**

**No.E-256:** Sealed tenders are invited by the undersigned from the National/ International manufacturing firms or their authorized distributors/dealers for supply of Laboratory Chemicals/ reagents/ Kits/ Glass Ware/ Plastic ware etc. The last date for submission of tender is within 30 days up to 5.00 P.M. from the date of publication of tender which will be opened on next working day at 12.30P.M. in the office chamber of the Superintendent in presence of tenderers or their authorized representative. The tender paper will be available in the official website www.scbmch. in of the Superintendent, SCB medical College Hospital, Cuttack and also in the account section (User's) during the office hours on payment of Rs.1,000/- (Rupees One thousand) only in cash. The authority is not bound to accept the lowest price basing on quality. The authority reserves the right to accept / cancel / reject any or all the tenders without assigning any reason thereof. The authority is not responsible for any postal delay.

**Sd./- Superintendent**
**SCB Medical College Hospital, Cuttack**
**OIPR-10186/11/0002/2223**

## ସେନସେକ୍ସରେ ସ୍ୱଳ୍ପ ବୃଦ୍ଧି

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିବସ ଭଳି ୨ୟ ଦିନ ମଧ୍ୟ ଭାରତୀୟ ପୁଞ୍ଜିବଜାରରେ ବୃଦ୍ଧି ଜାରି ରହିଛି। ସେନ୍‌ସେକ୍ସରେ ୧୬.୧୭ (୦.୦୩%) ଏବଂ ନିଫ୍ଟିରେ ୧୮ (୦.୧୧%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୩,୧୭୭ ଏବଂ ନିଫ୍ଟି ୧୫,୮୫୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୧୮୦୧ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୪୭୯ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ମଙ୍ଗଳବାରର ଟପ୍ ଗେନର୍ସ ତାଲିକାରେ ମହିନ୍ଦ୍ରା ସିଇଆଇ, ଗ୍ରେଟ୍ ଇଷ୍ଟର୍ନ ଶିପିଂ, ଅଏଲ୍ ଇଣ୍ଡିଆ, ଥ୍ରୀଏମ୍ ଇଣ୍ଡିଆ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ୱେଲ୍ସପୁନ୍ ଇଣ୍ଡିଆ, ଚମ୍ବଲ ଫର୍ଟିଲାଇଜର୍ସ, ଆଇଇଏକ୍ସ ରହିଛନ୍ତି।

### ସଂକ୍ଷେପରେ

## ରୁଚି ସୋୟା ହେଲା ‘ପତଞ୍ଜଳି ଫୁଡ୍ସ ଲିମିଟେଡ୍’

**ନୂଆଦିଲ୍ଲୀ,୨୮।୬:** ଖାଇବା ତୈଳ କମ୍ପାନୀ ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନାମ ବର୍ତ୍ତମାନ ‘ପତଞ୍ଜଳି ଫୁଡ୍ସ ଲିମିଟେଡ୍’କୁ ପରିବର୍ତ୍ତିତ ହୋଇଛି। କମ୍ପାନୀ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଯୋଗଗୁରୁ ବାବା ରାମଦେବଙ୍କ ମାଲିକାନାରେ ଥିବା ପତଞ୍ଜଳି ଆୟୁର୍ବେଦ ୨୦୧୯ରେ ରୁଚି ସୋୟାକୁ ୪୩୫୦ କୋଟି ବିନିମୟରେ କ୍ରୟ କରିଥିଲା। ରୁଚି ସୋୟା ପକ୍ଷରୁ ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ ମହାରାଷ୍ଟ୍ରରେ ମୁମ୍ବାଇର କମ୍ପାନୀ ପଞ୍ଜିୟକ ପକ୍ଷରୁ କମ୍ପାନୀର ନାମ ପରିବର୍ତ୍ତନ ପ୍ରମାଣପତ୍ର ଜାରି କରାଯାଇଛି। ଏହି ପ୍ରମାଣପତ୍ର ଜୁନ୍ ୨୪ରୁ କାର୍ଯ୍ୟକାରୀ ହୋଇଛି । ଫଳରେ ରୁଚି ସୋୟାର ନାମରେ ପରିବର୍ତ୍ତନ ହୋଇ ପତଞ୍ଜଳି ଫୁଡ୍ସ ଲିମିଟେଡ୍‌କୁ ପରିବର୍ତ୍ତନ ହୋଇଛି। କମ୍ପାନୀ ପକ୍ଷରୁ ନାମରେ ପରିବର୍ତ୍ତନ ସମ୍ବନ୍ଧୀୟ ଆବଶ୍ୟକୀୟ ଦସ୍ତାବିଜ୍ ଶେୟାର ବଜାରରେ ଦାଖଲ କରିଛି।

## ପହିଲାରୁ ମୂଲ୍ୟ ବଢ଼ାଇବ ଟାଟା ମୋଟର୍ସ

**ନୂଆଦିଲ୍ଲୀ,୨୮।୬:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ଟାଟା ମୋଟର୍ସ’ ତା’ର କମର୍ସିଆଲ ଗାଡ଼ିର ଦାମ ବଢ଼ାଇବାକୁ ନିଷ୍ପତ୍ତି ନେଇଛି। ଏପରିକି କମ୍ପାନୀ ଚଳିତ ବର୍ଷ ଜୁଲାଇ ୧ରୁ ନୂଆ ଦର ଲାଗୁ କରିବାକୁ ମଧ ଘୋଷଣା କରିଛି। କମ୍ପାନୀର ସମସ୍ତ ବାଣିଜ୍ୟିକ ଯାନର ମୂଲ୍ୟ ୧.୫ ରୁ ୨.୫୦% ବୃଦ୍ଧି ହେବ ବୋଲି ଜଣାପଡିଛି। ବିଶେଷକରି ଉତ୍ପାଦ ମୂଲ୍ୟ ବୃଦ୍ଧି ନେଇ ଟାଟା ମୋଟର୍ସ ଷ୍ଟକ୍ ଏକ୍ସଚେଞ୍ଜଙ୍କୁ ମଧ ସୂଚିତ କରିଛି। ଏଥିରେ ଇନ୍‌ପୁଟ୍ ମୂଲ୍ୟ ବୃଦ୍ଧି ଯୋଗୁ ବାହନ ଦର ବୃଦ୍ଧି ଲାଗି ବାଧ ହେଉଥିବା କମ୍ପାନୀ ପକ୍ଷରୁ ଉଲ୍ଲେଖ କରାଯାଇଛି। ନିକଟରେ ଷ୍ଟିଲ୍,ଆଲୁମିନିୟମ ସମେତ ଅନ୍ୟ ଧାତୁ ଓ କମୋଡିଟି ମ୍ୟାଟେରିଆଲର ଦର ବୃଦ୍ଧି ଯୋଗୁ କମ୍ପାନୀ କମର୍ସିଆଲ ଗାଡ଼ିର ମୂଲ୍ୟ ବୃଦ୍ଧି କରୁଛି। ୨୦୨୨ରେ ଟାଟା ମୋଟର୍ସର ମୂଲ୍ୟ ବୃଦ୍ଧି ଲାଗି ଏହା ତୃତୀୟ ନିଷ୍ପତ୍ତି। ପ୍ରଥମ ଥର ଟାଟା ମୋଟର୍ସ ୧ ଜାନୁୟାରୀରେ ମୂଲ୍ୟ ବୃଦ୍ଧି କରିଥିଲେ। ଏହା ପରେ ଦ୍ୱିତୀୟ ଥର ଏପ୍ରିଲରେ ମୂଲ୍ୟ ବୃଦ୍ଧି ଘୋଷଣା କରିବା ପରେ ଏବେ ଜୁଲାଇରେ ତୃତୀୟ ଥର ପାଇଁ ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି।

# ହୋଟେଲ ରୁମ୍ ଉପରେ ଜିଏସ୍‌ଟି ଲଗାଇବାକୁ ମଞ୍ଜୁରୀ

■ ବୁଧବାର ଅନ୍‌ଲାଇନ ଗେମିଂ, ଘୋଡ଼ା ଦୌଡ଼ ଏବଂ କ୍ୟାସିନୋ ଉପରେ ଜିଏସ୍‌ଟି ଲଗାଇବା ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇପାରେ




ଚଣ୍ଡୀଗଡ଼ଠାରେ ୪୭ତମ ଜିଏସ୍‌ଟି କାଉନସିଲ୍ ବୈଠକରେ ମଙ୍ଗଳବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଅନ୍ୟମାନେ।

**ନୂଆଦିଲ୍ଲୀ,୨୮।୬**

ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ (ଜିଏସ୍‌ଟି) କାଉନ୍‌ସିଲ୍‌ର ୪୭ତମ ବୈଠକ ମଙ୍ଗଳବାର ଚଣ୍ଡିଗଡ଼ଠାରେ ଆରମ୍ଭ ହୋଇଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧକ୍ଷତାରେ ଏହି ଦୁଇଦିବସୀୟ ବୈଠକ ଅନୁଷ୍ଠିତ ହେଉଛି। ବୈଠକର ପ୍ରଥମ ଦିନରେ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ତେବେ ଖବର ଲେଖାଯିବା ସୁଦ୍ଧା ଏନେଇ କୌଣସି ଅଧିକାରୀଙ୍କ ସୂଚନା ମିଳି ନ ଥିଲା। ପ୍ରଥମ ଦିନରେ ଜିଏସ୍‌ଟି ଦରକୁ ଯୁକ୍ତିସଙ୍ଗତ କରିବା ପାଇଁ ଗଠିତ ଗ୍ରୁପ୍ ଅଫ୍ ମିନିଷ୍ଟର୍ସ (ଜିଓଏମ୍)ର ଅନ୍ତରୀଣ ରିପୋର୍ଟକୁ ମଞ୍ଜୁରୀ ମିଳିଛି। ଜିଓଏମ୍ ରିପୋର୍ଟରେ କିଛି ବସ୍ତୁ ଉପରେ ଟ୍ୟାକ୍ସ ରିହାତି ସମାପ୍ତ କରିବା ସହିତ ସ୍ଲାବ୍‌କୁ ଯୁକ୍ତିସଙ୍ଗତ ଭାବେ ତିଆରି କରିବା ନେଇ ସୁପାରିସ ହୋଇଛି। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଅଧକ୍ଷତାରେ ଜିଓଏମ୍ ପକ୍ଷରୁ ପ୍ରତିଦିନ ୫୦୦୦ ଟଙ୍କାରୁ ଅଧିକ ଚାର୍ଜ ହେଉଥିବା ହସ୍ପିଟାଲ ରୁମ୍‌ଗୁଡ଼ିକର(ଆଇସିୟୁ ବ୍ୟତୀତ) ରେଣ୍ଟ ଉପରେ ୫% ଜିଏସ୍‌ଟି ଲଗାଇବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାଛଡ଼ା ପ୍ରତିଦିନ ୧୦୦୦ ଟଙ୍କାରୁ କମ୍ ଭଡ଼ା ନେଉଥିବା ହୋଟେଲ ରୁମ୍ ଉପରେ ୧୨% ଟ୍ୟାକ୍ସ ଲଗାଇବା ସମ୍ବନ୍ଧରେ ପ୍ରସ୍ତାବିତ ହୋଇଛି। ପୋଷ୍ଟକାର୍ଡ, ଇନ୍‌ଲ୍ୟାଣ୍ଡ ଲେଟର ଏବଂ ୧୦ ଗ୍ରାମ୍ ଓଜନ ପର୍ଯ୍ୟନ୍ତ ଥିବା ଲଫାପାଗୁଡ଼ିକ ବ୍ୟତୀତ ପୋଷ୍ଟ ଅଫିସ୍‌ର ଅନ୍ୟ ସମସ୍ତ ସେବା ଉପରେ ଟ୍ୟାକ୍ସ ଲଗାଇବାକୁ ଜିଓଏମ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଛତିଶଗଡ଼ର କମର୍ସିଆଲ୍ ଟ୍ୟାକ୍ସ ମନ୍ତ୍ରୀ ଟି.ଏସ୍. ସିଂ ଦେବ ରାଜ୍ୟଗୁଡ଼ିକୁ ମିଳୁଥିବା ଜିଏସ୍‌ଟି କ୍ଷତିପୂରଣକୁ ଆହୁରି ୫ବର୍ଷ ବୃଦ୍ଧି ପାଇଁ ସୀତାରାମନଙ୍କ ନିକଟରେ ଅପିଲ୍ କରିଛନ୍ତି। ବୈଠକର ୨ୟ ଦିନ ଅର୍ଥାତ୍ ବୁଧବାର, ରାଜ୍ୟଗୁଡିକର ଜିଏସ୍‌ଟି କ୍ଷତିପୂରଣ ସମୟସୀମା ବୃଦ୍ଧି ସମେତ ଅନ୍‌ଲାଇନ ଗେମିଂ, ଘୋଡ଼ାଦୌଡ଼ ଏବଂ କ୍ୟାସିନୋ ଉପରେ ୨୮% ଜିଏସ୍‌ଟି ଲଗାଇବା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ।

# ଆକାଶ ରିଲାଏନ୍ସ ଜିଓ ବୋର୍ଡ ଅଧ୍ୟକ୍ଷ

**ମୁମ୍ବାଇ,୨୮।୬**



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଚେୟାରମ୍ୟାନ ମୁକେଶ ଅମ୍ବାନୀ ଟେଲିକମ୍ ସେକ୍ଟରର ଅଗ୍ରଣୀ କମ୍ପାନୀ ରିଲାଏନ୍ସ ଜିଓ ବୋର୍ଡରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ତାଙ୍କ ଦାୟିତ୍ୱ ପୁଅ ଆକାଶ ଅମ୍ବାନୀ ସମ୍ଭାଳିବେ। ଡିଜିଟାଲ ସେବାର ଅଗ୍ରଗତି କ୍ଷେତ୍ରରେ ଆକାଶଙ୍କର ଥିବା ଯୋଗଦାନ କାରଣରୁ ତାଙ୍କୁ ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ଦାୟିତ୍ୱ ଦିଆଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ମୁକେଶ ଅମ୍ବାନୀ ଜିଓ ଇନ୍‌ଫୋକମ୍ ସହ ସମସ୍ତ ଜିଓ ଡିଜିଟାଲ ସେବା ବ୍ରାଣ୍ଡର ମାଲିକ ପ୍ରମୁଖ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମ୍ସ ଲିମିଟେଡ୍‌ର ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ଜିଓର ୪ଜି ପ୍ରସ୍ତାବକୁ ନେଇ ଡିଜିଟାଲ ଇକୋସିଷ୍ଟମ୍ ସୃଷ୍ଟି ସହିତ ଆକାଶ ଘନିଷ୍ଠ ଭାବରେ ଜଡ଼ିତ। ସେ ୨୦୧୭ରେ ଏକ ଇଣ୍ଡିଆ ସ୍ପେକ୍ସ ଫୋକସ୍ ହୋଇଥିବା ଜିଓଫୋନ୍ ଉଦ୍ଭାବକ ଏବଂ ଉନ୍ମୋଚନ କରିବାରେ ଏକ ଇଞ୍ଜିନିୟର ଦଳ ସହିତ ଘନିଷ୍ଠ ଭାବରେ ଜଡ଼ିତ ଥିଲେ। ଏହା ଅନେକ ଲୋକଙ୍କୁ ୨ଜିରୁ ୪ଜିକୁ ପରିବର୍ତ୍ତିତ କରିବାରେ ଏକ କ୍ରାନ୍ତିକାରୀ ପ୍ରଭାବ ସୃଷ୍ଟି କରିଥିଲା। ଆକାଶ ଗତ କିଛିବର୍ଷ ମଧ୍ୟରେ ବ୍ୟକ୍ତିଗତ ଭାବରେ ଡିଜିଟାଲ ସ୍ପେସ୍‌ରେ ଜିଓ ଦ୍ୱାରା କରାଯାଇଥିବା ପ୍ରମୁଖ ଅଧିଗ୍ରହଣର ନେତୃତ୍ୱ ନେଇଥିଲେ। ଏହାସହିତ ସେ ଏଆଇ-ଏମ୍‌ଏଲ୍ ଆଣ୍ଡ ବ୍ଲକ୍-ଚେନ୍ ସହିତ ନୂଆ ପ୍ରଯୁକ୍ତିବିଦ୍ୟା ଏବଂ କ୍ଷମତାଗୁଡ଼ିକର ବିକାଶ କରିବାରେ ମଧ ସାମିଲ୍ ଥିଲେ।

# ତନିସ୍କର ସ୍ୱତନ୍ତ୍ର ଗହଣା ସମ୍ଭାର ‘ରାଜାଧୀରାଜ’



ପବିତ୍ର ରଥଯାତ୍ରା ଉପଲକ୍ଷେ ତନିସ୍କ ପକ୍ଷରୁ ସ୍ୱତନ୍ତ୍ର ପେଣ୍ଡାଣ୍ଟ ଓ ରିଂ ବର୍ଗମାଳାକୁ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୮।୬**

ଟାଟାର ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ପକ୍ଷରୁ ପବିତ୍ର ରଥଯାତ୍ରା ଉପଲକ୍ଷେ ଏକ ସ୍ୱତନ୍ତ୍ର ଗହଣା ସମ୍ଭାର ‘ରାଜାଧୀରାଜ’ର ଶୁଭାରମ୍ଭ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଜୟଦେବବିହାର ନିକଟସ୍ଥ ଏକ ହୋଟେଲ ପରିସରରେ ଉକ୍ତ ସମ୍ଭାରର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସମେତ ଟାଇଟନ କମ୍ପାନୀ ଲିମିଟେଡ୍‌ର ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ପୂର୍ବାଞ୍ଚଳ ଆଲୋକ ରଞ୍ଜନ ଓ ଟାଇଟନ କମ୍ପାନୀ ଲିମିଟେଡ୍‌ର ମହାପ୍ରବନ୍ଧକ,ମାର୍କେଟିଂ(ତନିସ୍କ) ମିସ୍ ରଞ୍ଜନୀ କ୍ରିଷ୍ଣାସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷର ରଥ ଉତ୍ସବର ଖୁସିକୁ ଅଧିକ ବଢ଼ାଇବା ପାଇଁ ତନିସ୍କ ପକ୍ଷରୁ ରଥଯାତ୍ରା ସ୍ୱତନ୍ତ୍ର ଅଫର ମଧ ଘୋଷଣା କରାଯାଇଛି। ଏପରିକି ହୀରା ଗହଣା ମୂଲ୍ୟ ଓ ସୁନାଗହଣାର ଗଢ଼ା ମୂଲ୍ୟ ଉପରେ ତନିସ୍କ ପକ୍ଷରୁ ୨୦% ପର୍ଯ୍ୟନ୍ତ ରିହାତିପ୍ରଦାନ କରୁଛି। ଏହି ଅ ଫର ସାରା ଓଡ଼ିଶାରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ବୈଧ ରହିଛି। ଅଫର କେବଳ ସୀମିତ ସମୟ ପାଇଁ ବୈଧ ରହିଛି।

## ୪୮ ପଇସା ଖସିଲା ଭାରତୀୟ ମୁଦ୍ରା

**ନୂଆଦିଲ୍ଲୀ,୨୮।୬:** ଡଲାର ତୁଳନାରେ ଭାରତୀୟ ମୁଦ୍ରା ମଙ୍ଗଳବାର ନୂଆ ହ୍ରାସ ରେକର୍ଡ ସ୍ତରରେ ପହଞ୍ଚିଛି। ଇଣ୍ଟରବ୍ୟାଙ୍କ୍ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଆମେରିକୀୟ ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରା ୪୮ ପଇସା ହ୍ରାସ ପାଇ ୭୮.୮୫ (ଅସ୍ଥାୟୀ) ଡଲାର ପିଛା ନୂଆ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ କାରଣରୁ ଭାରତୀୟ ପୁଞ୍ଜି ବଜାରରେ ୱିଥ୍ ଡ୍ର ଏବଂ ଅଶୋଧିତ ତୈଳ ଦରରେ ବୃଦ୍ଧି ଦେଖାଦେଇଛି। ଇଣ୍ଟରବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଡଲାର ତୁଳନାରେ ମୁଦ୍ରା ଡଲାର ପିଛା ୭୮.୫୩ର କମ୍‌ଜୋର ସ୍ତରରେ ଖୋଲିଥିଲା ଏବଂ କାରବାର ଶେଷ ସୁଦ୍ଧା ଆମେରିକୀୟ ମୁଦ୍ରା ତୁଳନାରେ ଏହା ୪୮ ପଇସା ହ୍ରାସ ପାଇଥିଲା। ଘରୋଇ ପୁଞ୍ଜିବଜାରରେ ସ୍ଥିତି ଏବଂ ଅଶୋଧିତ ତୈଳ ଦରରେ ବୃଦ୍ଧି କାରଣରୁ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

## ବଜାର ସୁଯୋଗ ହାସଲ କରିବାକୁ ଉଦ୍ୟମ କର

**ଭୁବନେଶ୍ୱର,୨୮।୬**

ଅଲ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ (ଏଓଆର୍‌ଏମ୍‌ଏ) ପକ୍ଷରୁ ଏକ ୨ଦିନିଆ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାପକ ପ୍ରସଙ୍ଗ ଉପରେ ମଧ ଆଲୋଚନା କରାଯାଇଛି। ଏପରିକି ଅତିଥିମାନେ ମଧ ‘ଆଧୁନିକୀକରଣ, ବୈଷୟିକ ଉନ୍ନତି ଓ ରାଇସ୍ ମିଲ୍ ଶିଳ୍ପ ଦ୍ୱାରା ଚାଉଳ ରପ୍ତାନିର ସୁଯୋଗ’ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ସମ୍ମିଳନୀର ୨ୟ ଦିବସରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ରାଇସ୍ ମିଲ୍‌ଗୁଡ଼ିକୁ ପାରମ୍ପରିକ ପାରିବାରିକ ବ୍ୟବସାୟରୁ ଆଗକୁ ବଢ଼ିବ, ବଜାରରେ ହେଉଥିବା ପରିବର୍ତ୍ତନ ସହ ନିଜକୁ ଖାପଖୁଆଇବା ଲାଗି ଉଦ୍ୟମ କରିବାକୁ ପଡ଼ିବ। ସେମାନଙ୍କୁ ବଜାରରେ ରହିଥିବା ସୁଯୋଗର ସନ୍ଧାନ କରିବାକୁ ହେବ ବୋଲି କହିଥିଲେ। ସେହିଭଳି ଏଓଆର୍‌ଏମ୍‌ଏର ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ କହିଥିଲେ, ଚାଉଳର ମୂଲ୍ୟ ଯୋଗ ଓ ଆମ ରାଜ୍ୟର ଚାଉଳ ରପ୍ତାନିର ସମ୍ଭାବନା ବିଷୟରେ ରାଇସ୍ ମିଲ୍‌ଗୁଡ଼ିକୁ ଆମେ ଅବଗତ କରିବାକୁ ଚାହୁଁଛୁ। ଓଡ଼ିଶା ହେଉଛି ଏକ ପ୍ରମୁଖ ଚାଉଳ ଉତ୍ପାଦନକାରୀ ରାଜ୍ୟ ଓ ଧାନ ଆମର ପ୍ରମୁଖ ଫସଲ। ଅଧିକାଂଶ ଚାଷଜମିରେ ଧାନ ଚାଷ ହେଉଥିବା ବେଳେ ଭାତ ଆମର ପ୍ରମୁଖ ଖାଦ୍ୟ। ଏହା ରାଜ୍ୟର ୫୦% ଜନସଂଖ୍ୟାକୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି ଓ ରାଜ୍ୟର କୃଷି ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଏହି ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେଉଛନ୍ତି ରାଇସ୍ ମିଲ୍। ଏହି ଶିଳ୍ପର ଉନ୍ନତି କରିବାରେ ସେମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଏଓଆର୍‌ଏମ୍‌ଏ ହେଉଛି ଓଡ଼ିଶାର ରାଇସ୍ ମିଲ୍‌ଗୁଡ଼ିକ ଦ୍ୱାରା ଗଠନ କରାଯାଇଥିବା ଏକ ସଂଘ, ଯାହା ଓଡ଼ିଶା ସରକାରଙ୍କ ବୋର୍ଡ ଅଫ୍ ରେଭିନ୍ୟୁର ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନରେ ସୋସାଇଟି ଆଇନ ଅଧୀନରେ ପଞ୍ଜୀକୃତ ହୋଇଛି।

# ଟଏଲେଟ୍‌ରେ ପୁତ୍ର ସନ୍ତାନ ଜନ୍ମ ଦେଲେ ଛାତ୍ରୀ



**ଇଂଲଣ୍ଡ:** ୟୁକେର ଜଣେ ୟୁନିଭର୍ସିଟି ଛାତ୍ରୀ ଟଏଲେଟ୍ ଯାଇଥିବାବେଳେ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ନାଇଟ୍ ଆଉଟ୍ ପାଇଁ ବାହାରିଥିବା ଜେସ୍ ଡାଭିସ୍‌ଙ୍କ ପେଟରେ ହଠାତ୍ ଯନ୍ତ୍ରଣା ହୋଇଥିଲା। ମାସିକ ଋତୁସ୍ରାବ ଆଶଙ୍କା କରି ଜେସ୍ ବାଥ୍‌ରୁମ ଯାଇଥିବାବେଳେ ସେଠାରେ ସେ ଏକ ସନ୍ତାନ ପ୍ରସବ କରିଥିଲେ। ପୂର୍ବରୁ ଗର୍ଭବତୀ ଥିବା କଥା ସେ ଜାଣି ନ ଥିଲେ। ଜେସ୍ ବ୍ରିଷ୍ଟୋଲ କଲେଜରେ ହିଷ୍ଟ୍ରି ଓ ପଲିଟିକାଲ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ। ଗର୍ଭଧାରଣ କରିବା ନେଇ ଜେସ୍‌ଙ୍କଠାରେ ପୂର୍ବରୁ କୌଣସି ଲକ୍ଷଣ ପରିଲକ୍ଷିତ ହୋଇ ନ ଥିଲା। ଏଥିସହ ତାଙ୍କ ପେଟର ଆକାର ମଧ ସ୍ୱାଭାବିକ ଥିଲା। ଜେସ୍‌ଙ୍କ ମାସିକ ଋତୁସ୍ରାବ ଠିକ୍ ସମୟରେ ହେଉ ନ ଥିବାବେଳେ ଏହାକୁ ସେ ଗୁରୁତ୍ୱ ଦେଇ ନ ଥିଲେ।

ମାତ୍ର ୨୦ ବର୍ଷ ବୟସରେ ଜେସ୍ ମାତୃତ୍ୱ ଲାଭ କରିଥିବାବେଳେ ତାଙ୍କ ପୁତ୍ର ସନ୍ତାନ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଥିବା କୁହାଯାଇଛି। ଜେସ୍ ତାଙ୍କ ଜନ୍ମଦିନ ପାଇଁ ଘରେ ଏକ ପାର୍ଟିର ଆୟୋଜନ କରିଥିଲେ। ସେ ନେଇ ସବୁ ପ୍ରସ୍ତୁତି ସାରିବା ପରେ ସେ ଗାଧୋଇବାକୁ ଯାଇଥିଲେ। ଫ୍ରେସ୍ ହୋଇ ଫେରିବା ପରେ ତାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥିବା ଜେସ୍ କହିଛନ୍ତି। ସେ ସମୟରେ ଜେସଙ୍କ ଘରେ କେହି ନ ଥିଲେ। ସାହାଯ୍ୟ ପାଇଁ ଜେସ୍ ତାଙ୍କ ସାଙ୍ଗକୁ ଫୋନ୍ କରି ଡାକିଥିଲେ। ସାଙ୍ଗ ସହାୟତାରେ ଆମ୍ବୁଲାନ୍ସରେ ଜେସ୍ ବ୍ରିସ୍ଟସ୍ ଆସି ହସ୍ପିଟାଲ ଯାଇଥିଲେ। ଶିଶୁଟି ୩୫ ସପ୍ତାହରେ ଜନ୍ମ ହୋଇଥିବାବେଳେ ମା’ ଓ ପିଲା ଦୁହେଁ ସୁସ୍ଥ ଥିବା ଡାକ୍ତର କହିଥିଲେ।

# ଦେଶ ବିକାଶରେ ପରିସଂଖ୍ୟାନ ଗୁରୁତ୍ୱପୂର୍ଣ୍ଣ

### ଜାତୀୟ ପରିସଂଖ୍ୟାନ ଦିବସ

ପରିସଂଖ୍ୟାନ ଅର୍ଥନୈତିକ ଯୋଜନା ଏବଂ ନୀତି ଗଠନ କରିବାରେ ସାହାଯ୍ୟ କରେ। ଏହା ଏକ ଠିକ୍ ଏବଂ ନିର୍ଦ୍ଦିଷ୍ଟ ରୂପରେ ତଥ୍ୟ ଉପସ୍ଥାପନ କରିବାକୁ ସକ୍ଷମ ହୋଇଥାଏ। ପରିସଂଖ୍ୟାନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ମଧ ଗଣିତର ଏକ ଅତ୍ୟାବଶ୍ୟକ ଅଂଶ ବିଶେଷ। ସର୍ବୋପରି ଦେଶ ବିକାଶରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାତୀୟ ପରିସଂଖ୍ୟାନ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ମହଲୋନୋବିସ୍‌ଙ୍କର ଅମୂଲ୍ୟ ଅବଦାନକୁ ସ୍ୱୀକୃତି ଦେଇ ଜାତୀୟ ସ୍ତରରେ ପାଳନ କରାଯିବାକୁ ଏକ ବିଶେଷ ଦିନ ଭାବରେ ଜୁନ୍ ୨୯କୁ ମନୋନୀତ କରାଯାଇଛି। ଜାତୀୟ ପରିସଂଖ୍ୟାନ ଦିବସ ଜୁନ୍ ୨୯ରେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କ ଜନ୍ମବାର୍ଷିକୀରେ ପାଳନ କରାଯାଇଥାଏ। ସେ ଭାରତୀୟ ପରିସଂଖ୍ୟାନର ପିତା ଭାବରେ ପରିଚିତ। ୧୮୯୩ ଜୁନ୍ ୨୯ରେ ପଶ୍ଚିମବଙ୍ଗର କଲିକତା (ବର୍ତ୍ତମାନ କୋଲକାତା) ରେ ସେ ଜନ୍ମଗ୍ରହଣ କରିଥିଲେ। ଏହି ଦିବସ ପାଳନ ପାଇଁ ୨୦୦୭ ଜୁନ୍ ୫ରେ ଭାରତ ସରକାରଙ୍କ ପକ୍ଷରୁ ଗେଜେଟ୍ ସୂଚନା ଜାରି ହୋଇଥିଲା। କ୍ଲଷ୍ଟର ବିଶ୍ଳେଷଣ ଏବଂ ବର୍ଗୀକରଣ କ୍ଷେତ୍ରରେ ତାଙ୍କର ଫର୍ମୁଲା ବହୁଳ ଭାବରେ ବ୍ୟବହୃତ ହୋଇଥାଏ।

### ଫୁରସତ୍

## ଷ୍ଟାରକିଡ୍‌ଙ୍କୁ ମିଳେ ଅଧିକ ସୁଯୋଗ



ଈଶା ଗୁପ୍ତା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଈଶା ଗୁପ୍ତା ଷ୍ଟାରକିଡ୍ ହୋଇଥିଲେ ତାଙ୍କୁ ଫିଲ୍ମରେ ସୁଯୋଗ ମିଳିଥାନ୍ତା ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ବଲିଉଡ୍‌ରେ ଈଶାଙ୍କ କ୍ୟାରିୟରକୁ ୧୦ ବର୍ଷ ବିତିଯାଇଛି। କିନ୍ତୁ ତାଙ୍କୁ ଆଶାନୁରୂପ ସଫଳତା ମିଳିପାରି ନାହିଁ। ନିଜ ବଲିଉଡ୍ ଯାତ୍ରାକୁ ନେଇ ସେ କହିଛନ୍ତି ଯେ, ଯଦି ମୁଁ ଜଣେ ଷ୍ଟାର୍‌କିଡ୍ ହୋଇ ଥାନ୍ତି ତେବେ କ୍ୟାରିୟର୍‌କୁ ନେଇ ମୋତେ ବେଶି ଚିନ୍ତା କରିବାକୁ ପଡ଼ି ନ ଥାନ୍ତା। କାରଣ ଷ୍ଟାରକିଡ୍‌ଙ୍କୁ ଇଣ୍ଡଷ୍ଟ୍ରିରେ ଅଧିକ ସୁଯୋଗ ମିଳୁଛି। ଫିଲ୍ମ ଫ୍ଲପ୍ ହେଲେ ସେମାନଙ୍କୁ ଫିଲ୍ମର ଅଫର୍ ମିଳିବା ବନ୍ଦ ହୋଇ ନ ଥାଏ। ଅନ୍ୟପଟେ ସେମାନଙ୍କୁ ଗାଇଡ୍ କରିବା ପାଇଁ ଅନେକ ଲୋକ ରହିଥାନ୍ତି। ନିଜ ତ୍ରୁଟି ଓ ଦୁର୍ବଳତାକୁ ସେମାନେ ଅନେକଙ୍କ ପାଖରେ ପ୍ରକାଶ କରିଥିବାବେଳେ କ୍ୟାରିୟର୍ ଗଢ଼ିବାରେ ସେମାନଙ୍କୁ ବହୁପ୍ରଭାବଶାଳୀ ଲୋକଙ୍କ ସହଯୋଗ ମିଳିଥାଏ।

କିନ୍ତୁ ମୋ ଭଳି ଜଣେ ଆଉଟ୍ ସାଇଡର୍‌କୁ ଏ ସବୁ ସୁବିଧା ମିଳିବା ଅସମ୍ଭବ ପ୍ରାୟ। ଇଣ୍ଡଷ୍ଟ୍ରିରେ ବହୁ ନକଲି ଲୋକ ରହିଥାନ୍ତି ଯେଉଁମାନେ ସହଯୋଗ ଆଳରେ ନିଜ ଫାଇଦା ନେବାକୁ ଚାହାନ୍ତି ବୋଲି ଈଶା ଗୁପ୍ତା କହିଛନ୍ତି। ୨୦୧୨ରେ ଜନ୍ନତ ଫିଲ୍ମ ଜରିଆରେ ଈଶା ବଲିଉଡ୍‌ରେ ପ୍ରବେଶ କରିଥିଲେ। ଏହାପରେ ସେ ହମ୍‌ସକଲ୍ସ, ରାଜ୍ ୩ଡି, ରୁସ୍ତମ ଏବଂ ବାଦ୍‌ଶାହୋ ଫିଲ୍ମରେ ଅଭିନୟ କରିଛନ୍ତି। ବର୍ତ୍ତମାନ ଏହି ବଲିଉଡ୍ ନାୟିକା ଜଣକ ଏମ୍‌ଏକ୍ସ ପ୍ଲେୟରର ପପୁଲାର ୱେବ ସିରିଜ ‘ଆଶ୍ରମ’ସିଜନ୍ ୩ରେ କାମ କରୁଛନ୍ତି। ଏଥିସହ ଆଗାମୀ ଦିନରେ ଈଶା ହିଟ୍ ଫିଲ୍ମ ‘ହେରାଫେରି ୩’ରେ ନଜରକୁ ଆସିବେ। ଏଥିରେ ଅକ୍ଷୟ କୁମାର, ପରେଶ ରାୱଲ, ସୁନୀଲ ସେଟ୍ଟୀ ପ୍ରମୁଖ କଳାକାର ମଧ ଦେଖାଯିବେ।

## ୨୩ ହଜାର ଫୁଟ ତଳେ ଜାହାଜ ଭଗ୍ନାବଶେଷ



ୱାଶିଂଟନ: ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ନୌସେନା ଜାହାଜ ‘ସମୀ ବି’ର ଭଗ୍ନାବଶେଷ ଫିଲିପାଇନ୍ସ ସମୁଦ୍ର ତଳୁ ମିଳିଛି। ପାଖାପାଖି ୭ ହଜାର ମିଟର ଅର୍ଥାତ୍ ୨୩ ହଜାର ଫୁଟ ସମୁଦ୍ର ଗଭୀର ଜଳରାଶି ତଳେ ଏହାର ସନ୍ଧାନ ମିଳିଛି। ବର୍ତ୍ତମାନ ସୁଦ୍ଧା ଏତେ ଗଭୀର ଜଳରାଶି ମଧ୍ୟରୁ କୌଣସି ଜାହାଜ ମିଳି ନ ଥିବା ଆମେରିକାର ଏକ୍ସପ୍ଲୋରେଶନ୍ ଟିମ୍ କହିଛି। ତେବେ ଏହି ଭଗ୍ନାବଶେଷକୁ ସମୁଦ୍ର ତଳୁ ଆଣିବାରେ ୟୁଏସ୍‌ଏସ୍ ସାମୁଏଲ ବି ରୋବୋର ବ୍ୟବହାର କରାଯାଇଥିଲା। ଫିଲିପାଇନ୍ସକୁ ଜାପାନଠାରୁ ସ୍ୱାଧୀନ କରିବା ନେଇ ହୋଇଥିବା ୧୯୪୪ରେ ହୋଇଥିବା ଯୁଦ୍ଧ ସମୟରେ ଏହି ଜାହାଜଟି ସମୁଦ୍ରରେ ବୁଡ଼ି ଯାଇଥିଲା। ରୋବୋର ଦ୍ୱାରା ମିଳିଥିବା ଜାହାଜ ଭଗ୍ନାବଶେଷ ସନ୍ଧାନର ସମସ୍ତ ପ୍ରକ୍ରିୟାକୁ ସବ୍‌ମେରାଇନ୍ ଡାଇଭର୍ ଏକ ଟିମ୍ ଭିଡିଓରେ କଏଦ କରିଛନ୍ତି।

ଯୁଦ୍ଧବେଳେ ବୁଡ଼ିଯାଇଥିବା ‘ସମୀ ବି’ ଜାହାଜରେ ଥିବା କ୍ରିଉ ଉଦ୍ଧାର ଅପେକ୍ଷାରେ ୩ ଦିନ କାଳ ପାଣିରେ ପହଁରି ରହିଥିବା ଦେଖିବାକୁ ମିଳିଥିଲା। ଜାହାଜରେ ୨୨୪ ଜଣ କ୍ରିଉ ମେମ୍ବର ଥିବାବେଳେ ସାର୍କ ଆକ୍ରମଣରେ ୮୯ଜଣଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### କେ.ସଞ୍ଜୀବ୍ ହେଲେ ବି.ତୁରୁବୁଡି ପାକ୍ସର ସଭାପତି

ଦିଗପହଣ୍ଡି,୨୮।୬(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ରଘୁନାଥ ମହାପ୍ରଭୁ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ର ସଭାପତି ଭାବେ କେ.ସଞ୍ଜିବ କୁମାର ରେଡ୍ଡୀ ନିଃଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ସଭାପତି ନିର୍ବାଚନ ପାଇଁ ସକାଳ ନାମାଙ୍କନ ପତ୍ର ଦାଖଲର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଏହି ସମୟସୀମାମରେ ସଭାପତି ପଦ ପାଇଁ କେ.ସଞ୍ଜିବ୍ କୁମାର ରେଡ୍ଡୀଙ୍କ ବ୍ୟତିତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିଲେ। ଫଳରେ ନିର୍ବାଚନ ଅଧିକାରୀ ପ୍ରହଲ୍ଲାଦ ସାହୁ ରେଡ୍ଡୀଙ୍କୁ ସଭାପତି ଭାବେ ଘୋଷଣା କରିଥିଲେ। ଏଥିପୂର୍ବରୁ ଏହି ସମିତି ଅଧିନ ଓ ୧୩ ଜୋନ୍‌ରୁ ନିର୍ଦ୍ଦେଶକ ଭାବେ କେ.ସଞ୍ଜିବ୍ କୁମାର ରେଡ୍ଡୀ, କଣ୍ଡପ କୃଷ୍ଣମୁର୍ତ୍ତୀ, କାରୀ ବୁଧିଆ, ଏସ୍.ମୁରଳୀ, ଏସ୍.ପ୍ରତିମା ପାତ୍ର, କେ.ତ୍ରିନାଥ ରେଡ୍ଡୀ, କେ.ମମତା ରେଡ୍ଡୀ, ଜି.ବୃନ୍ଦାବନ, ଇ.ବିପ୍ରଦୋରା, ପି.ଶ୍ରୀହରୀ ରେଡ୍ଡୀ, ଏସ୍.ସୀମାଞ୍ଚଳ ଦୋରା, ଟି.ଗୋବିନ୍ଦ ଦୋରା, ଦିବାନ ସେଠୀ ପ୍ରମୁଖ ନିଃଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶେଷରେ ସମବାୟ ସମିତିର ସମ୍ପାଦକ ବିନୋଦ କୁମାର ପଣ୍ଡା ସମସ୍ତ ନିର୍ଦ୍ଦେଶକ ଓ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦିଗପହଣ୍ଡିରେ ଘନଘନ ବିଦ୍ୟୁତ୍ କାଟ

## ଉପଭୋକ୍ତା ଅସନ୍ତୁଷ୍ଟ, ଆନ୍ଦୋଳନ ଚେତାବନୀ

ଦିଗପହଣ୍ଡି,୨୮।୬(ଡି.ଏନ.ଏ.)

ଦିଗପହଣ୍ଡି ସହର ସମେତ ଗ୍ରାମାଞ୍ଚଳଗୁଡ଼ିକରେ ଲଗାତର ବିଦ୍ୟୁତ ବିଭ୍ରାଟ ଯୋଗୁ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରତିଦିନ ସକାଳୁ ରାତି ମଧ୍ୟରେ ନିୟମିତ ବିଦ୍ୟୁତ୍ କାଟ ହେଉଥିବା ବେଳେ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବା ପାଇଁ ବିଦ୍ୟୁତ ପରିବଣ୍ଟନ ସଂସ୍ଥା ଟାଟା ପାୱାର ବିଦ୍ୟୁତ ସେବା କ୍ଷେତ୍ରରେ ସଂସ୍କାର ଆଣିଥିବା ନେଇ କର୍ତ୍ତୃପକ୍ଷ ପ୍ରଚାର ପ୍ରସାର କରୁଥିବା ବେଳେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ମରାମତି ରକ୍ଷଣାବେକ୍ଷଣ ଆଳରେ ଅଧିକାଂଶ ସମୟ ଅଘୋଷିତ ବିଦ୍ୟୁତ କାଟ୍ ଚାଲିଛି। ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରିଲେ ବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ କାମ ଚାଲିଛି ବୋଲି ଉତ୍ତର ମିଳୁଛି। କେବଳ ବିଦ୍ୟୁତ୍ କାଟ ନୁହେଁ ଲୋ-ଭୋଲଟେଜ, ତ୍ରୁଟିପୂର୍ଣ୍ଣ ମିଟର ଏବଂ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ ବିଲ୍ ବ୍ୟବସ୍ଥା ସମେତ ବହୁ ଅବ୍ୟବସ୍ଥା ଲାଗି ରହିଥିବା ନେଇ ଅଭିଯୋଗ ହେଉଛି। ବିଭାଗର ଏପରି କାର୍ଯ୍ୟଧାରାରେ ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେବାକୁ ଯାଉଛି। ବିଦ୍ୟୁତ୍ ବିଲ୍ ଆଦାୟ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯାଇଛି। ପ୍ରତି ମାସ ଶେଷରେ ବିଦ୍ୟୁତ ଉପଭୋକ୍ତା ନିଜର ବିଦ୍ୟୁତ ବିଲ୍ ବାବଦକୁ ବକେୟା ଦେୟ ଦେଇ ଚାଲିଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟୁତ କାଟ୍ କରାଯାଉଛି। ଏହି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ବିଦ୍ୟୁତ କାଟର ପ୍ରଭାବ ସିଧାସଳଖ ଡାକ୍ତରଖାନା, ତହସିଲ, ବ୍ଲକ ଅଫିସ ଭଳି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରଭୃତି ଘରୋଇ ବ୍ୟବସାୟ ଅନୁଷ୍ଠାନଗୁଡ଼ିକ ଉପରେ ପଡୁଛି। ଏପରିକି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ଶଯ୍ୟାଶାୟୀ ରୋଗୀ, ଜନ୍ମିତ ପିଲା, ବୟସ୍କ ଲୋକ ଘୋର ଅସୁବିଧାରେ ପଡୁଛନ୍ତି। ବିଦ୍ୟୁତ ଉପଭୋକ୍ତା ଠିକ୍ ସମୟରେ ବିଦ୍ୟୁତ ଦେୟ ଦେଉଥିବା ବେଳେ ନିରନ୍ତର ବିଦ୍ୟୁତ ସେବା ପାଇବାରୁ କାହିଁକି ବଞ୍ଚିତ ହେବ ସେ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ କଂଗ୍ରେସ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଏବଂ ଗଞ୍ଜାମ ଜିଲା କଂଗ୍ରେସ କମିଟି ସମ୍ପାଦକ କେ. କୁନା ଚେତାବନୀ ଦେଇଛନ୍ତି। ସେହିପରି ଆମ୍ ଆଦମୀ ପାର୍ଟିର ସ୍ଥାନୀୟ କାର୍ଯ୍ୟକର୍ତ୍ତା ଦିଗପହଣ୍ଡି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟରେ ଦୀର୍ଘ ୨୫ ବର୍ଷ ଧରି ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଚାଲିଥିବା ବେଳେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅଦ୍ୟାବଧି ସେଥିରୁ କୌଣସି ସୁଫଳ ମିଳିଲା ନାହିଁ। ବିଦ୍ୟୁତ ଟିକସ ବାବଦରେ ଶିଳ୍ପପତିମାନଙ୍କୁ ହଜାର ହଜାର କୋଟି ଟଙ୍କା ଛାଡ କରାଯାଇଥିବା ବେଳେ ସରକାର ସବ୍‌ସିଡି ବାବଦରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରନ୍ତି ନାହିଁ। ବିଦ୍ୟୁତ ଉତ୍ପାଦନ ନ କରି ମଧ୍ୟ ବାହାର ରାଜ୍ୟରୁ ବିଦ୍ୟୁତ କିଣି ଦିଲ୍ଲୀ ସରକାର ନିଜ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ପୂରା ଛାଡ ଏବଂ ୪୦୦ ୟୁନିଟ ପର୍ଯ୍ୟନ୍ତ ଅଧା ଟିକସ ଛାଡ଼ କରୁଛନ୍ତି। ତେଣୁ ରାଜ୍ୟ ସରକାର ଦିଲ୍ଲୀ ଭଳି ପ୍ରତ୍ୟେକ ବିଦ୍ୟୁତ ଉପଭୋକ୍ତାଙ୍କୁ ୨୦୦ ୟୁନିଟ ଯାଏ ବିଦ୍ୟୁତ ବିଲ୍ ଛାଡ କରିବାକୁ ସେ ଦାବି କରିଛନ୍ତି। ବାରମ୍ବାର ବିଦ୍ୟୁତ ବିଭ୍ରାଟ ସମ୍ପର୍କରେ ଦିଗପହଣ୍ଡି ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଇଂ.ହରିହର ଦତ୍ତଙ୍କୁ ପଚାରିବାରୁ ବର୍ଷା ଦିନ ଯୋଗୁ ବିଭିନ୍ନ ଫଲ୍ଟ ରହୁଛି। କେଉଁଠି ଗଛ ଡାଳ ବିଦ୍ୟୁତ ପୋଲ ଉପରେ ପଡ଼ିଯାଉଛି। କେଉଁଠି ଟ୍ରାନ୍ସଫରମର ପୋଡ଼ିଯିବା କାରଣରୁ ବିଦ୍ୟୁତ ବିଚ୍ଛିନ୍ନ କରାଯିବା ପରେ କାମ କରାଯାଉଛି। କ୍ଷେତ୍ର କର୍ମଚାରୀମାନେ ସେ ସବୁ ସଜାଡ଼ିବା ବେଳେ ବିଦ୍ୟୁତ ବିଚ୍ଛିନ୍ନ କରିବାକୁ ପଡୁଛି ବୋଲି କହିଛନ୍ତି। ସେହିପରି ଦିଗପହଣ୍ଡି ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟର ଯନ୍ତ୍ରୀ ଇଂ.ଦେବ ପ୍ରସାଦ ପାଇକରାୟଙ୍କୁ ପଚାରିବାରୁ ସହରର ଚନ୍ଦ୍ରଚୂଡ଼ ଶୈବପୀଠ ନିକଟରେ ବିଦ୍ୟୁତ ଇନ୍ସୁଲେଟର ଫାଟି ଯାଇଥିଲା। ଦୀର୍ଘଦିନ ହେଲା ଆମେ ଫଲ୍ଟ ଧରି ପାରୁନଥିଲୁ। ତେଣୁ ବାରମ୍ବାର ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଉଥିଲା। ପରେ ରାଜପୁର ନିକଟରେ ଥିବା ଟ୍ରାନ୍ସଫରମର ପୋଡ଼ିଯିବା କାରଣରୁ ବିଦ୍ୟୁତ ବିଚ୍ଛିନ୍ନ କରିବାକୁ ପଡୁଥିଲା। ଏବେ ସେ ସବୁ ସଜଡ଼ା ଯାଇଛି। ରାସ୍ତା କଡର ଗଛ ଡାଳଗୁଡ଼ିକ ବଢିଯିବା କାରଣରୁ ବେଳେ ବେଳେ ସେସବୁ ଡାଳ ବିଦ୍ୟୁତ ତାର ଉପରେ ପଡ଼ି ଶର୍ଟ ସର୍କିଟ ଯୋଗୁ ବିଦ୍ୟୁତ ବିଚ୍ଛିନ୍ନ ହୋଇପଡୁଛି। ଶୀଘ୍ର ସେସବୁ ସମସ୍ୟାର ସମାଧାନ କରାଯିବ ବୋଲି ସେ ଜଣାଇଛନ୍ତି।

# ସଂଘବଦ୍ଧ ଆକ୍ରମଣ ମାମଲା, ୨ କୋର୍ଟ ଚାଲାଣ

ଗୋପାଳପୁର,୨୮।୬(ଡି.ଏନ.ଏ.)

ଏକ ଘରୋଇ କମ୍ପାନୀର ସହକାରୀ ସୁପରଭାଇଜରଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ମଙ୍ଗଳବାର ଗୋପାଳପୁର ଥାନା ପୋଲିସ ୨ ଶ୍ରମିକଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ରଘୁନାଥପୁର ଗ୍ରାମର ଏନ୍.ଗଣେଶ ରେଡ୍ଡୀ ଓ ଜଗନ୍ନାଥପୁର ଗ୍ରାମର ଧନଞ୍ଜୟ ସେଠୀ। ମାଣ୍ଡିଆପଲ୍ଲୀ ନିକଟରେ ଟାଟା ଏପିପିଏଲ ପ୍ୟାକିଙ୍ଗ ୟୁନିଟର ଆଶିଷ କୁମାର ଝା ସହକାରୀ ସୁପରଭାଇଜର ଭାବେ କାମ କରନ୍ତି। ଆଶିଷଙ୍କ ସହିତ କିଛି ଶ୍ରମିକଙ୍କ କାମକୁ ନେଇ ମତାନ୍ତର ରହିଥିଲା। ସୋମବାର ରାତିରେ ଆଶିଷ ଘରକୁ ଯାଉଥିବା ବେଳେ ଗଣେଶ ଓ ଧନଞ୍ଜୟ ମିଶି ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଆଶିଷଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୧୨୧/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ଅଭିଯୁକ୍ତଦ୍ୱୟ ଗାଁରେ ବୁଲୁଥିବା ବେଳେ ପୋଲିସ କାବୁ କରିଥିବା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି।

# ଆଶାକର୍ମୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଆଶାକର୍ମୀ।

ବ୍ରହ୍ମପୁର ଅଫିସ,୨୮।୬

ମହିଳାମାନଙ୍କ ପ୍ରତି ହିଂସାକୁ କିପରି ପ୍ରତିରୋଧ କରାଯାଇପାରିବ ସେ ନେଇ ଆଶା କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଆଗାସାହି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଦିନ ଧରି ଚାଲିଥିବା ଏହି ଶିବର ମଙ୍ଗଳବାର ଉଦଯାପିତ ହୋଇଛି। ଗଞ୍ଜାମ ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲା ଆଶା ପରିଚାଳକ ଆଶିଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଲିମଦାତା ରୂପେ ଡା.ସୁଶାନ୍ତ କୁମାର ସାସମଲ, ହରିହର ପାଢ଼ୀ ଉପସ୍ଥିତ ରହି ବ୍ରହ୍ମପୁର ମହାନଗର ନିଗମରେ କାର୍ଯ୍ୟରତ ୨୭ଜଣ ଆଶାକର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମହିଳାମାନଙ୍କୁ ଗର୍ଭ ଅବସ୍ଥା, ଶିଶୁ ଜନ୍ମ ଦେବା ଅବସ୍ଥା, କିଶୋର ଅବସ୍ଥା, ଯୁବା ଅବସ୍ଥା, ବୃଦ୍ଧା ଅବସ୍ଥାରେ ହେଉଥିବା ହିଂସାକୁ ଗୋଷ୍ଠୀ ସ୍ତରରେ ଆଶା କର୍ମୀମାନେ କିଭଳି ଭାବେ ରୋକିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ମହିଳାଙ୍କମାନଙ୍କ ପାଇଁ ରହିଥିବା ଆଇନର ଦିଗ, ଦଣ୍ଡବିଧାନ ଉପରେ ଅବଗତ କରାଯାଇଥିଲା। ଘରୋଇ ହିଂସାରେ ପୀଡିତାଙ୍କ ପାଇଁ ରହିଥିବା ବିଭିନ୍ନ ସୁରକ୍ଷା, ଆଇନ ସହାୟତା, ପରାମର୍ଶ ପ୍ରଦାନ, ଆଶ୍ରୟ ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳକ ଉମେଶ ପଣ୍ଡା, ହିସାବ ରକ୍ଷକ ଦେବାଶିଷ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସୁରଟରେ ହତ୍ୟା, ପୋଲସରାରୁ ଗିରଫ

ପୋଲସରା,୨୮।୬(ଡି.ଏନ.ଏ.)

ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡ଼ା ଗ୍ରାମର ଜଣେ ଯୁବକଙ୍କୁ ଗୁଜୁରାଟ ଥାନା ପୋଲିସ ପୋଲସରା ଥାନାରେ ପହଞ୍ଚି ଗିରଫ କରିଛି। ଏକ ନାଟକୀୟ ଢଙ୍ଗରେ ପୋଲସରା ଥାନାରେ ସମ୍ପୃକ୍ତ ଯୁବକ ଅଟକ ରହିବା ପରେ ସୁରଥରେ ଘଟିଥିବା ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଜଣା ପଡିଥିଲା। ସମ୍ପୃକ୍ତ ଯୁବକ ଜଣକ ପାଣ୍ଡିରିପଡ଼ା ଗ୍ରାମର ରମେଶ ସେଠୀଙ୍କ ପୁଅ ସୁମନ୍ତ ସେଠୀ (୨୬)। ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ସୂଚନା ପ୍ରକାରେ ଗତ ଦୁଇଦିନ ପୂର୍ବରୁ ସୁମନ୍ତ ସେଠୀ ନିଜ ଘରେ ବୈଦ୍ୟୁତିକ ଆସବାବ ପତ୍ରକୁ ପୋଡ଼ିଦେଇଥିଲା। ଅଧିକ କିଛି ଅଘଟଣ ଘଟିବା ପୂର୍ବରୁ ପରିବାର ଲୋକେ ପାଣ୍ଡିରିପଡ଼ା ସ୍ଥିତ ପୋଲିସ ସହାୟତା କେନ୍ଦ୍ରକୁ ଖବର ଦେଇଥିଲେ। ପୋଲସରା ଥାନା ପୋଲିସ ପହଞ୍ଚି ସୁମନ୍ତକୁ ନେଇ ଥାନାରେ ଅଟକ ରଖିଥିଲା। ପୋଲିସ ଜେରା ବେଳେ ଗୁଜରାଟର ସୁରଟ ଗ୍ରାମୀଣ କୁସୁମ୍ବା ପୋଲିସ ଥାନା ଅଞ୍ଚଳରେ ଗତବର୍ଷ ଘଟିଥିବା ଏକ ହତ୍ୟାକାଣ୍ଡର ଭିଡିଓରେ ସୁମନ୍ତ ଥିବା ଜଣାପଡିଥିଲା। ଏନେଇ ହତ୍ୟା ଘଟଣା ସମ୍ପର୍କରେ ପୋଲିସ ପଚାରିବାରୁ ସେ ସଂପୃକ୍ତ ଥିବା ସ୍ୱୀକାର କରିଥିଲା। ଗଞ୍ଜାମ ଏସପି ଏହି ଘଟଣାକୁ ନେଇ ସୁରଥ ପୋଲିସକୁ ସୂଚନା ଦେଇଥିଲେ। ଏହା ପରେ ସୁରଥ ଗ୍ରାମୀଣ କୁସୁମ୍ବା ପୋଲିସ ଥାନା ଅଞ୍ଚଳରେ ୧୫.୯.୨୧ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏ ନେଇ କୁସୁମ୍ବା ଥାନାରେ ନଂ. ୧୧୦୨/୨୧ରେ ଏକ କେଶ୍ ରୁଜୁ ହୋଇଥିଲା। ଗଞ୍ଜାମ ପୋଲିସର ସୂଚନା କ୍ରମେ, କୁସୁମ୍ବା ଥାନା ଏସ୍‌ଆଇ ଏଏଚ୍. ପଟେଲଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ପୋଲସରା ଥାନାରେ ପହଞ୍ଚି ଥିଲେ। ହତ୍ୟା ଘଟଣାର ତଥ୍ୟ ଓ ପ୍ରମାଣ ଆଧାରରେ ସୁମନ୍ତଙ୍କୁ ଗିରଫ କରିଛନ୍ତି। ଉକ୍ତ ହତ୍ୟା ଘଟଣାରେ ସୁମନ୍ତଙ୍କ ନାମ ସୁନିଲ୍ ସେଠୀ ଥିବା ସୂଚନା ମିଳିଛି।

# ପ୍ରାଇଡ୍ ଡେ ସେଲିବ୍ରେଶନ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, କୁଳପତି, ସାତ୍ୱିକ ଫାଉଣ୍ଡେସନ କର୍ମକର୍ତ୍ତା ଓ ଅନ୍ୟମାନେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୨୮।୬:

ସାତ୍ୱିକ ସୋଲ ଫାଉଣ୍ଡେଶନ ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଫିଲୋସଫି ବିଭାଗରେ ମଙ୍ଗଳବାର ୱାର୍ଲ୍ଡ ପ୍ରାଇଡ ଡେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପକ ତଥା ଏନସିସି ଅଧିକାରୀ ପ୍ରଫେସର ଯତୀନ ବିଷୋୟୀ, ସାତ୍ୱିକ ସୋଲ ଫାଉଣ୍ଡେସନର ଜିଲା ସଂଯୋଜକ ଭାରତ ଗୌରବ ଦାସ ମଞ୍ଚାସୀନ ରହିଥିଲେ। ସାତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଯିବା ସହ ଏଲଜିବିଟି କ୍ୟୁ ଅର୍ଥାତ ଲେସବିୟନ, ଗେ, ବାଇସେକ୍ସୁଆଲ, ଟ୍ରାନ୍ସଜେଣ୍ଡରଙ୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ମହାନ୍ତି ଛାତ୍ରୀଛାତ୍ରଙ୍କୁ ଲିଙ୍ଗଗତ ଭେଦଭାବ ଦୂରେଇ ସମାଜରେ ମନୁଷ୍ୟ ଭାବେ ବଞ୍ଚିରହିବା ଓ ସମାଜ ପ୍ରତି ପ୍ରତ୍ୟେକ ମନୁଷ୍ୟ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ସହରର ଜଣାଶୁଣା କିନ୍ନର ଜେ.ରଜିଂତା, ପ୍ରେମା ଦୋରା, ବର୍ଷା ମହାପାତ୍ର ଓ ଲଭଲିମୋନାଙ୍କୁ ସଂଘ ପକ୍ଷରୁ ସମାଜରେ ତୃତୀୟ ଲିଙ୍ଗ ଭାବେ ସ୍ୱଭିମାନର ସହ ବଞ୍ଚି ରହିବା ଓ ନିଜ ପରିଚୟ ସୃଷ୍ଟି କରିବା ଦିଗରେ ଅନ୍ୟମାନଙ୍କ ନିମନ୍ତେ ଉଦାହରଣ ସୃଷ୍ଟି କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାତ୍ୱିକ ସୋଲ ଫାଉଣ୍ଡେସନର ସୁନୀତା ନାୟକ, ସାଇନା ଘୋଷ, ଜସ୍ମିନ ନିଶା ପ୍ରମୁଖ ଉପସ୍ଥି ରହିଥିଲେ।

# ପୂଜକଙ୍କ ଘର ଭାଙ୍ଗିବା ପ୍ରୟାସ, ଜେସିବି ଆଗରେ ବସିଲେ ପରିବାର

## ତହସିଲଦାର ଓ ଆଇନଜୀବୀଙ୍କ ମଧ୍ୟରେ କଥା କଟାକଟି

ଗଞ୍ଜାମ,୨୮।୬(ଡି.ଏନ.ଏ.)

ଗଞ୍ଜାମ ସହର ସ୍ଥିତ ତ୍ରିବେଣୀ ମଠ ଛକ ସ୍ଥିତ ଦୀର୍ଘ ୭୦ ବର୍ଷ ହେଲା ରହି ଆସୁଥିବା ପୂଜକ କନ୍ଧ ଶତପଥୀଙ୍କ ଘର ଭାଙ୍ଗିବା ନିମନ୍ତେ ଜେସିବି ମେଶିନ ପ୍ରସ୍ତୁତ ଥିବା ବେଳେ ତାଙ୍କ ସ୍ତ୍ରୀ, ପୁଅ ବୋହୂ ଜେସିବି ଆଗରେ ବସିଥିଲେ ଏବଂ ଏହାର ଘୋର ବିରୋଧ କରିଥିଲେ। ତହସିଲଦାର ଅରୁଣ କୁମାର ନାୟକଙ୍କ ଉପସ୍ଥିରେ ଜେସିବି ଘର ଭାଙ୍ଗିବା ପାଇଁ ଯାଉଥିବା ବେଳେ ଏ ନେଇ ତହସିଲଦାର ନାୟକ ଓ ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକ ମଧ୍ୟରେ ଜୋରଦାର କଥା କଟାକଟି ହୋଇଥିଲା। ଏପରି ଅନ୍ୟାୟକୁ ନେଇ ପରିବାର ବର୍ଗ ଆତ୍ମାହୁତି ଦେବାକୁ ବାଧ ହେବେ ବୋଲି ଚିତ୍କାର କରି କହୁଥିବା ଲକ୍ଷ୍ୟ କରାଯାଇଥିଲା। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଉକ୍ତ ଘରକୁ ଲାଗିରହିଥିବା ମନ୍ଦିର ପୂଜକଙ୍କ ଆଉ ଏକ ଘରକୁ ନିକଟସ୍ଥ ମନ୍ଦିର କର୍ତ୍ତୃପକ୍ଷ ଭାଙ୍ଗି ଦେଇଥିଲେ। ଉକ୍ତ ଘଟଣାକୁ ନେଇ ମନ୍ଦିର ପୂଜକ ଗଞ୍ଜାମ ଥାନାରେ ଅଭିଯୋଗ କରିବା ସହ ତହସିଲ ପ୍ରଶାସନକୁ ଅବଗତ କରିଥିଲେ। କିନ୍ତୁ ଆଜି ଯାଏ ଉକ୍ତ ଘଟଣାର ନ୍ୟାୟ ମିଳିନଥିବା ବେଳେ ପୁଣି ତାଙ୍କ ଘରକୁ ଭାଙ୍ଗିବା ପାଇଁ ପ୍ରୟାସ କରାଯାଉଥିବା ନେଇ ମନ୍ଦିର ପୂଜକ ପରିବାର ହତୋତ୍ସାହିତ ହେବା ସହ ତହସିଲ ପ୍ରଶାସନର ଟାଳଟୁଳ ନୀତିକୁ ଘୋର ନିନ୍ଦା କରିଛନ୍ତି। ତହସିଲଦାରଙ୍କ ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ଘୋର ବିରୋଧ କରିଛନ୍ତି।


## ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପାତ୍ରପଡ଼ା

ପତ୍ର ସଂଖ୍ୟା –24, ତା.26.06.22

ଏତଦ୍ୱାରା ପାତ୍ରପଡ଼ା ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଗ୍ରାମପଞ୍ଚାୟତ ଅଧୀନରେ ମା'ବାୟାଣୀ ପୀଠଠାରେ ୬ (ଛଅ) ଗୋଟି ଦୋକାନ ଗୃହ ଅଲଗା ଅଲଗା ଭାବେ ଗ୍ରାମପଞ୍ଚାୟତ ତରଫରୁ ଭଡ଼ା ସୂତ୍ରରେ ଦିଆଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ସ୍ୱୟଂସହାୟକ ଗୋଷ୍ଠୀ ନିର୍ଦ୍ଧାରିତ ଆବେଦନ ଫର୍ମ ଯାହାର ମୂଲ୍ୟ ଟ.୫୦.୦୦ (ପଚାଶ ଟଙ୍କା) ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ କ୍ରୟ କରିବା ପାଇଁ ପୂର୍ବ ନୋଟିସ ମୁତାବକ ତାରିଖ ଓ ସମୟ ସ୍ଥିର କରାଯାଇଥିଲା । କିନ୍ତୁ ଦୋକାନଘରଗୁଡିକ ନିଲାମ ନେବା ନିମନ୍ତେ ସ୍ୱଳ୍ପ ସମୟ ଥିବାରୁ ଆବେଦନକାରୀ ଯଥେଷ୍ଟ ଫର୍ମରେ ଆବେଦନ କରି ପାରିନାହାନ୍ତି । ତେଣୁ ପୂର୍ବରୁ ନୋଟିସରେ ଧାର୍ଯ୍ୟ କରାଯାଇଥିବା ତାରିଖ ଓ ସମୟକୁ ପରିବର୍ତ୍ତନ କରି ଯଥା-ପୂର୍ବରୁ ସ୍ଥିର ହୋଇଥିବା ଆବେଦନ ଫର୍ମ କ୍ରୟ ତାରିଖ ତା.27.06.22 ରିଖ ପରିବର୍ତ୍ତେ ତା.04.07.22କୁ ବୃଦ୍ଧି କରାଗଲା । ପୂର୍ବରୁ ଆବେଦନ ହୋଇଥିବା ଆବେଦନ ଫର୍ମଗୁଡିକ ତା.30.06.22 ରିଖ ଦିନ ଗ୍ରାମପଞ୍ଚାୟତରେ ଯାଞ୍ଚ ତାରିଖକୁ ପରିବର୍ତ୍ତନ କରି ତା.06.07.22 ରିଖକୁ ବୃଦ୍ଧି କରାଗଲା । ପୂର୍ବରୁସ୍ଥିର ହୋଇଥିବା ରୁମ୍ ବା ଦୋକାନଘର ଆବଣ୍ଟନ ତାରିଖ ତା 06.07.22 ରିଖ ପୂର୍ବାହ୍ନ ୧୧.୦୦ ଘଟିକାକୁ ପରିବର୍ତ୍ତନ କରି ତା 12.07.22 ରିଖ ମଙ୍ଗଳବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲଟେରି ମାଧ୍ୟମରେ ଦୋକାନ ଗୃହଗୁଡିକ ଆବଣ୍ଟନ କରାଯିବା ପାଇଁ ତାରିଖ ବୃଦ୍ଧି କରାଗଲା ।

ଯେଉଁ ବ୍ୟକ୍ତିବିଶେଷ/ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ ଦୋକାନ ଗୃହ ଆବଣ୍ଟନ କରାଯିବ ସେମାନଙ୍କୁ ୧ ବର୍ଷିଆ ଅନୁଯାୟୀ ଲିଜ୍ ଦିଆଯିବ, ଯାହାକି ପରବର୍ତ୍ତୀ ସମୟରେ ନବୀକରଣ କରାଯିବ ।

ସରପଞ୍ଚ, ପାତ୍ରପଡ଼ା ଗ୍ରାମପଞ୍ଚାୟତ



## Engagement of Design Partner

### Extension of deadline for receipt of EOI

The last date for submission of Bid against expression of interest no. 1661 dtd. 09.06.2022 published in "The Times of India", "The Dharitri" and "The Prameya" on 10.06.2022 for selection of Design Partner for Research and Development Centre on Bamboo Craft at SIDAC is hereby extended up to 16.07.2022 (5 pm). Interested bidders may download the fresh relevant documents available at our website www.sidacodisha.org.in and apply in the prescribed norms within the above stipulated time.

Sd/-
Member Secretary

State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar - 751030
SIDAC Tel No. +91 (0) 674 2350318, E-mail: sidacorissa@gmail.com, www.sidacodisha.org.in



## GOVERNMENT OF ODISHA
## "e"- PROCUREMENT NOTICE
No.B-61: **WORKS DEPARTMENT**

E-mail : ceworldbankprojects@gmail.com

**Bid Identification No. CE-W.B.P. (O) - 03 / 2022-23**

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below.
2. Nature of work : Road / Bridge works
3. No. of work : 13 nos.
4. Tender cost : Rs.10,000.00 (on-line)
5. Class of Contractor : Special/Super Class Contractor
6. Available of bid document in the website : From 10.00 AM of 26.04.2022 to 5.00 PM of 18.05.2022
7. Date of opening of Bid : Dt. 19.05.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0023/2223



## DISTRICT PROJECT OFFICE SS, SAMBALPUR
2nd Floor Collectorate Sambalpur,
Ph.No.0663-241834

### SHORT TENDER CALL NOTICE

BID IDENTIFICATION NO.SSAA/SBP/CIVIL/36/2022-23
No.157/CW Dt.28.06.2022

Sealed tenders are on official pad (having detail address) are invited from authorised licensed Electrical Contractor having valid license (HT) as per following terms and condition.

| S. N. | Items | Specification | Quoted rate |
|---|---|---|---|
| 1 | Shifting of 11 K.V. line (with 11 K.V. Kisinda feeder) at KGBV Hostel Building, Sarapali, Block-Naktideul, Dist-Sambalpur | As per estimate approved by the Executive Engineer TPWODL, SEED, Sambalpur, with an estimated cost of Rs.4,91,336.00/- | |

**TERMS AND CONDITIONS**

1- Rate quotation must be submitted along with
a- Authorised license having valid period.
b-GST registration certificate.
C-Photo copy of PAN .
d-EMD Rs 10,000/- in shape of TDR pledge to District Project Coordinator, SSA, Sambalpur.
2- Sealed rate quotation along with above document must be submitted to the office of undersigned by 5.00 pm of 11.07.2022 and will be opened at 4.00 pm of 12.07.2022. Successful bidder will have to submit security deposit of Rs 25,000/- in shape of TDR pledge to District Project Coordinator, SSA, Sambalpur
3- Work order will be issued to the lowest bidder within Three days.
4- Full payment will be released after completion of the work and submission of the completion certificate issued by the Executive Engineer TPWODL, SEED, Sambalpur or his authorised person and all the dismantled materials should be return to the nearest store of TPWODL
5- Authority reserve the right to cancel the tender without assigning any reason thereof.

Sd./- District Project Coordinator
SS, Sambalpur



यूनियन बैंक ऑफ़ इंडिया Union Bank of India
आन्ध्रा Andhra | कार्पोरेशन Corporation

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଗାଡି ନିଲାମ ବିକ୍ରୟ ନୋଟିସ୍**

ବ୍ୟାଙ୍କ ଦ୍ୱାରା ଜବତ ହୋଇଥିବା ନିମ୍ନଲିଖିତ ଗାଡି **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିମ୍ନଦର୍ଶିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କାରଯାଉଛି । ଏହି ସର୍ବସାଧାରଣ ନୋଟିସ୍‌କୁ ଋଣ ନେଇଥିବା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କ ନିମନ୍ତେ ନୋଟିସ୍ ଭାବେ ଗ୍ରହଣ କରାଯିବ । ଏତଦ୍ ଦ୍ୱାରା ତାଙ୍କୁ ନିଲାମ ତାରିଖ ଦିନ ନିଲାମ ସ୍ଥାନରେ ଉପସ୍ଥିତ ରହି ତାଙ୍କର ବକେୟା ରାଶି ପୈଠ କରିବାକୁ କୁହାଯାଉଛି ଅନ୍ୟଥା ଗାଡି ନିଲାମ ହେବ ଏବଂ ବକେୟା ଯଦି କିଛି ରହିଯାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ତାଙ୍କ ଠାରୁ ଆଦାୟ ହେବ

| କ୍ର. ନଂ. | ଶାଖା / ଯୋଗାଯୋଗ ନଂ. | ଋଣଗ୍ରହୀତାଙ୍କ ନାମ | ଗାଡିର ନଂ. | ମେକ୍ ଆଣ୍ଡ ମଡେଲ୍ | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ |
|---|---|---|---|---|---|---|
| ୧ | କଟକ ଇସିବି / ୭୮୪୮୯୫୮୯୪୮ | ଶ୍ରୀ ସିଦ୍ଧାନ୍ତ ସାର୍ଥକ | OD-02-BT 7335 | Kia Seltos | ୨୦୨୧ | ଟ.୧୪,୪୪,୦୦୦/- |

ନିଲାମ ତାରିଖ ଏବଂ ସମୟ: ତା.୦୬.୦୭.୨୦୨୨ରିଖ ପୂର୍ବାହ୍ନ ୧୧.୩୦ ଘଟିକାରୁ ଅପରାହ୍ନ ୧୨.୩୦ ଘଟିକା
ନିଲାମ ସ୍ଥାନ: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ଇସିବି ଶାଖା, ବକ୍ସିବଜାର ରୋଡ, କଟକ-୭୫୩୦୦୧
ଅମାନତ ଜମା ରାଶି: ଉପର ଦର୍ଶିତ ସଂରକ୍ଷିତ ମୂଲ୍ୟର ୧୦%

**ନିୟମ ଏବଂ ସର୍ତ୍ତାବଳୀ:**

୧) ଦରଖାସ୍ତ ସହିତ ପରିଚୟ ପତ୍ର / ଠିକଣା ପ୍ରମାଣ ପତ୍ରର କପି (ମୂଳ ପ୍ରମାଣପତ୍ର ଗୁଡିକ ତନଖି ହେବ) ଏବଂ ଅମାନତ ଜମା ଗାଡି ନିମନ୍ତେ ଯେପରି ପ୍ରଯୁଜ୍ୟ ସେପରି ବ୍ୟାଙ୍କର୍ସ ଚେକ୍ / ଡ୍ରାଫ୍ଟ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ତା.୦୫.୦୭.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସୁଦ୍ଧା ପହଞ୍ଚିବା ଉଚିତ୍ । ୨) ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି ସମୟରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ/ରଦ୍ଦ/ବାତିଲ୍ କରିବାର ଅଧିକାର ନିଜ ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରଖିଛନ୍ତି । ୩) ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟ୍ୟାକ୍ସ ଏବଂ ପ୍ରଯୁଜ୍ୟ ଆରଟିଏ ଫିସ୍ ଅନ୍ତର୍ଭୁକ୍ତ ନୁହେଁ । ଏ ସମସ୍ତ ଖର୍ଚ୍ଚ ଅତିରିକ୍ତ ଏବଂ ଏଗୁଡିକ ସଫଳ ନିଲାମଧାରୀ ବହନ କରିବେ । ୪) ଗାଡି/ସମ୍ପତ୍ତିର ନିର୍ମାଣଗତ ବର୍ଷ, କାଗଜପତ୍ର, ଗାଡିର ଅବସ୍ଥା ସମ୍ବନ୍ଧୀୟ କୌଣସି ବିବାଦ ନିଲାମ ସମ୍ପନ୍ନ ହେବାପରେ ପ୍ରଯୁଜ୍ୟ ନୁହେଁ । ୫) ପଞ୍ଜିକୃତ ନିଲାମଧାରୀମାନେ କେବଳ ନିଲାମ ସ୍ଥଳକୁ ପ୍ରବେଶ କରିପାରିବେ । ୬) ନିଲାମ ପ୍ରକ୍ରିୟା ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କର ଅମାନତ ରାଶି (ଇମଡି) ସଙ୍ଗେସଙ୍ଗେ ଫେରସ୍ତ କରାଯିବ । ୭) ସଫଳ ସର୍ବୋଚ୍ଚ ନିଲାମଧାରୀ ଉକ୍ତ ଦିନ ଅମାନତ ରାଶି ଅନ୍ତର୍ଭୁକ୍ତ କରି ନିଲାମ ରାଶିର ସର୍ବନିମ୍ନ ୨୫% ଦାଖଲ କରିବେ ଅନ୍ୟଥା ନିଲାମକୁ ବିଚାର କରାନଯାଇ ବିନା କୌଣସି ପରବର୍ତ୍ତି ସୂଚନାରେ ଅମାନତ ରାଶି ବାଜ୍ୟାପ୍ତି କରାଯିବ । ୮) ସଫଳ କ୍ରେତା ଅବଶିଷ୍ଟ ନିଲାମ ରାଶି ନିଲାମ ତାରିଖ ଠାରୁ ପରବର୍ତ୍ତି ୧୫ ଦିନ ମଧ୍ୟରେ ପୈଠ କରିବେ । ୯) ୧୫ଦିନ ଠାରୁ ବିଳମ୍ବ କରିଲେ ବକେୟା ରାଶି ଉପରେ ୧୮% ବାର୍ଷିକ ସୁଧ ଲାଗୁ କରାଯିବ ଏବଂ ସଫଳ ନିଲାମଧାରୀ ତାହା ବହନ କରିବେ । ଯାହାକି ନିଲାମ ତାରିଖ ଠାରୁ ସର୍ବାଧିକ ୨୨ ଦିନ ଅପେକ୍ଷା ସମୟ ମଧ୍ୟରେ ପ୍ରଦାନ କରିବେ । ୧୦) ଧାର୍ଯ୍ୟ ୨୨ ଦିନ ମଧ୍ୟରେ ଦେୟ ପ୍ରଦାନରେ ବିଫଳ ହେଲେ, କାରବାର ବାତିଲ ହେବ ଏବଂ ପ୍ରଦାନ କରାଯାଇଥିବା ଅର୍ଥ ରାଶି ବାଜ୍ୟାପ୍ତି କରାଯାଇ କୌଣସି ସୂଚନା ନଦେଇ ଗାଡି/ଯନ୍ତ୍ରପାତି ପୁନଃ ବିକ୍ରୟ କରାଯିବ । ବିଳମ୍ବିତ ତାରିଖରେ ଦେୟ ଗ୍ରହଣ କରାଯିବା ବ୍ୟାଙ୍କର ନିଜସ୍ୱ କ୍ଷମତା ଉପରେ ନିର୍ଭର କରେ । ୧୧) ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରିସାରିବା ପରେ ସଫଳ ନିଲାମଧାରୀ ଷ୍ଟକ୍ୟାର୍ଡରୁ ଗାଡି ସ୍ଥାନାନ୍ତର କରିନେବା ସେମାନଙ୍କର ଦାୟିତ୍ୱ ଅଟେ । ୧୨) ସଫଳ ନିଲାମଧାରୀ ରିଲିଜ୍ ଆଦେଶ ତାରିଖ ଠାରୁ ୭ଦିନ ମଧ୍ୟରେ ଗାଡି ନିଶ୍ଚିତ ଭାବେ ଷ୍ଟକ୍ୟାର୍ଡରୁ ବାହାର କରିବା ସହିତ ତାଙ୍କ ନାମରେ ଆରସି ଟ୍ରାନ୍ସଫର କରିବା ଉଚିତ୍ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୦୬.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE: KEONJHAR
Tel. 06766-258301(O), email: se_nerwkjr@rediffmail.com
**eProcurement Notice for Road Works under DMF**
**Identification No. Road Online NCB No. 340**
**No. 1223 / Date: 22-06-2022**

No.O-534:- 1. Name of the work :- Road Works under DMF in the District of Keonjhar. 2. No. of work :- 07 (Seven) Nos. 3. Estimated Cost :- As per Annexure in NIT. 4. Class of Contractor (Eligible) :- As per Annexure in NIT. 5. Period of Completion:- As per Annexure in NIT. 6. Other details:

| Procurement Officer | Bid Identification No. | Availability of tender online for bidding: From | Availability of tender online for bidding: To | Last date & time of seeking tender clarification | Date & time of opening of tender in O/o C.C.E., R.W. Circle, Keonjhar: Technical Bid | Date & time of opening of tender in O/o C.C.E., R.W. Circle, Keonjhar: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.340 | Dt.05.07.22 at 11.00 A.M. | Dt.20.07.22 upto 5.00 P.M. | Dt.19.07.22 upto 5.00 P.M. | Dt.21.07.22 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in

Sd./- N.V.H. Rao, Chief Construction Engineer, R.W. Circle, Keonjhar
OIPR-25177/11/0008/2223

# ସିରିଜ୍ ପୋଛିନେଲା ୱେଷ୍ଟଇଣ୍ଡିଜ



ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ୱେଷ୍ଟଇଣ୍ଡିଜ ଦଳ।

**ସେଣ୍ଟ ଲୁସିଆ,୨୮।୬:** ସ୍ଥାନୀୟ ଡାରେନ ସାମି ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧୦ ଉଇକେଟରେ ବାଂଲାଦେଶକୁ ହରାଇ ଦେଇଛି। ପ୍ରଥମ ଇନିଂସରେ ବାଂଲାଦେଶ ୨୩୪ ରନ୍ କରିଥିବା ବେଳେ ଘରୋଇ ଦଳ ୪୦୮ ରନ୍ କରିଥିଲା। ୧୭୪ ରନ୍ ପଛରେ ଥିବା ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮୬ ରନ୍‌ରେ ସୀମିତ ରହିଥିଲା। ଫଳରେ ୱେଷ୍ଟଇଣ୍ଡିଜ ଆଗରେ ଧାର୍ଯ୍ୟ ହୋଇଥିଲା ୧୩ ରନ୍‌ର ଟାର୍ଗେଟ, ଯାହାକୁ ଘରୋଇ ଦଳ ବିନା କୌଣସି ଉଇକେଟରେ ହାସଲ କରି ନେଇଥିଲା। ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳିଥିବା କାଇଲ ମାୟର୍ସଙ୍କୁ ଉଭୟ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ସିରିଜ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୱେଷ୍ଟଇଣ୍ଡିଜ ୨-୦ରେ ପୋଛି ନେଇଛି। ଏଥିପୂର୍ବରୁ ଆଣ୍ଟିଗୁଆଠାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଘରୋଇ ଦଳ ୭ ଉଇକେଟରେ ଜିତି ନେଇଥିଲା। ଏହି ସିରିଜ୍ ବିଜୟ ସହ ୱେଷ୍ଟଇଣ୍ଡିଜକୁ ୨୪ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ମିଳିଛି।

# ମୋର୍ଗାନଙ୍କ ଅବସର ଘୋଷଣା

**ଲଣ୍ଡନ,୨୮।୬**



ଇଅନ ମୋର୍ଗାନ

ଇଂଲଣ୍ଡର ବିଶ୍ୱକପ୍ ବିଜେତା ଅଧିନାୟକ ଇଅନ ମୋର୍ଗାନ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ଅନେକ ଚିନ୍ତନ ଓ ଆଲୋଚନା ପରେ ମୁଁ ତୁରନ୍ତ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରୁଛି। ମୋ କ୍ୟାରିୟରର ସବୁଠୁ ସୁଖଦ ଓ ପୁରସ୍କୃତ ଅଧ୍ୟାୟକୁ ଶେଷ କରିବା ନିଷ୍ପତ୍ତି ନେବା ଆଦୌ ସହଜ ନ ଥିଲା। କିନ୍ତୁ ମୋ ମତରେ ସନ୍ନ୍ୟାସ ଲାଗି ଏହା ଉଚିତ ସମୟ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ବିବୃତିରେ ମୋର୍ଗାନ କହିଛନ୍ତି। ୨୦୦୬ରେ ସେ ଆୟର୍ଲାଣ୍ଡ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ସ୍କଟ୍‌ଲାଣ୍ଡ ବିପକ୍ଷ ପଦାର୍ପଣ ମ୍ୟାଚ୍‌ରେ ସେ ୯୯ରନ୍‌ର ପାଳି ଖେଳି ରନ୍‌ଆଉଟ୍ ହୋଇଥିଲେ। ଅନ୍ତର୍ଜାତୀୟ ପଦାର୍ପଣରେ ୯୯ ରନ୍‌ରେ ଆଉଟ୍ ହେବାରେ ସେ ପ୍ରଥମ କ୍ରିକେଟର ଥିଲେ। ତେବେ ତାଙ୍କୁ ପ୍ରଥମ ଶତକ ପାଇଁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ି ନ ଥିଲା। ୨୦୦୭ରେ ସେ ପ୍ରଥମ ଶତକ ହାସଲ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ୨୦୦୬ରୁ ୨୦୦୯ ମଧ୍ୟରେ ସେ ୨୩ ମ୍ୟାଚ୍ (୭୪୪ ରନ୍) ଖେଳିବା ପରେ ୨୦୧୦ରେ ତାଙ୍କୁ ମିଳିଥିଲା ଇଂଲଣ୍ଡ ଦଳରେ ସ୍ଥାନ। ବିଶ୍ୱର ପ୍ରଥମ କ୍ରିକେଟର ଭାବେ ସେ ଦୁଇ ଦେଶ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ଶତକ ହାସଲ କରିଥିଲେ। ସେ ଇଂଲଣ୍ଡ ପକ୍ଷରୁ ୨୨୫ ଦିନିକିଆ ମ୍ୟାଚ୍ ଖେଳି ୬,୯୫୭ ରନ୍ କରିଛନ୍ତି, ଯାହା ଦିନିକିଆ କ୍ରିକେଟରେ ଇଂଲିଶ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ। ତେବେ ଅଧିନାୟକ ଭାବେ ତାଙ୍କ ୭ ବର୍ଷର କାର୍ଯ୍ୟକାଳରେ ଇଂଲଣ୍ଡର ଧଳା ବଲ୍ କ୍ରିକେଟରେ ବିପ୍ଳବ ଆସିଥିଲା। ୨୦୧୫ ବିଶ୍ୱକପ୍ ପୂର୍ବରୁ ତାଙ୍କୁ ଆଲେଷ୍ଟର କୁକ୍‌ଙ୍କଠାରୁ ନେତୃତ୍ୱ ମିଳିଥିଲା। ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରୁ ଇଂଲଣ୍ଡର ବିଦାୟ ନେବା ପରେ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବାକୁ ଏକ ଅଭ୍ୟାସରେ ପରିଣତ କରିଥିଲା। ଶେଷରେ ତାଙ୍କ ନେତୃତ୍ୱରେ ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମଥର ପାଇଁ ଆଇସିସି ବିଶ୍ୱକପ୍ ହାତେଇଥିଲା। ସେ ୨୦୧୦ ଟି୨୦ ବିଶ୍ୱକପ୍ ଚାମ୍ପିୟନ ଦଳର ମଧ୍ୟ ସଦସ୍ୟ ଥିଲେ। ମୋଟ ଉପରେ ସେ ଦିନିକିଆରେ ୧୨୬ ଥର ଏବଂ ଟି୨୦ରେ ୭୨ ଥର ଇଂଲଣ୍ଡ ଦଳର ନେତୃତ୍ୱ ନେଇଥିଲେ। ୧୬ ବର୍ଷର ଲମ୍ବା ଅନ୍ତର୍ଜାତୀୟ କ୍ୟାରିୟରରେ ମୋର୍ଗାନ ୧୬ ଟେଷ୍ଟ (୭୦୦ ରନ୍), ୨୪୮ ଦିନିକିଆ (୭,୭୦୧) ଓ ୧୧୫ ଟି୨୦ (୨,୪୫୮) ଖେଳିଥିଲେ। ତାଙ୍କ ନାମରେ ଅନ୍ତର୍ଜାତୀୟ ସ୍ତରରେ ୧୬ ଶତକ ଓ ୬୪ ଅର୍ଦ୍ଧଶତକ ରହିଛି।

ଦ୍ୱିତୀୟ ଜନ୍ମବାର୍ଷିକ ଉତ୍ସବ



(ଅଂଶୁ)
ଦିବ୍ୟାଂଶୁ
ରୁଦ୍ରପୁର, ନହରକଣ୍ଟା, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ସନାତନ ବେହେରା (ଜେଜେ), ପ୍ରେମଲତା ବେହେରା (ଜେଜେମା'), ଦୀପକ କୁମାର ବେହେରା (ବାପା), ଲିପି ବେହେରା (ବୋଉ)।
ଧ-୮୪୭

# ଟି୨୦ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ଗସ୍ତ କରିବ ଭାରତ

**ୱେଲିଂଟନ,୨୮।୬:** ଅକ୍ଟୋବରରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପରେ ଭାରତୀୟ ଦଳ ସୀମିତ ଓଭର କ୍ରିକେଟ ସିରିଜ୍ ପାଇଁ ନ୍ୟୁଜିଲାଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଭାରତୀୟ ଦଳ ଘରୋଇ ନ୍ୟୁଜିଲାଣ୍ଡ ସହ ପ୍ରଥମେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ତା' ପରେ ଉଭୟ ଦଳ ମଧ୍ୟରେ ସମାନ ସଂଖ୍ୟକ ଦିନିକିଆ ମ୍ୟାଚ୍ ଖେଳାଯିବ। ଏ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଏହି ସିରିଜ୍ ନଭେମ୍ବର ୧୮ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ପରେ ଜାନୁୟାରୀରେ ନ୍ୟୁଜିଲାଣ୍ଡ ସୀମିତ ଓଭର ସିରିଜ୍ ପାଇଁ ଭାରତ ଆସିବ। ''ଟି୨୦ ବିଶ୍ୱକପ୍ ପରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଆସି ୱେଲିଂଟନ, ଟୌରାଙ୍ଗା ଓ ନାପିୟରରେ ଟି୨୦ ଏବଂ ଅକ୍‌ଲାଣ୍ଡ, ହାମିଲଟନ ଓ ଖ୍ରିଷ୍ଟଚର୍ଚ୍ଚଠାରେ ଦିନିକିଆ ଖେଳିବ। ତା' ପରେ ବ୍ଲାକକ୍ୟାପ୍ସ ଦଳ ପ୍ରଥମେ ପାକିସ୍ତାନ ଓ ଭାରତ ଗସ୍ତ କରିବ। ଫେବୃୟାରୀରେ ଦଳ ସ୍ୱଦେଶ ଫେରି ଇଂଲଣ୍ଡ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତ ହେବ'' ବୋଲି ଏନ୍‌ଜେଡ୍‌ସି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

# ଅଲିମ୍ପିକ ପଦକ ବିଜେତା ହକି ଖେଳାଳି ବରିନ୍ଦରଙ୍କ ପରଲୋକ

**ନୂଆଦିଲ୍ଲୀ, ୨୮।୬ (ପି.ଟି.)**

ଅଲିମ୍ପିକ ଓ ବିଶ୍ୱକପ୍ ପଦକ ବିଜେତା ବରିନ୍ଦର ସିଂଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ୧୯୭୦ ଦଶକରେ କେତେକ ସ୍ମରଣୀୟ ବିଜୟ ହାସଲ କରିଥିବା ଭାରତୀୟ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। କୁଆଲାଲମ୍ପୁରରେ ୧୯୭୫ରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସିଂ ଅଂଶବିଶେଷ ଥିଲେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ଥରେ ମାତ୍ର ସ୍ୱର୍ଣ୍ଣ ପଦକ ଲାଭ କରିଛି। ଦଳ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ଗୋଲରେ ପରାସ୍ତ କରିଥିଲା। ସିଂ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ବ୍ରୋଞ୍ଜ ଏବଂ ୧୯୭୩ରେ ଆମଷ୍ଟରଡାମ୍‌ରେ ରୌପ୍ୟ ଜିତିଥିବା ଦଳର ଅନ୍ୟତମ ସଦସ୍ୟ ଥିଲେ। ୧୯୭୪ ଓ ୧୯୭୮ ଏସିଆନ ଗେମ୍ସରେ



ବରିନ୍ଦର ସିଂ

ସେ ରୌପ୍ୟ ପଦକ ଜିତିଛନ୍ତି। ଭାରତୀୟ ହକି ଷ୍ଟଲୱାର୍ଟ ଆହୁରି ମଧ୍ୟ ୧୯୭୫ ମଣ୍ଟ୍ରିଲ ଅଲିମ୍ପିକ୍ସରେ ଖେଳିଥିଲେ। ୨୦୦୭ରେ ବରିନ୍ଦର ମର୍ଯ୍ୟାଦାପୂର୍ଣ୍ଣ ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ ହୋଇଥିଲେ। ହକି ଇଣ୍ଡିଆ ସିଂଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛି। ହକି ଜଗତ ବରିନ୍ଦର ସିଂଙ୍କ ସଫଳତା ମନେ ରଖିବ ବୋଲି ଏକ ଇସ୍ତାହାରରେ କୁହାଯାଇଛି।

# ମହିଳା ର୍‌ୟାଙ୍କିଙ୍ଗ୍: ଉପରକୁ ଉଠିଲେ ରାଧା

**ଦୁବାଇ,୨୮।୬**

ନିକଟରେ ଶେଷ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତୀୟ ବାମହାତୀ ସ୍ପିନର ରାଧା ଯାଦବଙ୍କ ର୍‌ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ମଙ୍ଗଳବାର ପ୍ରକାଶିତ ଆଇସିସି ମହିଳା ଟି୨୦ ଖେଳାଳିଙ୍କ ର୍‌ୟାଙ୍କିଙ୍ଗ୍‌ରେ ସେ ୧୩ତମ ସ୍ଥାନକୁ ଉଠିଛନ୍ତି। ସିରିଜ୍‌କୁ ୨-୧ରେ ଜିତିଥିବା ଟିମ୍ ଇଣ୍ଡିଆ ପାଇଁ ସେ ୩ ମ୍ୟାଚ୍‌ରେ ୪ ଉଇକେଟ ନେଇଥିଲେ। ଏଥିଯୋଗୁ ସେ ପୂର୍ବାପେକ୍ଷା ୭ ସ୍ଥାନ ଉପରକୁ ଉଠିଛନ୍ତି। ବ୍ୟାଟରଙ୍କ ତାଲିକାରେ ଶ୍ରୀଲଙ୍କା ଅଧିନାୟିକା ଚାମିରା ଆଟାପାଟୁ କ୍ୟାରିୟରର ଶ୍ରେଷ୍ଠ ୭ମ ମାନ୍ୟତା ହାସଲ କରିଛନ୍ତି। ଆଟାପାଟୁ ଅଲରାଉଣ୍ଡ ତାଲିକାରେ ଦୁଇଟି ସ୍ଥାନ ଉପରକୁ ଉଠି ୭ମ ସ୍ଥାନ ଅଧିକାର କରିଛନ୍ତି। ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନା(ଚତୁର୍ଥ), ଜେମିମା ରୋଡ୍ରିଗୁଏଜ(୧୪ତମ) ଓ ଅଧିନାୟିକା ହରମନପ୍ରୀତ କୌର(୧୮ତମ) ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି।

## ରାଜ୍ୟ ଖବର

# ରାସ୍ତା, ଡ୍ରେନ୍ ଦୁର୍ଘଟଣା ମୁକ୍ତ କର

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

### ଆସୁଛି ମୌସୁମୀ ବର୍ଷା

- ମୁକୁଳା ଡ୍ରେନ୍ ବନ୍ଦ କରିବାକୁ ନଗର ଉନ୍ନୟନ ବିଭାଗର କଡ଼ା ନିର୍ଦ୍ଦେଶ
- ୧୦ ସୁଦ୍ଧା ରିପୋର୍ଟ ଦେବେ ପୌର କମିଶନର, ନିର୍ବାହୀ ଅଧିକାରୀ

ଦକ୍ଷିଣ ପଶ୍ଚିମ ମୌସୁମୀ ରାଜ୍ୟରେ ପ୍ରବେଶ କରିସାରିଛି। ତଥାପି ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଡ୍ରେନ୍ ମୁକୁଳା ପଡ଼ିଛି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେଉନାହାନ୍ତି। ଫଳରେ ଲଗାଣ ବର୍ଷା ସମୟରେ ଧନଜୀବନ ନଷ୍ଟ ହେଉଛି। ଏଥିପାଇଁ ସରକାରଙ୍କୁ ବଦନାମ ହେବାକୁ ପଡୁଛି। ଆଗକୁ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ରାସ୍ତା, ଡ୍ରେନ୍‌ଗୁଡ଼ିକୁ ଦୁର୍ଘଟଣା ମୁକ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛି ଗୃହ ଓ ନଗର ଉନ୍ନୟନ ବିଭାଗ। ବିଶେଷ କରି ମୁକୁଳା ଡ୍ରେନ୍‌ଗୁଡ଼ିକରେ ସ୍ଲାବ ପକାଇ ବନ୍ଦ କରିବା ଲାଗି ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି। ଏ ନେଇ ବିଭାଗୀୟ ସଚିବ ଜି. ମାଥିଭାଥନନ୍ ସମସ୍ତ ମହାନଗର ନିଗମ କମିଶନର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି।

ବର୍ଷା ଜଳ ଅବାଧରେ ନିଷ୍କାସନ ଲାଗି ଡ୍ରେନ୍‌ଗୁଡ଼ିକୁ ସଫା କରିବା, ମୁକୁଳା ଡ୍ରେନ୍‌ରେ ଦୁର୍ଘଟଣା ଏଡ଼ାଇବାକୁ ସ୍ଲାବ ପକାଇବା, ସମ୍ବେଦନଶୀଳ ସ୍ଥାନରେ ଜାଲି ଲଗାଇବା ଏବଂ ସାଇନବୋର୍ଡ ମାରି ସତର୍କ କରିବାକୁ କୁହାଯାଇଛି। ଡ୍ରେନ୍ ଯୋଗୁ ଜୀବନହାନି ସମ୍ପର୍କିତ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାର ବଦନାମ ହେଉଛନ୍ତି। ମାନବାଧିକାର କମିଶନ ଓ କୋର୍ଟରେ ମାମଲା ରୁଜୁ ହେଉଛି। ସମସ୍ୟାର ସମାଧାନ ପାଇଁ ନିର୍ବାଚିତ ମେୟର ଓ ପୌରାଧ୍ୟକ୍ଷମାନେ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଜ କ୍ଷମତା ପରିସରରେ ସରକାରଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଓଭର ଫ୍ଲୋ ହେଉଥିବା ଡ୍ରେନ୍‌ଗୁଡ଼ିକୁ ନିୟମିତ ଯାଞ୍ଚ କରାଯିବ। ମୁକୁଳା ଡ୍ରେନ୍‌ରେ ଦୁର୍ଘଟଣା ଏଡ଼ାଇବାକୁ ପୌର ଅଧିକାରୀମାନେ ନିଜ ଅଞ୍ଚଳରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବେ। ସହରାଞ୍ଚଳ ବନ୍ୟାରେ ଡ୍ରେନ୍‌ଗୁଡ଼ିକ ଯେଉଁଭଳି ମୃତ୍ୟୁଯନ୍ତା ନ ପାଲଟେ ସେଥିପାଇଁ ସମ୍ପୃକ୍ତ ବିଭାଗ ଉତ୍ତରଦାୟୀ ରହିବ। ଡ୍ରେନ୍ ଓ ରାସ୍ତାର ପ୍ରତ୍ୟକ୍ଷ ଯାଞ୍ଚ ହେଉଛି କି ନାହିଁ କ୍ଷେତ୍ର ଅଧିକାରୀଙ୍କଠାରୁ ଏ ନେଇ ସାର୍ଟିଫିକେଟ ଆଣିବାକୁ କୁହାଯାଇଛି। ଏହି ସାର୍ଟିଫିକେଟଗୁଡ଼ିକ ୱାର୍ଡ କମିଟି ଓ ମିଶନ ଶକ୍ତି ସଦସ୍ୟଙ୍କ ସହିତ ଶେୟାର କରିବାକୁ ପଡ଼ିବ। ଜୁନ୍ ୩୦ ସୁଦ୍ଧା ସମସ୍ତ ଏଜେନ୍ସି କିମ୍ବା ଅଧିକାରୀ ଉକ୍ତ ସାର୍ଟିଫିକେଟ ଦାଖଲ କରିବେ। ସେଗୁଡ଼ିକୁ ଜୁଲାଇ ୭ ସୁଦ୍ଧା ୱାର୍ଡ କମିଟିକୁ ପଠାଯିବ। ଏ ନେଇ ଏକ ରିପୋର୍ଟ ଆସନ୍ତା ଜୁଲାଇ ୧୦ ସୁଦ୍ଧା ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରିବାକୁ ପୌର ପ୍ରଶାସନମାନଙ୍କୁ କୁହାଯାଇଛି।



ନାଲକୋ ଛକରୁ ପ୍ରେସ୍ ଛକ ମଧ୍ୟରେ ଗତ ୩ ମାସ ହେବ ରାସ୍ତାକଡ଼ ଖୋଳା ହୋଇପଡ଼ିଛି।

# ହାର୍ଡକୋର ମାଓବାଦୀ ଭାନ୍ତଲା ରାମକୃଷ୍ଣ ଗିରଫ

**ମାଲକାନଗିରି,୨୮।୬(ଡି.ଏନ୍.ଏ.)**

### ୩୯ ଲକ୍ଷ ଟଙ୍କା ଜବତ

- ଓଡ଼ିଶା ସମେତ ବିଭିନ୍ନ ଥାନାରେ ରହିଛି ୧୨୪ ମାମଲା
- ଆନ୍ଧ୍ରର ଜଣେ ବିଧାୟକ, ଜଣେ ପୂର୍ବତନ ବିଧାୟକଙ୍କ ହତ୍ୟାରେ ସମ୍ପୃକ୍ତ

ମାଲକାନଗିରି ଜିଲା ସୀମାନ୍ତ କୋଣ୍ଡ୍ରମ ଜଙ୍ଗଲରୁ ହାର୍ଡକୋର ମାଓବାଦୀ ଭାନ୍ତଲା ରାମକୃଷ୍ଣ ଓରଫ ପ୍ରଭାକର ଓରଫ ଅଶୋକଙ୍କୁ ମଙ୍ଗଳବାର ବିଶାଖାପାଟଣା ଜିଲା ପେଦାବାଇଲୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ୩୯ ଲକ୍ଷ ଟଙ୍କା ଜବତ ହୋଇଛି। ଖବରରୁ ଜଣାପଡ଼ିଛି, କୋଣ୍ଡ୍ରମ ଜଙ୍ଗଲରେ ଭାନ୍ତଲା ରାମକୃଷ୍ଣ ଥିବା ଖବରପାଇ ପୋଲିସ ଟିମ୍ ଚଢ଼ାଉ କରିଥିଲା। ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ ପରେ ପୋଲିସ ତାଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ତାଙ୍କ ନାମରେ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଭାନ୍ତଲା ରାମକୃଷ୍ଣ ମାଲକାନଗିରି ସୀମାନ୍ତ ଆନ୍ଧ୍ର ପ୍ରଦେଶର ପେଦାବାଇଲୁ-କୋରୁକୋଣ୍ଡା ମାଓବାଦୀ ଡିଭିଜନର ସଚିବ ଥିଲେ। ରାମକୃଷ୍ଣ ଏପର୍ଯ୍ୟନ୍ତ ଓଡିଶା ଏବଂ ପୂର୍ବ ଗୋଦାବରୀ ଅଞ୍ଚଳରେ ୧୨୪ଟି ମାମଲାରେ ଜଡିତ ଥିବା ପୋଲିସ ସୂଚନା ଦେଇଛି। ଏଥିରେ ୧୪ଟି ହତ୍ୟା, ୪ ବୋମା ବିସ୍ଫୋରଣ,୧୩ ଅଗ୍ନିକାଣ୍ଡ,୨ ଅପହରଣ ସହ ଅନ୍ୟାନ୍ୟ ମାମଲା ରହିଛି। ଆନ୍ଧ୍ର ପ୍ରଦେଶର ଜଣେ ବିଧାୟକ ଏବଂ ଜଣେ ପୂର୍ବତନ ବିଧାୟକଙ୍କ ହତ୍ୟା ଘଟଣାରେ ସେ ଜଡିତ ଥିବା ଜଣାପଡଛି। ଗିରଫ ପରେ ତାଙ୍କ ନିକଟରୁ ୩୯ ଲକ୍ଷ ଟଙ୍କା ସହ ୫ କିଲୋଗ୍ରାମର ଏକ ଲ୍ୟାଣ୍ଡମାଇନ୍, ୫ଟି ଡିଟୋନେଟର, ଗୋଟିଏ ୯ ମିମି ପିସ୍ତଲ ଓ ଗୁଳି ଆଦି ଜବତ ହୋଇଛି। ତାଙ୍କ ଗିରଫ ଖବର ପାଇ ତାଙ୍କ ଅଧୀନରେ କାର୍ଯ୍ୟରତ ୬୦ ଜଣ ମାଓବାଦୀ ପାର୍ଟି ସଦସ୍ୟ ଏବଂ ମିଲିସିଆ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି।

# ଆତ୍ମଦାହ ଉଦ୍ୟମ ବେଳେ ମୁକ୍ତିକାନ୍ତ ଗିରଫ

**ରାଉରକେଲା ଅଫିସ,୨୮।୬**

### ଏପ୍ରିଲ ୧ରେ ରାଉରକେଲାରୁ ଦିଲ୍ଲୀ ପଦଯାତ୍ରା କରିଥିଲେ

ରାଉରକେଲାର ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳଙ୍କୁ ମଙ୍ଗଳବାର ଦିଲ୍ଲୀ ପୋଲିସ ଗିରଫ କରିଛି। ମୁକ୍ତିକାନ୍ତ ସୋମବାର ରାଷ୍ଟ୍ରପତି ଭବନ ସମ୍ମୁଖ ବିଜୟ ଛକରେ ନିଜ ଦେହରେ ଡିଜେଲ ଢ଼ାଳି ଆତ୍ମଦାହ ଉଦ୍ୟମ କଲାବେଳେ ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇଥିଲେ। ପରେ ଦିଲ୍ଲୀ ସନ୍ତୋଷପୁର ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ମୁକ୍ତିକାନ୍ତଙ୍କ ଗିରଫଦାରିକୁ ନେଇ ରାଉରକେଲା ସହରରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ରାଉରକେଲାରେ କେନ୍ଦ୍ର ସରକାରଙ୍କ ଘୋଷିତ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍ ଓ ସୁପରସ୍ପେଶାଲିଷ୍ଟ ହସ୍ପିଟାଲକୁ ଏମ୍ସରେ ପରିବର୍ତ୍ତନ କରିବା ପାଇଁ ରାଉରକେଲାର ମୁକ୍ତିକାନ୍ତ ଗତ ଏପ୍ରିଲ ୧ ତାରିଖରେ ଦିଲ୍ଲୀ ପଦ ଯାତ୍ରା କରିଥିଲେ। ରାଉରକେଲାରୁ ଦିଲ୍ଲୀ ୧୪୫୦ କି.ମିକୁ ଦୀର୍ଘ ୭୫ ଦିନ ପଦଯାତ୍ରା କରିବା ପରେ ସେ ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରେ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ଗତ ୨୦ ତାରିଖରେ ପିଏମ୍‌ଙ୍କ କାର୍ଯ୍ୟାଳୟରେ ଏକ ଚିଠି ଦେଇଥିଲେ। ଚିଠି ଦେବାର ୭ ଦିନ ଭିତରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ କୌଣସି ଉତ୍ତର ମିଳି ନ ଥିଲା। ମୁକ୍ତିକାନ୍ତ ବାରମ୍ବାର ପିଏମ୍‌ଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ନ ପାରି ନିରାଶ ହୋଇଥିଲେ। ଫଳରେ ସେ ଦିଲ୍ଲୀର ଏକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଶ୍ରୟ ନେଇଥିଲେ। ସେଠାରେ ମଧ୍ୟ ପୋଲିସ ତାଙ୍କୁ ରହିବାକୁ ଦେଇ ନ ଥିଲା। ପରେ ସେ ଦିଲ୍ଲୀର ସନ୍ତୋଷପୁର ସ୍ଥିତ ଏକ ଗୁରୁଦ୍ୱାରାରେ ଆଶ୍ରୟ ନେଇଥିବାବେଳେ ପୋଲିସ ସେଠାରୁ ତଡି ତାଙ୍କୁ ଦେଇଥିଲା। ଫଳରେ ମୁକ୍ତିକାନ୍ତ ପ୍ରଧାମନ୍ତ୍ରୀଙ୍କୁ ସାକ୍ଷାତ କରି ନ ପାରିଲେ ଅନ୍ୟ କିଛି କଠୋର ପଦକ୍ଷେପ ନେବେ ବୋଲି ପୋଲିସ ପ୍ରଶାସନକୁ ଅବଗତ କରାଇଥିଲେ। ମଙ୍ଗଳବାର ସେ ନିଜ ଦେହରେ ଡିଜେଲ ଢାଳି ଆତ୍ମଦାହ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ମୁକ୍ତିକାନ୍ତ ଏହା ପୂର୍ବରୁ ବ୍ରାହ୍ମଣୀ ବ୍ରିଜ୍ ଓ ସୁପରସ୍ପେଶାଲିଷ୍ଟ ହସ୍ପିଟାଲ କାମ ତ୍ୱରାନିତ କରିବା ପାଇଁ ସେ ଦିଲ୍ଲୀ ପଦଯାତ୍ରା କରିଥିଲେ।

# ପୋଡ଼ାଗଲା ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର


**ଭୁବନେଶ୍ୱର,୨୮।୬(ବ୍ୟୁରୋ)**

- ହାଇକୋର୍ଟ ଏସ୍‌ଓପି ଜାରି କରି ନିର୍ଦ୍ଦେଶ ଦେଇଥିଲେ

୬ଟି ମାମଲାରେ ଜବତ ହୋଇଥିବା ୭କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାରକୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପୋଡ଼ି ନଷ୍ଟ କରିଛି। ମାମଲାର ବିଚାର ଶେଷ ପୂର୍ବରୁ ଦ୍ୱିତୀୟ ଥର ପାଇଁ ଏସ୍‌ଟିଏଫ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ହାଇକୋର୍ଟଙ୍କ ଅନୁମତି କ୍ରମେ ମାମଲାର ବିଚାର ଶେଷ ପୂର୍ବରୁ ଜବତ ୧ କେଜି ୩୦୫ ଗ୍ରାମ ବ୍ରାଉନ୍‌ସୁଗାରକୁ ଜୁନ ୧୦ରେ ଓଡ଼ିଶାରେ ପ୍ରଥମ ଥର ପାଇଁ ନଷ୍ଟ କରାଯାଇଥିଲା। ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ କୋର୍ଟ ମାମଲା (ନଂ. ୬/୨୦୨୦), (ନଂ. ୧୪/୨୦୨୨), (ନଂ. ୨୭/୨୦୨୦), (ନଂ. ୫/୨୦୨୧), (ନଂ. ୨୧/୨୦୨୧), (ନଂ. ୩୦/୨୦୨୧)ରେ ଜବତ ହୋଇଥିବା ୭ କେଜି ୩୫୬ ଗ୍ରାମ ବ୍ରାଉନ୍‌ସୁଗାରକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପି ରହିଛନ୍ତି। ସୋମବାର କମିଟି ସଦସ୍ୟଙ୍କ ସହ ରାଜ୍ୟ ଫରେନ୍‌ସିକ୍ ଲାବୋରେଟୋରୀର ଅଧିକାରୀ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ ଉକ୍ତ ବ୍ରାଉନ୍‌ସୁଗାରକୁ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ପୋଡ଼ି ନଷ୍ଟ କରିଦିଆଯାଇଛି। ଗତ ୩ବର୍ଷ ମଧ୍ୟରେ ସ୍ୱତନ୍ତ୍ର ଭାବେ ଚଢ଼ାଉ କରାଯାଇ ଏସ୍‌ଟିଏଫ୍ ଏବଂ ବିଭିନ୍ନ ଜିଲା ପୋଲିସ ଦ୍ୱାରା ୪.୫ ହଜାର କୁଇଣ୍ଟାଲ ଗଞ୍ଜେଇ ଓ ୧୦୪ କେଜି ବ୍ରାଉନ୍‌ସୁଗାର ଜବତ କରାଯାଇଛି। ବିଭିନ୍ନ କୋର୍ଟରେ ଏହି ମାମଲାଗୁଡ଼ିକ ବିଚାରାଧୀନ ରହିଛି। ଜବତ ନିଶାଦ୍ରବ୍ୟଗୁଡ଼ିକୁ ବିଭିନ୍ନ ଥାନା ଏବଂ କୋର୍ଟ ମାଲଖାନାରେ ଗଚ୍ଛିତ ରଖାଯାଇଛି। ଏଗୁଡ଼ିକୁ ଆସନ୍ତା ୩ରୁ ୬ମାସ ମଧ୍ୟରେ ନଷ୍ଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୟୁନିୟନ୍ ଅଫ୍ ଇଣ୍ଡିଆ ବନାମ ମୋହନଲାଲ ମାମଲାରେ ୨୦୧୬ ଜାନୁୟାରୀ ୨୮ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ବ୍ରାଉନ୍‌ସୁଗାର ନଷ୍ଟ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ବ୍ୟବସ୍ଥା ଓ ବୈଷୟିକ ତ୍ରୁଟି ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ତେଣୁ ଏସ୍‌ଟିଏଫ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏନେଇ ୨୦୨୨ ଜାନୁୟାରୀ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପି ଅନୁଯାୟୀ ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିବାକୁ ପୋଲିସକୁ ଅନୁମତି ଦେବା ପାଇଁ ତଳ କୋର୍ଟକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ମନେ ପଡ଼ନ୍ତି

ପ୍ରଥମ ପୁଣ୍ୟତିଥି ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହରିହର ମିଶ୍ର
A-148 Saheed Nagar, Bhubaneswar
ବାବା, ଚାହୁଁଚାହୁଁ ବର୍ଷେ ହୋଇଗଲା, ଆପଣ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ପୁଣ୍ୟ ସ୍ମରଣରେ ଆପଣଙ୍କର:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଓ ବନ୍ଧୁ ପରିଜନ।
ଧ-୭୩୭୦୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦୟାନିଧି ବେହେରା
ପୂର୍ତ୍ତବିଭାଗ ଅବସରପ୍ରାପ୍ତ କର୍ମଚାରୀ, ଢେଙ୍କାନାଳ
ଆବିର୍ଭାବ: ୨୫।୦୬।୧୯୪୩
ତିରୋଧାନ: ୧୦।୦୭।୨୦୨୧
ତୁମର ତ୍ୟାଗ, ନିଷ୍ଠା, ଆତ୍ମୀୟତା ଓ ଆଦର୍ଶ ଆମର ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମରାତ୍ମା ସଦ୍‌ଗତି ଓ ମୁକ୍ତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ବାସନ୍ତି, ପୁତ୍ର: ଜୟକୃଷ୍ଣ, ରାମକୃଷ୍ଣ, ଝିଅ-ଜ୍ୱାଇଁ: ଜୟନ୍ତୀ-ପ୍ରତାପ, ବୋହୂ: ବିନ୍ଦୁ, ନାତି-ନାତୁଣୀ: ପାୟଲ, ଲିପନ, ଲିଟା, କ୍ରିଷ୍ଣା, ପ୍ରିନ୍ସ, ବେହେରା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୪୦୦୧

## ଆଖୁଚାଷରେ ଭେଳାବନ୍ଧା

ଆଖୁଚାଷ ପାଇଁ ଚୟନ କରିଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ । ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ ।



## ପ୍ରାଣୀଙ୍କୁ ଜ୍ୱର ହେଲେ...



ବର୍ଷାଋତୁରେ ଗୋମହିଷାଦିଙ୍କ ଦେହରେ ଅଧିକ ତାତି ରହେ । ଏହି ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।

## ଚିନାବାଦାମରେ ସାର ପ୍ରୟୋଗ

ଚିନାବାଦାମ ଫସଲ ପାଇଁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର ପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



## ମିଶ୍ରିତ ଫସଲ ସମ୍ପର୍କରେ..



ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ । ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ ,ବିରି, ହରଡ଼,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ । ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ । ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା,ପଥରା, ଯୋଗେଶ, ଖଣ୍ଡଗିରି,କଳିଙ୍ଗ-୩, ହୀରା,ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ । ଧାନ ବିହନକୁ ସୋଡିୟମ ଫସଫେଟ ଦ୍ରବଣ (ଏକ ଲିଟର ପାଣିରେ ୩୫୮ ମିଲିଗ୍ରାମ) ୬ଘଣ୍ଟା ବତୁରାନ୍ତୁ ଓ ତା'ପରେ ଶୁଖାଇ ବୁଣନ୍ତୁ । ଏହାଦ୍ୱାରା ବିହନ ଭଲ ଗଜା ହୋଇଥାଏ ଓ ତଳି ଭଲ ବଢ଼ିଥାଏ । ଧାନ ବଦଳରେ ଅଣଧାନ ଫସଲ ଯଥା ମକା,ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ । ମରୁଡ଼ି ସହଣୀ ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ । ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟକରି ରଖନ୍ତୁ । ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ । ଏହାଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ । ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ । ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ । ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ । ଫଳତଃ ଜମିରେ ଘାସ କମ୍ ହୋଇଥାଏ । ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ ।

## ମଲ୍ଲୀଗଛର ବଂଶ ବିସ୍ତାର

ମଲ୍ଲୀ ଗଛର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ । କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ । ଜୁଲାଇ ମାସରେ ପଟାଳି କରି କଲମୀଗୁଡିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ । ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ



ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ । ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ । ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ । ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର । ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ ।

# ଅନୁମୋଦିତ ପ୍ରଣାଳୀରେ ତଳିଘରା

### ଜୁଲାଇ ମାସର କୃଷି ସୂଚନା



ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସଫରସ ଓ ୫ କି.ଗ୍ରା. ପଟାସ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନ ଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ । ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡ୍‌ର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।



୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସଫରସ ଓ ପଟାସ ଖାଦ୍ୟସାର

**ଡାଲି ଜାତୀୟ ଫସଲ :** ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇ.ପି.ଏମ୍. ୦୨-୩, ଆଇ.ପି.ଏମ୍. ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶି କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ । ଘାସମରା ଔଷଧ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ । ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ।

**ଗୋପାଳନ :** ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ । ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଗାଈଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ଔଷଧ ସିଞ୍ଚନ କରନ୍ତୁ । ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ ।

**କୁକୁଡ଼ା ପାଳନ :** କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ । କକ୍‌ସିଡ଼ିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ । ରାଣୀକ୍ଷେତ, ଆଇ.ବି.ଡି. ରୋଗର ଟିକା ଯଥାକ୍ରମେ ୫ରୁ ୭ ଦିନ ଓ ୧୨ରୁ ୧୪ ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ ।

**ସୂର୍ଯ୍ୟମୁଖୀ ଓ ରାଶି :** ବିହନକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍.ଡି.ସି. ୨ ଗ୍ରାମ୍÷୧ କି.ଗ୍ରା. ମଞ୍ଜି ପ୍ରତି) ଉପଚାର କରାଇ ଜୁଲାଇ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ । ରାଶି ଗଛ ସଂଖ୍ୟା ଅଧିକ ଥିଲେ ଦୁଇ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ବର୍ଷାଦିନିଆ ପନିପରିବା...



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ । ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍.ଡି.ସି. ୨ ଗ୍ରାମ୍ X୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ । ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ ।

# ଜହ୍ନି



ଡ. ପରେଶ କୁମାର ପଣ୍ଡା

ଜହ୍ନି ଭଜା, ଦଲା ଓ ତରକାରି ହିସାବରେ ବ୍ୟବହୃତ ହୋଇଥାଏ । ବର୍ଷା ଓ ଖରାଦିନେ ଏହାର ଆଦର ସମସ୍ତଙ୍କୁ ଜଣା । ଏଥିରେ ପୁଷ୍ଟିସାର ସହ ଅନେକ ଧାତବ ଲବଣ ରହିଥାଏ ।

**କିସମ :** ଆମ ରାଜ୍ୟରେ ଜଳବାୟୁରେ ଭଲ ଚାଷ ହୋଇଥାଏ । ସବୁ ଅଞ୍ଚଳରେ ଏହାର ଚାଷ ହେଉଛି । ବାୟୁମଣ୍ଡଳରେ ଉତ୍ତାପ ଅଧିକ ରହିଲେ ଅଣ୍ଡିରା ଫୁଲ ଅଧିକ ଫୁଟିଥାଏ । ଉର୍ବର, ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ । ଉନ୍ନତ କିସମଗୁଡିକ ହେଲା- (ଛୋଟ ଫଳ) ଧାରା, କନ୍ୟାକୁମାରୀ ; (ଲମ୍ବା ଫଳ) ସିଓ-୧, ସିଓ-୨,ପିକେଏମ୍-୧, ଆର୍କା ସୁଜାତା, ଆର୍କା ପ୍ରସନ୍ନ, ପୁଷା ନାସ୍‌ଦାର, ସାତପତ୍ରୀ ଇତ୍ୟାଦି । ସଙ୍କର ଜହ୍ନି ମଧ୍ୟରେ ଆର୍କା ବିକ୍ରମ, ଲତା, ନମ୍ରତା, ରବିନା, ରାଧିକା, ଗ୍ରୀନ୍ ଗୋଲ୍ଡ, ସିକେଏସ୍-୧ ବେଶ୍ ଲୋକପ୍ରିୟ ।

**ବିହନ :** ଏକର ପ୍ରତି ୧.୫ କି.ଗ୍ରା. ବିହନ ଦରକାର । ମଞ୍ଜିକୁ ୫-୬ ଘଣ୍ଟା ବତୁରାଇ ଲଗାଇଲେ ଶୀଘ୍ର ଗଜା ହୋଇଥାଏ । ଜୁନ୍-ଜୁଲାଇ ବା ଫେବୃୟାରୀ-ମାର୍ଚ୍ଚ ମାସରେ ୩-୪ ଓଡ଼ ଗୁଣ୍ଡଚାଷ ହୋଇଥିବା ଜମିରେ ୧୫-୨୦ ସେ.ମି. ଉଚ୍ଚା ମନ୍ଦା(କେବଳ ବର୍ଷାଦିନେ) କରି ଧାଡ଼ିକି ଧାଡ଼ି ୨.୫ମିଟର ଓ ମନ୍ଦାକୁ ମନ୍ଦା ୧ମି. ଦୂରତାରେ ଖତ, ମୂଳସାର ଓ ଉପର ମାଟି ଦେଇ ୩-୪ଟି ମଞ୍ଜି ଲଗାଯାଏ । ଏହିପରି ଏକର ପ୍ରତି ୧୬୦୦ମନ୍ଦା ହୋଇଥାଏ । ଏକର ପ୍ରତି ୫୦-୮୦ କୁଇଣ୍ଟାଲ ଖତ ଓ ୨୦:୧୬:୧୨ କି.ଗ୍ରା. ଏନ୍‌ପିକେ ସାର ଦିଆଯାଏ । ସମସ୍ତ ସାର ମଧ୍ୟରୁ କେବଳ ଅଧା ଯବକ୍ଷାରଜାନ(୩୦ ଦିନ ବେଳକୁ ଦିଆଯାଏ)କୁ ଛାଡ଼ି ସମସ୍ତ ଫସ୍‌ଫରସ୍+ ସମସ୍ତ ପଟାସ୍+ ଅଧା ଯବକ୍ଷାରଜାନ+ ଖତ ମୂଳସାର ଭାବେ ପ୍ରୟୋଗ କରାଯାଏ । ଗଛ ଉଠିଲା ପରେ ମନ୍ଦା ପ୍ରତି କେବଳ ୨ଟି ଗଛ ରଖାଯାଏ । ଅଣୁସାରର ଅଭାବ ଦେଖାଗଲେ ମିଶ୍ରିତ ଅଣୁସାର ୩ଗ୍ରାମ୍ ଲିଟର ପ୍ରତି ସିଞ୍ଚନ କରାଯାଏ ।

**ରୋଗପୋକ ପରିଚାଳନା :** ସାର ପ୍ରୟୋଗ ପୂର୍ବରୁ କୋଡାଖୁସା କରି





ଅନାବନା ଘାସ ବାଛି ଦିଆଯାଏ । ବର୍ଷାଋତୁରେ ରଞ୍ଜା ପୋତି ଗଛକୁ ମଡ଼ାଯାଏ । ଶୀତଦିନେ ୫-୭ଦିନ ଅନ୍ତରରେ ଜଳସେଚନ କରାଯାଏ । ଦୁଇପତ୍ରିଆ ଅବସ୍ଥାରେ ସପ୍ତାହ ଅନ୍ତରରେ ଇଥ୍ରେଲ ୧ମିଲି ୪ଲି. ପ୍ରତି ସପ୍ତାହ ଅନ୍ତରରେ ୨ଥର ସିଞ୍ଚନ କରାଯାଏ । ଏହା ଦ୍ୱାରା ମାଈଫୁଲ ଅଧିକ ଫୁଟିଥାଏ । ରୋଗପୋକ ପରିଚାଳନା ଅନ୍ୟ କଖାରୁ ଜାତୀୟ ଫସଲ ପରି କରାଯାଏ । କଅଁଳ ଅବସ୍ଥାରେ ଫଳ ତୋଳାଯାଏ । ୪୫-୫୦ ଦିନ ବେଳକୁ ପ୍ରଥମ ଫଳ ତୋଳାଯାଏ । ପ୍ରତି ୩-୪ ଦିନ ବ୍ୟବଧାନରେ ଜହ୍ନି ତୋଳି ବଛାବଛି କରି ବଜାରକୁ ପଠାଯାଏ । ଅଧିକ ବିଳମ୍ବରେ ଅମଳ କଲେ ଫଳଗୁଡିକ ବୁଢା ହୋଇ ଅଧିକ ତନ୍ତୁ ଧାରଣ କରିଥାଏ ଓ ଖାଦ୍ୟ ନିମନ୍ତେ ଅନୁପଯୁକ୍ତ ହୋଇଥାଏ । ୪ମାସ ମଧ୍ୟରେ ଏକର ପ୍ରତି ୪୦-୬୦ କୁଇଣ୍ଟାଲ ଅମଳରୁ ୪୦ହଜାର ଟଙ୍କା ଲାଭ ମିଳିଥାଏ ।

-ବ୍ଲକ କୃଷି ଅଧିକାରୀ, ଯାଜପୁର
ମୋ : ୯୪୩୭୧୧୨୭୦୪

# ୬ ଦିନରେ ୬ ପାହାଡ଼ ଚଢ଼ିଲେ ଆରାଧା

**ଭୁବନେଶ୍ୱର, ୨୮।୬ (କ୍ରୀଡ଼ା ପ୍ରତିନିଧି)**

ଏଭରେଷ୍ଟ ଆରୋହୀ ଗଣେଶ ଜେନାଙ୍କ କନ୍ୟା ଆରାଧା ଜେନା ନିକଟରେ ୬ ଦିନ ମଧ୍ୟରେ ୬ଟି ପାହାଡ଼ ଚଢ଼ି ଏକ ବିରଳ ସଫଳତାର ଅଧିକାରୀ ହୋଇଛନ୍ତି। ମାତ୍ର ୯ ବର୍ଷ ବୟସରେ ସେ ଚଳିତ ମାସ ୧୭ରୁ ୨୨ ମଧ୍ୟରେ ଏହି ରେକର୍ଡ କରିଛନ୍ତି। ବାପା ଗଣେଷ ଜେନା ଏଥିରେ ତାଙ୍କୁ

## ସର୍ବକନିଷ୍ଠ ପର୍ବତାରୋହୀ ଭାବେ ବିରଳ ସଫଳତା

ସହାୟତା କରିଥିଲେ। ଭୁବନେଶ୍ୱରର ଆରାଧା ୧୭ ତାରିଖରେ ହିମାଚଳ ପ୍ରଦେଶର ଜିସ୍ପା (୩,୭୫୬ ମିଟର/୧୨୩୨୨ ଫୁଟ), ୧୮ରେ ବରାଲାଚଲା (୪୯୫୩ ମିଟର/୧୬୨୫୦ ଫୁଟ), ୧୯ରେ ଭରତପୁର ବେସ୍ କ୍ୟାମ୍ପ (୪୬୮୭ ମିଟର/୧୫୩୭୭ ଫୁଟ), ୨୦ରେ ୟୁନୁମ ଆଡ୍‌ଭାନ୍ସ ବେସ୍ କ୍ୟାମ୍ପ (୫୩୮୫ ମିଟର/୧୭୬୬୭ ଫୁଟ), ୨୧ରେ ଲଦାଖର ସରଚୁ (୪୨୩୬ ମିଟର/୧୩୮୯୭ ଫୁଟ) ଏବଂ ୨୨ ତାରିଖରେ ହିମାଚଳ ପ୍ରଦେଶର ବାରାଲାଥଲା (୪୯୮୬ ମିଟର/୧୬୩୫୮ ଫୁଟ) ଆରୋହଣ କରିଥିଲେ। ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଆରାଧା ଭବିଷ୍ୟତରେ ସର୍ବକନିଷ୍ଠ ଏଭରେଷ୍ଟ ଆରୋହୀ ହେବାର ଲକ୍ଷ୍ୟ ରଖିଛନ୍ତି। ଗଣେଷ ଓ ଆରାଧା ମଙ୍ଗଳବାର ଭୁବନେଶ୍ୱର ଫେରିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ତାଙ୍କ ସହ ଯାତ୍ରା କରିଥିବା ଚିତ୍ରକର ରଜତ ରଞ୍ଜନ ନାଥ ମଧ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ଲକ୍ଷ୍ୟ ଅତ୍ୟନ୍ତ କଷ୍ଟସାଧ ହୋଇଥିଲେ ହେଁ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଆରାଧା ଏପରି ବିରଳ ସଫଳତାର ଅଧିକାରୀ ହୋଇପାରିଛନ୍ତି ବୋଲି ଗଣେଷ ପ୍ରକାଶ କରିଛନ୍ତି। ଆରାଧା ସମ୍ପ୍ରତି ଏମ୍‌ବିଏସ୍ ପବ୍ଲିକ ସ୍କୁଲରେ ଷ୍ଟାଣ୍ଡାର୍ଡ-୪ରେ ଅଧ୍ୟୟନରତ।



ଭୁବନେଶ୍ୱର ଫେରିବା ପରେ ମଙ୍ଗଳବାର ଆରାଧା ଓ ଗଣେଶ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ପ୍ରଣୟ ଜିତିଲେ: ପ୍ରଣିଥ, ସମୀରଙ୍କ ବିଦାୟ

**କୁଆଲାଲମ୍ପୁର, ୨୮।୬ (ପି.ଟି.):** ଭାରତର ଏଚ୍.ଏସ୍. ପ୍ରଣୟ ମାଲେସିଆ ଓପନ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ସ୍ଥାନୀୟ ଖେଳାଳି ଡାରେନ ଲିଉଙ୍କ ବିପକ୍ଷରେ ୨୧-୧୪, ୧୭-୨୧, ୨୧-୧୮ରେ କଷ୍ଟସାଧ ବିଜୟ ହାସଲ କରିଛନ୍ତି। ପ୍ରଣୟ ଚଳିତ ମାସ ପ୍ରଥମ ଭାଗରେ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏକଦା ଟପ୍ ଟେନ୍‌ରେ ରହିଥିବା କେରଳର ଏହି ୨୯ ବର୍ଷୀୟ ଖେଳାଳି ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାର ୨୧ତମ ସ୍ଥାନରେ ଅଛନ୍ତି। ଏହି ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପରବର୍ତ୍ତୀ ରାଉଣ୍ଡରେ ସେ ଚତୁର୍ଥ ସିଡ୍ ତଥା ଚାଇନିଜ ତାଇପେଇର ଚୋଉ ଟିନ୍ ଚେନ୍‌ଙ୍କୁ ଭେଟିବେ। ପ୍ରଥମରୁ ବି. ସାଇ ପ୍ରଣୀଥ ଓ ସମୀର ବର୍ମାଙ୍କ ପରାଜୟ ପରେ ପ୍ରଣୟଙ୍କ ବିଜୟ ଭାରତୀୟ ଶିବିରରେ ଉତ୍ସାହ ଆଣିଦେଇଛି। ପ୍ରଣୀଥ ଇଣ୍ଡୋନେସିଆର ଆନ୍ଥୋନୀ ସିନିସୁକା ଜିନ୍‌ଟିଙ୍ଗଙ୍କଠାରୁ ହାରିଯାଇଥିବା ବେଳେ ବିଶ୍ୱର ୮ ନମ୍ବର ମାନ୍ୟତାପ୍ରାପ୍ତ ଇଣ୍ଡୋନେସିଆର ଅନ୍ୟ ଜଣେ ଖେଳାଳି ଜୋନାଥନ କ୍ରିଷ୍ଟିଙ୍କଠାରୁ ହାରିଯାଇଛନ୍ତି। ୩୦ ବର୍ଷୀୟ ପ୍ରଣୀଥ ବର୍ତ୍ତମାନ ବିଶ୍ୱର ୧୯ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ୫୦ ମିନିଟରେ ଶେଷ ହୋଇଥିବା ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ସେ ଜିନ୍‌ଟିଙ୍ଗଙ୍କଠାରୁ ୧୫-୨୧, ୨୧-୧୯, ୯-୨୧ରେ ହାରିଯାଇଛନ୍ତି। ଅନ୍ୟ ମ୍ୟାଚରେ ସମୀର ଲଢୁଆ ପ୍ରଦର୍ଶନ କରିଥିଲେ ସୁଦ୍ଧା ୧୪-୨୧, ୨୧-୧୩ ଓ ୭-୨୧ରେ ପରାଜିତ ହୋଇଛନ୍ତି।

# କିଟ୍, ଉତ୍କଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୨୮।୬ (କ୍ରୀଡ଼ା ପ୍ରତିନିଧି)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଚାମ୍ପିୟନଶିପ୍‌ର ଶୀର୍ଷ ୪ ଦଳ ଚୂଡ଼ାନ୍ତ ହୋଇଯାଇଛି। ଓଡ଼ିଶାରୁ କିଟ୍ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଏହା ମଧ୍ୟରେ ସାମିଲ ହୋଇ ସର୍ବଭାରତୀୟ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇଛନ୍ତି। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ନକ୍‌ଆଉଟ ମ୍ୟାଚରେ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ଇନିଂସ ଓ ୧୧ ପଏଣ୍ଟରେ ରମାଦେବୀ ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ କିଟ୍ ଇନିଂସ ଓ ୧୫ ପଏଣ୍ଟରେ ରାଞ୍ଚି ବିଶ୍ୱବିଦ୍ୟାଳୟ, ଉତ୍କଳ ୨ ପଏଣ୍ଟରେ ବର୍ଦ୍ଧମାନ, ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୭ ପଏଣ୍ଟରେ ୱେଷ୍ଟବେଙ୍ଗଲ ଷ୍ଟେଟ୍ ୟୁନିଭର୍ସିଟି, ୟୁନିଭର୍ସିଟି ଅଫ୍ କଲ୍ୟାଣୀ ୩ ପଏଣ୍ଟରେ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପୂର୍ବରୁ ଅନୁଷ୍ଠିତ ଲିଗ୍ ମ୍ୟାଚରେ

## ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ

କିଟ୍ ୩ ପଏଣ୍ଟରେ ଉତ୍କଳକୁ ଏବଂ ଭିବିଏସ ପୂର୍ବାଞ୍ଚଳ ୬ ପଏଣ୍ଟରେ କଲ୍ୟାଣୀକୁ ହରାଇ ଦେଇଥିଲା। ନକ୍‌ଆଉଟ ମ୍ୟାଚ ଶେଷରେ ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଥିବା ଅନ୍ୟ ୨ଟି ଦଳ ହେଲେ ୟୁନିଭର୍ସିଟି ଅଫ୍ କଲ୍ୟାଣୀ (ପଶ୍ଚିମବଙ୍ଗ) ଏବଂ ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ (ଜଉନପୁର, ଉତ୍ତର ପ୍ରଦେଶ)। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଚାମ୍ପିୟନଶିପ୍ କର୍ନାଟକର ୟୁନିଭର୍ସିଟି ଅଫ୍ ମହୀଶୂରଠାରେ ଜୁଲାଇ ୫ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



ସର୍ବଭାରତୀୟ ମହିଳା ଖୋ ଖୋ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# ସ୍ପ୍ରିଣ୍ଟର ୱିଲସନ ୪ବର୍ଷ ବାସନ୍ଦ

**ବର୍ନ (ସୁଇଜରଲାଣ୍ଡ) ୨୮।୬ (ଏପି)**





ସୁଇଜରଲାଣ୍ଡ ସ୍ପ୍ରିଣ୍ଟର ଆଲେକ୍ସ ୱିଲ୍‌ସନଙ୍କୁ ମଙ୍ଗଳବାର ୪ବର୍ଷ ବାସନ୍ଦ କରାଯାଇଛି। ସେ ଉଦ୍ଦେଶ୍ୟମୂଳକ ଭାବେ ଆନାବୋଲିକ୍ ଷ୍ଟେରଏଡ୍ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏକ ଆଣ୍ଟି ଡୋପିଙ୍ଗ ଟ୍ରିବ୍ୟୁନାଲ ଦ୍ୱାରା ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି ମାମଲା ଗତବର୍ଷ ଟୋକିଓ ଅଲିମ୍ପିକ୍ସ ବେଳେ ଉଠିଥିଲା। ଏଥିରେ ପୁରୁଷ ୧୦୦ ମିଟର ଓ ୨୦୦ମିଟର ଦୌଡ଼ରେ ଭାଗ ନେବାକୁ ଥିବାର କିଛି ଦିନ ପୂର୍ବରୁ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ବିଚାରପତିମାନେ ୱିଲସନଙ୍କ ସାମୟିକ ସସ୍‌ପେଣ୍ଡ ଆଦେଶକୁ କାଏମ ରଖିଥିଲେ। ୨୦୨୧ ମାର୍ଚ୍ଚରେ ପ୍ରତିଯୋଗିତା ବାହାରେ ୨୦୧୮ ୟୁରୋପିଆନ ଚାମ୍ପିୟନଶିପ୍ ୨୦୦ମିଟର ବ୍ରୋଞ୍ଜ ବିଜେତା ୱିଲସନ ଷ୍ଟେରଏଡ୍ ଟ୍ରେନ୍‌ବୋଲନ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଲାସ୍ ଭେଗାସଠାରେ ଦୂଷିତ ମାଂସ ଖାଇଥିବାରୁ ଫଳାଫଳ ଏପରି ହୋଇଛି ବୋଲି ଆଥଲେଟ ଜଣକ ଯୁକ୍ତି କରିଥିଲେ। ଫଳରେ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ତାଙ୍କୁ ପ୍ରତିଯୋଗିତାରେ ଭାଗ ନେବାଲାଗି ଅନୁମତି ମିଳିଥିଲା। ଏକ ଶୃଙ୍ଖଳାଗତ ତଦନ୍ତ ବେଳେ ୱିଲସନଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ମାତ୍ର ୱାର୍ଲ୍ଡ ଆଣ୍ଟି-ଡୋପିଙ୍ଗ ଏଜେନ୍ସି ଓ ୱାର୍ଲ୍ଡ ଆଥଲେଟିକ୍ସ କାର୍ଯ୍ୟଧାରାରେ କାସ୍‌ର ହସ୍ତକ୍ଷେପ ପରେ ୱିଲସନ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇ ପାରି ନ ଥିଲେ। ମାତ୍ର ବର୍ତ୍ତମାନ ସୁଇସ୍ ଅଲିମ୍ପିକ ଟ୍ରିବ୍ୟୁନାଲ ଏହାର ରୁଲିଂରେ ୩୧ ବର୍ଷୀୟ ୱିଲସନ ଜାଣିଶୁଣି ଡୋପିଙ୍ଗ ବ୍ୟବହାର କରିଥିବା କରିଛନ୍ତି। ଏଥିସହିତ ଦଣ୍ଡବିଧାନ ସ୍ୱରୂପ ଏହି ଆଥଲେଟଙ୍କୁ ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ବାସନ୍ଦ କରିଛନ୍ତି। ୱିଲସନ ଚାହିଁଲେ ଏହି ରୁଲିଂ ବିରୋଧରେ କାସ୍‌ରେ ଅପିଲ କରିପାରିବେ।

# କୋଭିଡ୍ ପଜିଟିଭ ପରେ ୱିମ୍ବେଲଡନରୁ ଓହରିଲେ ବରେଟେନି

**ୱିମ୍ବେଲଡନ (ଇଂଲଣ୍ଡ) ୨୮।୬ (ଏପି):** କୋଭିଡ୍ ପଜିଟିଭ ଜଣାପଡ଼ିବା ପରେ ଗତବର୍ଷର ରନର୍ସ ଅପ୍ ମାଟେଓ ବରେଟେନି ଚଳିତ ୱିମ୍ବେଲଡନ ଓପନ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ମଙ୍ଗଳବାର ସେ ଏହି ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଖେଳିଥାନ୍ତେ। ଗତ କିଛି ଦିନ ହେଲା ବରେଟେନିଙ୍କ ନିକଟରେ ଫ୍ଲୁ'ର ଲକ୍ଷଣ ଦେଖା ଦେଇଥିଲା। ଦୁଇ ଦିନ ଭିତରେ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହୋଇ ଟୁର୍ନାମେଣ୍ଟରୁ ଓହରିଯିବାରେ ସେ ଦ୍ୱିତୀୟ ଖେଳାଳି। ପୂର୍ବରୁ ୨୦୧୪ ୟୁଏସ୍ ଓପନ ଓ ୨୦୧୭ ୱିମ୍ବେଲଡନ ଫାଇନାଲିଷ୍ଟ ମାରିନ୍ ସିଲିକ ସମାନ କାରଣରୁ ପ୍ରଥମ ଖେଳାଳି ଭାବେ ଚାମ୍ପିୟନଶିପ୍‌ରୁ ଓହରିଯାଇଥିଲେ। ମହାମାରୀ ଯୋଗୁ ୨୦୨୦ରେ ୱିମ୍ବେଲଡନ ଓପନର ଆୟୋଜନ କରାଯାଇ ନ ଥିଲା। ୨୦୨୧ରେ ସତର୍କତାମୂଳକ ପଦକ୍ଷେପ ସହ ମ୍ୟାଚ ଖେଳାଯାଇଥିବାବେଳେ ଏଥର କିନ୍ତୁ ୱିମ୍ବେଲଡନ ସ୍ୱାଭାବିକ ଅବସ୍ଥାକୁ ଫେରିଛି।

# ମିରାଣ୍ଡା ହେଲେ ଓଡ଼ିଶା ଏଫ୍‌ସିର ସହାୟକ କୋଚ୍

**ଭୁବନେଶ୍ୱର,୨୮।୬:** ପୂର୍ବତନ ଭାରତୀୟ ମିଡ୍‌ଫିଲ୍ଡର କ୍ଲିଫର୍ଡ ମିରାଣ୍ଡାଙ୍କୁ ଓଡ଼ିଶା ଏଫ୍‌ସି ସହାୟକ କୋଚ୍ ପଦରେ ନିଯୁକ୍ତ କରିଛି। ଏ ନେଇ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଆସନ୍ତା ୧ ତାରିଖରୁ ୩୯ ବର୍ଷୀୟ ପୂର୍ବତନ ଫୁଟବଲର ଜୋଶେଫ ଗୋମ୍ବାଉଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ ଯୋଗ ଦେବେ। ମିରାଣ୍ଡା ୨୦୦୦ରୁ ୨୦୧୫ ପର୍ଯ୍ୟନ୍ତ ଡେମ୍ପୋ ପାଇଁ ନ୍ୟାଶନାଲ ଫୁଟବଲ ଲିଗ୍ ଏବଂ ଆଇ-ଲିଗ୍ ଖେଳିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ୫ ଲିଗ୍ ଟାଇଟଲ ଓ ୨୦୦୪ରେ ଫେଡେରେଶନ କପ୍ ଜିତିଥିଲା। ଦଳକୁ ୪ ଡୋମେଷ୍ଟିକ୍ କପ୍ ଜିତିବାରେ ସାହାଯ୍ୟ କରିଥିଲେ। ସେ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସେ ୪୫ ମ୍ୟାଚ୍ ଖେଳି ୬ ଗୋଲ କରିଥିଲେ। ୨୦୦୮ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ। ସେ ଦୁଇଟି ସାଫ ଚାମ୍ପିୟନଶିପ୍ ମଧ୍ୟ ଜିତିଛନ୍ତି। ୨୦୧୫ ଜୁଲାଇରେ ମିରାଣ୍ଡା ଆଟଲେଟିକୋ କୋଲକାତା ସହ ଖେଳିବା ଆରମ୍ଭ କରିଥିଲେ। ୨୦୧୭ରେ ପେଶାଦାର ଫୁଟବଲରୁ ଅବସର ନେବା ପରେ ତାଙ୍କର ପୂର୍ବତନ କାଚ୍ ଡେରିକ ପେରିରା ବୁଝାଇବା ଯୋଗୁ ସେ କୋଚ୍ ଭାବେ କ୍ୟାରିୟର ଆରମ୍ଭ କରିଥିଲେ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ